

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର, ୦୩ ସେପ୍ଟେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 03 SEPTEMBER 2022
Vol.No. 35 ■ No. 231 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


# ବିଧାୟକ କିଣୁଛି ବିଜେପି : ଆପ୍



ନୂଆଦିଲ୍ଲୀ, ୦୨/୦୯ : ବିଜେପି ବିରୋଧରେ ମୋର୍ଚ୍ଚା ଖୋଲିଛି ଆମ ଆଦମୀ ପାର୍ଟି । ଆପର ଅଭିଯୋଗ, ଦେଶସାରା ଅପରେସନ ଲୋଟସ କରି ବିଭିନ୍ନ ରାଜ୍ୟର ସରକାର ଭାଙ୍ଗୁଛି ବିଜେପି ତେଣୁ ଏହାର ସିବିଆଇ ତଦନ୍ତ କରାଯାଉ । ଏହି ଦାବି ନେଇ ସିବିଆଇ ମୁଖ୍ୟାଳୟ ସମ୍ମୁଖରେ ପହଞ୍ଚି ଆପ ନେତାମାନେ ଜୋରଦାର ବିକ୍ଷୋଭ ମଧ୍ୟ କରୁଛନ୍ତି । ବିଭିନ୍ନ ରାଜ୍ୟର ସରକାର ପ୍ରତି ବିଜେପି ଷଡଯନ୍ତ୍ର କରୁଛି । ସରକାର ପ୍ରତିଅସ୍ଥିରତା ସୃଷ୍ଟି କରୁଛି । ଏଭଳି କିଛି ଅଭିଯୋଗ ଆଣି ରାଷ୍ଟ୍ରପତିଙ୍କ ସହ ଆଲୋଚନା ପାଇଁ ସମୟ ମାଗିଛି ଆମ ଆଦମୀ ପାର୍ଟି । ଆପ କହିଛି ବିଜେପି ପ୍ରାୟ ୬୩ହଜାର କୋଟି ଲାଞ୍ଚ ଦେଇ ୨୭୭ ଜଣ ବିଧାୟକଙ୍କୁ କିଣିସାରିଲାଣି । ରାଜ୍ୟର ଅଣବିଜେପି ଶାସିତ ରାଜ୍ୟରେ ସରକାରଙ୍କୁ ଭାଙ୍ଗିବାକୁ ବିଜେପି ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି ।

## ଭାରତୀୟ ନୌସେନାରେ ସାମିଲ ହେଲା ନୂଆ ଆଇଏନଏସ ବିକ୍ରାନ୍ତ

### ବଢିଲା ସେନାର ଶକ୍ତି, ହିନ୍ଦ ମହାସାଗରରେ ଚୀନକୁ ଚେକ ଦେବ ଭାରତ



ନୂଆଦିଲ୍ଲୀ, ୦୨/୦୯ : ସ୍ୱଦେଶୀ କୌଶଳରେ ନିର୍ମିତ ଏୟାରକ୍ରାଫ୍ଟ କ୍ୟାରିୟର ଆଇଏନଏସ ବିକ୍ରାନ୍ତ ଶୁକ୍ରବାର ଭାରତୀୟ ସେନାରେ ସାମିଲ ହୋଇଛି । ନୌସେନାକୁ ଏହି ବଡ ଉପହାର ଦେଇଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ ଓ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ । ପୁରୁଣା ଆଇଏନଏସ ବିକ୍ରାନ୍ତର ଅବସର ନେବା ୧୮ବର୍ଷ ପରେ ଏବେ ସେନାରେ ସାମିଲ ହୋଇଛି । ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଆଇଏନଏସ ବିକ୍ରାନ୍ତ । କେରଳ କୋଚିନଠାରେ ପ୍ରଧାନମନ୍ତ୍ରୀ ଏହାକୁ ଦେଶ ଉଦ୍ଦେଶ୍ୟରେ ସମର୍ପଣ କରିଛନ୍ତି । ବିକ୍ରାନ୍ତ ସାମିଲ ହେବା ପରେ ନୌସେନାର ଶକ୍ତି ବେଶ ବଢ଼ିଯିବ । ଏହାସହ ଭାରତ ମହାସାଗରେ ଚୀନ ନିଜର ଦବଦବା ଜାହିର କରୁଥିବାବେଳେ ଏବେ ଆଇଏନଏସ ବିକ୍ରାନ୍ତର ମୃତୟନ ଚୀନକୁ ଚେକ୍ ଦେବାରେ ବେଶ ସହାୟକ ହେବ । ଏଥିସହ ସମୁଦ୍ରରେ ଭାରତୀୟ ସେନାର ଶକ୍ତି ମଧ୍ୟ ବେଶ ବୃଦ୍ଧି ପାଇବ । ଆତ୍ମନିର୍ଭର ଭାରତର ଏହା ଅନ୍ୟତମ ବଡ ଉଦାହରଣ ହୋଇ ନୂଆ ମାଇଲଖୁଣ୍ଟ ସ୍ଥାପନ କରିବାକୁ ଯାଉଛି । ଭାରତୀୟ ନୌସେନାର ୧୯୬୧ ମସିହାରେ ପ୍ରଥମ ଥର ପାଇଁ ଆଇଏନଏସ ବିକ୍ରାନ୍ତ ସାମିଲ ହୋଇଥିଲା । ମୂଳତଃ ଏହାର ନାଁ ଆଇଏନଏସ ▶▶ପୃଷ୍ଠା ୭

## ୪ ବରିଷ୍ଠ ଆଇପିଏସଙ୍କୁ ଡିଜି ପାହ୍ୟା ପଦୋନ୍ନତ

ଭୁବନେଶ୍ୱର, ୦୨/୦୯ (ନି.ପ୍ର): ଆଇପିଏସ ସ୍ତରରେ ଅଦଳବଦଳର କରିଛନ୍ତି ରାଜ୍ୟ ସରକାର । ୪ ଜଣ ବରିଷ୍ଠ ଆଇପିଏସ ଅଫିସରଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି ରାଜ୍ୟ ସରକାର । ଏମାନଙ୍କ ମଧ୍ୟରେ ଅଛନ୍ତି, ୧୯୮୯ ବ୍ୟାଚ୍ ଆଇପିଏସ ଅଫିସର ପ୍ରାଣବନ୍ଧୁ ଆଚାର୍ଯ୍ୟ, ୧୯୮୯ ବ୍ୟାଚ୍ ଆଇପିଏସ ଅଫିସର ସିଦ୍ଧାର୍ଥ ନରଓ୍ୱଣେ । ୧୯୮୯ ବ୍ୟାଚ୍ ଆଇପିଏସ ଅଫିସର ଅମିତ ମୋହନ ପ୍ରସାଦ ଓ ୧୯୮୯ ବ୍ୟାଚ୍ ଆଇପିଏସ ଅଫିସର ବି. ରାଧିକା । ସବୁଠାରୁ ବଡ଼ କଥା ହେଲା, ବି.ରାଧିକା ଓଡ଼ିଶାର ପ୍ରଥମ ମହିଳା ଆଇପିଏସ, ଯିଏ କି ଡିଜି ପାହ୍ୟାକୁ ପଦୋନ୍ନତି ପାଇଛନ୍ତି । ଏନେଇ ସାଧାରଣ ପ୍ରଶାସନ ବିଭାଗ ତରଫରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ଗାଁ ଗାଁରେ ଗରିବ ଖୋଜିବେ ସରକାର

ଭୁବନେଶ୍ୱର, ୦୨/୦୯ (ନି.ପ୍ର): ଦାରିଦ୍ର୍ୟ ଦୂରିକରଣ ପାଇଁ ସରକାର ଅନେକ ଯୋଜନା କରୁଛନ୍ତି । କିନ୍ତୁ ରାଜ୍ୟର ଗରିବୀ ସଂଖ୍ୟା ଯେମିତି ହ୍ରାସ ପାଇବା କଥା ସେମିତି ଦେଖିବାକୁ ମିଳୁନାହିଁ । ତେବେ କାହିଁକି ରାଜ୍ୟରେ ଗରିବୀ ସଂଖ୍ୟା କମୁନାହିଁ ? ହେଉଥିବା ଯୋଜନା ଲୋକଙ୍କ ନିକଟରେ ପହଁଚୁଛି କି ନାହିଁ ? ଏହାର ଅନୁଧ୍ୟାନ କରିବାକୁ ସରକାର ଏକ ବଡ ପଦକ୍ଷେପ ନେବାକୁ ଯାଉଛନ୍ତି । ଏଣିକି ଗାଁ ଗାଁ ଓ ଘର ଘର ବୁଲି ଲୋକଙ୍କ ଠାରୁ ତଥ୍ୟ ନେବେ ଅଫିସର । ଯୋଜନା ସଂଯୋଜନା ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ଏହି କାର୍ଯ୍ୟକ୍ରମ । ଏହି ବିଭାଗ ଅଧିନରେ କାର୍ଯ୍ୟ କରୁଥିବା ଏଜେନ୍ସି ପିଏଚଡିଏମଏ ସଂସ୍ଥା ଯୋଜନାର ମୂଲ୍ୟାଙ୍କନ କରିବା ସହିତ ଲୋକଙ୍କ ସୁବିଧା ଅସୁବିଧା ବୁଝିବେ ।

## ପୋକ୍ସୋ କୋର୍ଟ ବିଚାରପତିଙ୍କ ଆତ୍ମହତ୍ୟା



କଟକ/ ଭୁବନେଶ୍ୱର, ୦୨/୦୯ (ନି.ପ୍ର): କଟକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ସୁବାସ କୁମାର ବିହାରୀ ଆତ୍ମହତ୍ୟା କରିଛନ୍ତି । ଶୁକ୍ରବାର କଟକର ସିଡିଏ ସେକ୍ଟର -୯ ସ୍ଥିତ ସରକାରୀ ଘରେ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି । ସିଡିଏର ଏକ ଘରୋଇ ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରାଯାଇଛି । ତାଙ୍କ ମୃତଦେହକୁ ସେଠାରୁ କଟକ ବଡ଼ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ନିଆଯାଇଛି । ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଥିବାବେଳେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି । ସୂଚନା ଅନୁଯାୟୀ ବିଚାରପତି ଜଣକ ୨ ଦିନ ହେବ ଛୁଟିରେ ଥିଲେ । ଆଜି ଛୁଟି ସରୁଥିବା ବେଳେ ଷ୍ଟେନୋଙ୍କୁ ଫୋନ୍ କରି ପୁଣି ଥରେ ଛୁଟିରେ ରହିବେ ବୋଲି କହିଥିଲେ । ଘରେ କେହି ନଥିବା ବେଳେ ସେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି । ତାଙ୍କ ପତ୍ନୀ ଓ ଦୁଇ ଝିଅ ବଜାର ଯାଇଥିଲେ । ସେହିପରି ତାଙ୍କ ଅର୍ଡର୍ଲି ୧୨ଟା ବେଳେ କାମ ଶେଷ କରି ଚାଲି ଯାଇଥିଲେ । ତାଙ୍କ ପତ୍ନୀ ଓ ଝିଅମାନେ ବଜାରରୁ ଫେରିବା ପରେ କବାଟ ବାଡ଼େଇଥିଲେ । ଭିତର ପଟରୁ କୌଣସି ଉତର ନଆସିବାରୁ ସେମାନେ ଅର୍ଡର୍ଲିଙ୍କୁ ଡକାଇଥିଲେ । ଏହା ପରେ କବାଟ ଭଙ୍ଗା ଯାଇଥିଲା । କବାଟ ଭାଙ୍ଗି ଭିତରେ ପଶିବା ପରେ ସେମାନେ ବିଚାରପତିଙ୍କୁ ▶▶ପୃଷ୍ଠା ୭

## ଟିଏମସି ନେତା ଅଭିଷେକ ବାନାର୍ଜୀଙ୍କୁ ଇଡିର ୭ ଘଣ୍ଟା ଜେରା



କୋଲକାତା, ୦୨/୦୯ (ନି.ପ୍ର): କୋଇଲା ଦୁର୍ନୀତି ମାମଲାରେ ଆଜି ଟିଏମସିର ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କୁ ଇଡି ୭ ଘଣ୍ଟା ଧରି ଜେରା କରିଥିଲା । ଅଭିଷେକ ହେଉଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା । ଆଜି କୋଲକାତାର ସଲଟ୍ ଲେକ ନିକଟସ୍ଥ ସିଜିଓ କମ୍ପ୍ଲେକ୍ସରେ ଥିବା ଇଡି ଅଫିସରେ ଅଭିଷେକ ହାଜର ହୋଇଥିଲେ । ୫ ଜଣିଆ ଇଡି ଅଫିସର ଅଭିଷେକଙ୍କୁ ଜେରା ପାଇଁ ଗୁରୁବରୀ କୋଲକାତାରେ ପହଞ୍ଚିଥିଲେ । ଇଡି ପକ୍ଷରୁ ଏହା ତୃତୀୟ ଥର ପାଇଁ ତାଙ୍କୁ ଜେରା କରାଯାଇଛି । ଇଡି ମଧ୍ୟ ଅଭିଷେକଙ୍କ ଶାଳି ମେନକା ଗମ୍ଭୀରଙ୍କୁ ମଧ୍ୟ ନୋଟିସ କରିଛି । ସେପ୍ଟେମ୍ବର ୫ରେ ତାଙ୍କୁ ନୂଆଦିଲ୍ଲୀରରେ ହାଜର ପାଇଁ ନୋଟିସ ହୋଇଛି । କୋଇଲା ଚୋରି ଅଭିଯୋଗରେ ୨୦୨୦ ମସିହା ନଭେମ୍ବର ମାସରେ ▶▶ପୃଷ୍ଠା ୭

## ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ପଡ଼ିଲେ କନିଷ୍ଠ ଯନ୍ତ୍ରୀ



ଖଲ୍ଲିକୋଟ, ୦୨/୦୯ (ନି.ପ୍ର): 'ମୋ ଗୁହାଳ ସ୍କିମ୍'ରେ ଗୁହାଳ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିବା ପାଇଁ ଜଣେ ହିତାଧିକାରୀଙ୍କ ଠାରୁ ୭ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକର କନିଷ୍ଠ ଯନ୍ତ୍ରୀ (ଜେଇ) ସୁଧାଂଶୁ ଶେଖର ମଲ୍ଲିକ । ଜେଇ ସୁଧାଂଶୁ ଶେଖର ମଲ୍ଲିକ ଲାଞ୍ଚ ମାଗୁଥିବା ନେଇ ବୁରୁଝୁରୀ ପଞ୍ଚାୟତର ଉକ୍ତ ହିତାଧିକାରୀ ଜଣଙ୍କ ବ୍ରହ୍ମପୁର ଭିଜିଲାନ୍ସକୁ ଜଣାଇଥିଲେ । ଏହା ପରେ ଯୋଜନା ମୁତାବକ ଆଜି ଉକ୍ତ ହିତାଧିକାରୀ ଜଣଙ୍କ ଜେଇ ଶ୍ରୀ ମଲ୍ଲିକଙ୍କୁ ବ୍ଲକ୍ କାର୍ଯ୍ୟାଳୟରେ ୭ ହଜାର ଟଙ୍କା ଦେଇଥିଲେ । ଜେଇ ଶ୍ରୀ ମଲ୍ଲିକ ଲାଞ୍ଚ ଟଙ୍କା ଗ୍ରହଣ କରିବା ସମୟରେ ଭିଜିଲାନ୍ସ ଅଧିକାରୀମାନେ ଚଢ଼ାଉ କରିଥିଲେ । ଜେଇ ଶ୍ରୀ ମଲ୍ଲିକଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି । ଏହା ସହିତ ତାଙ୍କର ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଛି । ଭିଜିଲାନ୍ସ ପକ୍ଷରୁ ଏହି ମାମଲାରେ ଖୋଳତାଡ଼ ଜାରି ରହିଛି ।

## ଶୁଭଶ୍ରୀଙ୍କ ମୃତ୍ୟୁପାଇଁ ପ୍ରେମିକ ଦାୟୀ : ଭୁବନେଶ୍ୱର ଡିସିପି



ଭୁବନେଶ୍ୱର, ୦୨/୦୯ (ନି.ପ୍ର): ଭୁବନେଶ୍ୱର ଶୁଭଶ୍ରୀ ମହାପାତ୍ର ମୃତ୍ୟୁ ମାମଲାରେ ବଡ ଖୁଲାସା ହୋଇଛି । ବଏଫ୍ରେଣ୍ଡ ଚିତ୍ତରଞ୍ଜନଙ୍କୁ ଗିରଫ କରିଛି ପୋଲିସ । ଏନେଇ ପ୍ରେସମିଟରେ ସମସ୍ତ ତଥ୍ୟ ଦେଇଛନ୍ତି ଡିସିପି ପ୍ରତୀକ ସିଂହ । ଡିସିପି କହିଛନ୍ତି, ଚିତ୍ତରଞ୍ଜନ ଓ ଶୁଭଶ୍ରୀଙ୍କ ମଧ୍ୟରେ ସମ୍ପର୍କ ଥିଲା । ୨୦୧୯ରେ ଚିତ୍ତରଞ୍ଜନଙ୍କ ସମ୍ପର୍କରେ ଆସିଲେ ଶୁଭଶ୍ରୀ । ତେବେ ଶୁଭଶ୍ରୀଙ୍କ ସ୍ୱାମୀ ମଝିରେ ମଝିରେ ତାଙ୍କୁ ସନ୍ଦେହ କରୁଥିଲେ । ଚିତ୍ତରଞ୍ଜନ ଶୁଭଶ୍ରୀଙ୍କ ଘରକୁ ମଧ୍ୟ ଯାଉଥିଲେ । ସେହିଭଳି ଶୁଭଶ୍ରୀ ପ୍ରେମକୁ ନେଇ ଡିପ୍ରେସନରେ ରହୁଥିଲେ । ମୃତ୍ୟୁପୂର୍ବରୁ ଚିତ୍ତଙ୍କୁ ଜଣାଇଥିଲେ ଶୁଭଶ୍ରୀ । ଆଉ ତାଙ୍କ ମୃତ୍ୟୁ ପରେ ଚିତ୍ତ ସେଠାରେ ପହଞ୍ଚିଥିଲେ । ସେ ହିଁ ମୃତଦେହକୁ ତଳକୁ ଓହ୍ଲାଇଥିଲେ ଏବଂ ସେଠାରୁ ଫେରାର ହୋଇଯାଇଥିଲେ । ଚିତ୍ତରଞ୍ଜନଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ବିରୋଧରେ ୩୦୬ ଦଫା ଲାଗିଛି ।

## ଦୁଷ୍କର୍ମ ଅଭିଯୁକ୍ତ ମହନ୍ତଙ୍କୁ ଗିରଫ କଲା ପୁଲିସ୍



ବେଙ୍ଗାଲୁରୁ, ୦୨/୦୯ (ନି.ପ୍ର): ବାଦବିବାଦ ଓ ଲୋକଙ୍କ ବିକ୍ଷୋଭ ପରେ ଗିରଫ ହୋଇଛନ୍ତି କର୍ଣ୍ଣାଟକା ଚିତ୍ରଦୁର୍ଗରେ ଥିବା ଗୋଟିଏ ଲିଙ୍ଗାୟତ ମଠର ପ୍ରଭାବଶାଳୀ ମହନ୍ତ ଶିବମୂର୍ତ୍ତି ମୁରୁଘା ଶାରାନରୁ । କର୍ଣ୍ଣାଟକା ପୁଲିସ ତାଙ୍କୁ ଗୁରୁବାର ରାତିରେ ଗିରଫ କରିଛି । ଏହାପରେ ସେ ୧୪ ଦିନିଆ ବିଚାର ବିଭାଗ ହାଜତକୁ ଯାଇଛନ୍ତି । ଆଜି ତାଙ୍କୁ ପୁଣି କୋର୍ଟରେ ହାଜର କରାଯିବ । ଏହି ସମୟରେ ପୁଲିସ୍ ତାଙ୍କୁ ରିମାଣ୍ଡରେ ନେବାକୁ ଆବେଦନ କରିବ ବୋଲି ଜଣାପଡ଼ିଛି । ମଠ ଦ୍ୱାରା ପରିଚାଳିତ ସ୍କୁଲର ଗୋଟିଏ ହଷ୍ଟେଲରେ ୨ ଜଣ ନାବାଳିକାଙ୍କୁ ଶିବମୂର୍ତ୍ତି ଯୌନ ନିର୍ଯାତନା ଦେଇଥିବା ଗତ ସପ୍ତାହରେ ଅଭିଯୋଗ ହୋଇଥିଲା । ସେବେଠାରୁ ଲିଙ୍ଗାୟତ ମଠର ମହନ୍ତ ଶିବମୂର୍ତ୍ତିଙ୍କୁ ଗିରଫ କରିବା ପାଇଁ ଦାବି ତେଜିଥିଲା । ୬୪ ବର୍ଷୀୟ ଶିବମୂର୍ତ୍ତିଙ୍କ ନାଁରେ ପୁଲିସ ପୋକ୍ସୋ ଓ ଆଇପିସିର ୩୭୬ ଦଫାରେ ମାମଲା ରୁଜୁ କରିଥିଲା । ଅଭିଯୋଗ ମିଳିବା ପରେ ତାଙ୍କୁ ଜେରା କରାଯାଇଥିଲେ ହେଁ ଗିରଫ କରାଯାଇ ନଥିଲା । ଏହାକୁ ନେଇ ଚିତ୍ରଦୁର୍ଗରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ବିବାଦକୁ ଦୃଷ୍ଟିରେ ରଖି ଗତକାଲି ରାତି ପ୍ରାୟ ୧୦.୨୦ରେ ପୁଲିସ୍ ଚିତ୍ରଦୁର୍ଗ ସ୍ଥିତ ମଠରେ ପହଞ୍ଚି ମହନ୍ତ ଶିବମୂର୍ତ୍ତିଙ୍କୁ ଗିରଫ କରିଛି ।

## ଆସୁଛି ୨ଟି ଲଘୁଚାପ, ୫ରୁ ବଢ଼ିବ ବର୍ଷାର ପରିମାଣ



ଭୁବନେଶ୍ୱର, ୦୨/୦୯ (ନି.ପ୍ର): ଆସନ୍ତା ୨ ସପ୍ତାହ ମଧ୍ୟରେ ୨ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ସୂଚନା ଦେଇଛନ୍ତି । ଶ୍ରୀ ଦାସଙ୍କ ସୂଚନା ଅନୁସାରେ, ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଦୁଇଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ପ୍ରଥମ ଲଘୁଚାପଟି ଆସନ୍ତା ୮ ତାରିଖ ମଧ୍ୟରେ ସୃଷ୍ଟି ହୋଇପାରେ । ଦ୍ୱିତୀୟ ଲଘୁଚାପଟି ସେପ୍ଟେମ୍ବର ୯ରୁ ୧୫ ତାରିଖ ମଧ୍ୟରେ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ରାଜ୍ୟରେ ଆସନ୍ତା ୫ ତାରିଖରୁ ବର୍ଷା ପରିମାଣ ବଢ଼ିବାର ସମ୍ଭାବନା ରହିଛି । ସେପ୍ଟେମ୍ବର ୪ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବିଭିନ୍ନ ଅଞ୍ଚଳରେ ହାଲୁକାରୁ ମଧ୍ୟମ ବର୍ଷା ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ସେଥିପାଇଁ ୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ଆଜି ସକାଳ ସାଢ଼େ ୮ଟାରୁ ୩ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ୧୦ଟି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବ । ସେହି ଜିଲ୍ଲା ▶▶ପୃଷ୍ଠା ୭

## ସ୍ୱର୍ଗତ ବଂଶୀଧର ବେହେରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ




ବାଲେଶ୍ୱର, ୦୨/୦୯ (ନି.ପ୍ର): ସ୍ୱର୍ଗତ ବଂଶୀଧର ବେହେରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଆଜି ରୁପ୍‌ସା ସ୍ଥିତ ନିଜସ୍ୱ ଆଙ୍କ ଗ୍ରାମରେ ପାଳିତ ହୋଇଯାଇଛି । ଏ ସ୍ମୃତି ସଭାରେ ମୁଖ୍ୟ ଅତିଥି ଭାବେ ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ଅବସରପ୍ରାପ୍ତ ବିଇଓ ଜୟନ୍ତ ପାଣିଗ୍ରାହୀ, ରୂପ୍‌ସାର ସମାଜସେବୀ ଭଗବାନ ମହାପାତ୍ର, ପିଙ୍ଗାବଣିଆ ଗୁରୁକୂଳର ମୁଖ୍ୟ ବିଜୟ ଆଚାର୍ଯ୍ୟ ଓ ବରିଷ୍ଠ ନାଗରିକ ପଣ୍ଡିତ ସୁରେନ୍ଦ୍ର ସିଂ ଯୋଗ ଦେଇଥିବାବେଳେ ସଭାପତିତ୍ୱ କରିଥିଲେ ନିରଞ୍ଜନ ପଣ୍ଡା । ପ୍ରଥମେ ଅତିଥି ମାନେ ଦିବଂଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ସ୍ମୃତି ତର୍ପଣ କରିବା ସହ ପରିବାରର ସମସ୍ତ ସଦସ୍ୟ ପୁଷ୍ପାଞ୍ଜଳି ଦେଇଥିଲେ । ଅତିଥି ମାନଙ୍କ ଦ୍ୱାରା ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ପୁସ୍ତକ 'ଅଭୁଲା ସ୍ମୃତି' ଲୋକାର୍ପିତ କରାଯାଇଥିଲା । ବକ୍ତାମାନେ ଭାଷଣରେ କହିଥିଲେ ଯେ ସ୍ୱଗତ ବଂଶୀଧର ବେହେରା ଥିଲେ ଜଣେ ଆଦର୍ଶ ଶିକ୍ଷକ । ତାଙ୍କର ଆଚରଣ ଉଚ୍ଚାରଣରେ ସଂଜମତା ଶୃଙ୍ଖଳା ରହିଥିବାରୁ ସେ କେବଳ ନିଜର ପରିବାରକୁ ସଂସ୍କାରିତ କରିନାହାନ୍ତି ସମଗ୍ର ରୂପ୍‌ସା ବାସୀଙ୍କ ନିକଟରେ ପ୍ରିୟ ପାତ୍ର ହୋଇପାରିଛନ୍ତି । ତାଙ୍କର ଛାତ୍ର ବତ୍ସଳତା, ପାଠ ପଢ଼େଇବାର ନିଷ୍ଠା ସବୁଦିନ ରୁପ୍‌ସାବାସୀଙ୍କ ନିକଟରେ ମନେ ରହିବ । ଶେଷରେ ତାଙ୍କ ପରିବାର ବର୍ଗଙ୍କ ଦ୍ୱାରା ସ୍ଥାପିତ କରାଯାଇଥିବା ତାଙ୍କର ପ୍ରତିମୂର୍ତ୍ତିକୁ ଅତିଥି ମାନେ ଉନ୍ମୋଚିତ କରିଥିଲେ । ଶେଷରେ ଜ୍ୟେଷ୍ଠପୁତ୍ର ସୁଭେନ୍ଦୁ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଚୀନକୁ ପୁଣି ତାଇୱାନର ଚେତାବନୀ

ନୂଆଦିଲ୍ଲୀ, ୦୨/୦୯ : ଚୀନକୁ ପୁଣି ତାଇୱାନର ଚେତାବନୀ । ଶୁକ୍ରବାର ତାଇୱାନର ପ୍ରଧାନମନ୍ତ୍ରୀ ଚୀନକୁ କଡ଼ା ଚେତାବନୀ ଦେଇଛନ୍ତି । ବାରମ୍ବାର ତାଇୱାନ ବାୟୁସେନାରେ ଚୀନର ଯୁଦ୍ଧ ଜାହଜ ଘୁରି ବୁଲୁଥିବାବେଳେ ତାଇୱାନ ଚୀନକୁ ସଫା ଶବ୍ଦରେ ଚେତାବନୀ ଦେଇଛି । ଗୁରୁବାର ତାଇୱାନ ସୀମାରେ ଚୀନର ଡ୍ରୋନ ଉଡିବୁଲୁଥିବାବେଳେ ଏହାକୁ ମାରି ତଳକୁ ଖସାଇଥିଲା ତାଇୱାନ ସେନା । ତାଇୱାନ କହିଛି ଭବିଷ୍ୟତରେ ଯଦି ଏଭଳି କାମରୁ ଚୀନ ନିଜକୁ ଦୂରେଇ ନରଖେ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ତାଇୱାନ ସେନା । ସେପଟେ ତାଇୱାନ ସୀମା ନିକଟରେ କେବଳ ଚୀନର ଯୁଦ୍ଧ ବିମାନ ଘୁରି ବୁଲୁନି ବଂର ଚୀନ ସେନା ସମରଭ୍ୟାସ ମଧ୍ୟ କରୁଛନ୍ତି । ଏଥିସହ ତାଇୱାନ ପ୍ରଧାନମନ୍ତ୍ରୀ କହିଛନ୍ତି କି ତାଇୱାନ ନିଜ ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ । ସମସ୍ତ ମୁକାବିଲା ପାଇଁ ସଜାଗ ଓ ପ୍ରସ୍ତୁତ । ଆମେରିକା ସିନେଟର ବାଚସ୍ପତି ନାନସି ପେଲୋସି ତାଇୱାନ ଗସ୍ତ ପରେ ଚୀନ ଓ ତାଇୱାନ ଏବଂ ଆମେରିକା ମଧ୍ୟରେ ବିବାଦ ବଢିଛି ।

# ଫିରିଙ୍ଗିଆରେ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳିତ

କନ୍ଧମାଳ,୨/୦୯ (ନି.ପ୍ର): ସାରା ଦେଶରେ ସେପଟ୍ମ୍ବର ୧ କୁ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ଭାବରେ ପାଳନ କରାଯାଉଛି । କନ୍ଧମାଳ ଜିଲ୍ଲା ଓଡିଶା ଡ୍ରାଇଭର ମହାସଂଘ ଫିରିଙ୍ଗିଆ ଶାଖା ତରଫରୁ ମଧ୍ୟ ଅନୁରୂପ ଭାବରେ ଏହି ଦିବସକୁ ପାଳନ କରାଯାଇଛି । ତେବେ ଓଡିଶା ଡ୍ରାଇଭର ମହାସଂଘ ଫିରିଙ୍ଗିଆ ଶାଖାର ସଭାପତି ସାମନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଫିରିଙ୍ଗିଆ ସରପଂଚ ଜଳନ୍ଧର କହଁର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ଫିରିଙ୍ଗିଆ ବ୍ଲକର ଗୋଛାପଡା ଶାଖା ସହ ବ୍ଲକର ୨୪ଟି ପଂଚାୟତର ସମସ୍ତ ହାଲୁକା ଏବଂ ଭାରି ଯାନର ଶତାଧିକ ଡ୍ରାଇଭର ଉପସ୍ଥିତ ଥିଲେ । ଏହି ଅବସରରେ ଫିରିଙ୍ଗିଆ ଗାୟତ୍ରୀ ମନ୍ଦିର ଠାରୁ ଏକ ବିରାଟ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିବା ସହ ଲୋକଙ୍କୁ ଡ୍ରାଇଭର ମାନେ ସଚେତନ କରିଥିଲେ । ଏହାସହ ଫୁଲବାଣୀ ବାଲିଗୁଡା ମୁଖ୍ୟରାସ୍ତାର ବ୍ଲକ ଛକ ନିକଟରେ ରାସ୍ତାରେ ଯିବା ଆସିବ କରୁଥିବା ଗାଡି ମାନଙ୍କୁ ସଡକ ସୁରକ୍ଷା ସମ୍ପର୍କରେ ସଚେତନତା ପତ୍ରିକା ଦେବା ସହ ଗାଡିର ଡ୍ରାଇଭର ମାନଙ୍କୁ ସଚେତନତ କାଗରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଫିରିଙ୍ଗିଆ ଶାଖାର ଉପସଭାପତି ବଂଶୀଧର ସାହୁ, ସମ୍ପାଦକ ସୌମିନ କୁମାର ମିଶ୍ରଙ୍କ ସହ ଅନ୍ୟ କର୍ମକର୍ତା ମାନେ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ବ୍ୟାଡମିଂଟନ ପ୍ରତିଯୋଗିତା ଉଦ୍‌ଯାପିତ

ବଲାଙ୍ଗିର,୨/୦୯ (ନି.ପ୍ର): ଗତକାଲି ବଲାଙ୍ଗିର ଜିଲ୍ଲା ବ୍ୟାଡମିଂଟନ୍ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବ୍ୟାଡମିଂଟନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ ରିଜର୍ଭ ପୋଲିସ ପଡିଆରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ସିଙ୍ଗିଲ୍ସ ବିଭାଗର ଫାଇନାଲରେ ଅରବିନ୍ଦ ସାହୁ ଓ ଡବଲ୍ସ ବିଭାଗ ଫାଇନାଲରେ ମାନଭଞ୍ଜନ ନାଏକ ଓ ପ୍ରତୀକ ସିଂଦେଓଙ୍କ ଯୋଡି ବିଜୟ ଲାଭ କରି ଚାମ୍ପିଆନ ଆଖ୍ୟା ଅର୍ଜନ କରିଛନ୍ତି । ସେହିପରି ସିଙ୍ଗଲ୍ସ ବିଭାଗରେ ବିକ୍ରାନ୍ତ ଜାନୀ ଓ ଡବଲ୍ସ ବିଭାଗରେ ଅରବିନ୍ଦ ସାହୁ ଓ ବିକ୍ରନ୍ତ ଜାନୀଙ୍କ ଜୋଡି ରନର୍ସ ଅପ୍ ହୋଇଛନ୍ତି । ଦୁଇ ଦିନ ବ୍ୟାପି ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ସାରା ଜିଲ୍ଲାରୁ ପ୍ରାୟ ୮୦ ଜଣ ଖେଳାଳି ଭାଗ ନେଇ ସୁନ୍ଦର ଖେଳ ପ୍ରଦର୍ଶନ କରିଥିଲେ । ପ୍ରତିଯୋଗିତାର ପ୍ରଥମ ଦିନରେ ଲିଗ ପର୍ଯ୍ୟନ୍ତ ସମାପ୍ତ ହୋଇଥିଲା ବେଳେ ବୁଧବାର ଦିନ କ୍ୱାଟର, ସେମି ଓ ଫାଇନାଲ ମ୍ୟାଚ୍ ଖେଳା ଯାଇଥିଲା । ଡବଲ୍ସ ବର୍ଗରେ ବେଶ ଉଚକୋଟିର ଖେଳ ପ୍ରଦର୍ଶନ କରି ମାନଭଞ୍ଜନ ଓ ପ୍ରତୀକ ସହ ଅରବିନ୍ଦ ଓ ବିକ୍ରାନ୍ତଙ୍କ ଯୋଡି ଫାଇନାଲକୁ ଉନ୍ନିତ ହୋଇଥିଲେ । ଫାଇନାଲ ମୁକାବିଲାରେ ମାନଭଞ୍ଜନ ଓ ପ୍ରତୀକଙ୍କ ଯୋଡି ରୋମାଂଚକର ଖେଳ ପ୍ରଦର୍ଶନ କରି ୨-୧ରେ ବିଜୟ ଲାଭ କରି ସମସ୍ତଙ୍କୁ ଚକ୍କିତ କରି ଦେଇଥିଲେ । ସେହିପରି ସିଙ୍ଗଲ୍ସ ବର୍ଗର ଫାଇନାଲରେ ଦୁଇ ପ୍ରତିଦ୍ୱନ୍ଦି ଅରବିନ୍ଦ ଓ ବିକ୍ରାନ୍ତଙ୍କ ମଧ୍ୟରେ କଡା ପ୍ରତିଯୋଗିତା ଦେଖିବାକୁ ମିଳିଥିଲା । ଏହି ମ୍ୟାଚ୍ରେ ଅରବିନ୍ଦ ୨-୧ ସେଟ୍ରେ ବିଜୟ ଲାଭ କରି ନିଜର ଚାମ୍ପିଆନ ଟାଇଟଲ ବଜାୟ ରଖିଥିଲେ । ଆଜିର ଉଦଯାପନୀ ସମାରୋହରେ ଭୀମସାରର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗର ପ୍ରଫେସର ବେଣୁ ପାଣ୍ଡେ ମୁଖ୍ୟ ଅତିଥି ରୂପେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଜିଲ୍ଲା ବ୍ୟାଡମିଣ୍ଟନ ସଂଘର କାର୍ଯ୍ୟକଳାପକୁ ଭୁରି ଭୁରି ପ୍ରସଂଶା କରିଥିଲେ । ସେ କହିଥିଲେ ଯେ, ବଲାଙ୍ଗିର ଖେଳାଳିମାନଙ୍କ ରାଜ୍ୟ ସ୍ତରରେ ଯେଉଁ ସବୁ ସଫଳତା ହାସଲ କରିଛନ୍ତି ସେଥିରେ ଜିଲ୍ଲା ସଂଘର ଉଦ୍ୟମର ମହକ ବେଶ ବାରି ହୁଏ । ଆଶା ଜିଲ୍ଲା ସଂଘ ଏହିଭଳି ନୂତନ ପ୍ରତିଭାଙ୍କୁ ଗଢି ତୋଳି ରାଜ୍ୟ ଓ ଜାତୀୟ ସ୍ତରକୁ ଉନ୍ନିତ କରିବା ଜାରି ରଖିବ । ଏହି ଅବସରରେ ଲଗାତାର ଦୁଇ ଥର ରାଜ୍ୟ ଅଣ୍ଡର ନାଇନ ଚାମ୍ପିଆନ ହୋଇଥିବା ଜି. ଗୌତମ, ତାଙ୍କର କୋଚ ଅଭିମନ୍ୟୁ ବଗର୍ତୀ ଓ ରାଜ୍ୟ ସିନିଅର ବର୍ଗର ପୂର୍ବତନ ଚାମ୍ପିଆନ ଅରବିନ୍ଦ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବ୍ୟାଡମିଂଟନ ସଂଘ ସଂପାଦକ ସୁରୁଲାଲ ମଟାରୀ ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସଭାପତି ଗୋପାଳ ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଘନଶ୍ୟାମ ମିଶ୍ର, ର୍ଯାଫରି ହେମନ୍ତ ପ୍ରଧାନ, ଟେକନିକାଲ ଅଫିସର ଅନନ୍ତ ବେହେରା, ଆଶିଷ ଦର୍ଜୀ, ମାନସ ମହାନ୍ତି, ରାଜ କିଶୋର ଶତପଥି, ସିଦ୍ଧାର୍ଥ ମିଶ୍ର, ଆଲୋକ ମିଶ୍ର ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ ବ୍ୟଡମିଂଟନ କୋଚ ସୁରେନ୍ଦ୍ର ନେପାଲ ପ୍ରତିଯୋଗିତା ପରିଚାଳନା କରିଥିଲେ । ସହରର ଶତାଧିକ ବ୍ୟାଡମିଂଟନ ପ୍ରେମୀ ଓ କୁନି ଖେଳାଳିମାନେ ଖେଳର ମଜା ନେଇଥିଲେ ।

# କାଳାଗଣ୍ଡା ଆଶ୍ରମ ବିଦ୍ୟାଳୟରେ ଅଜଣା ରୋଗ ଆତଙ୍କ: ଭୟରେ ହଷ୍ଟେଲ ଛାଡିଲେ ସମସ୍ତ ଛାତ୍ରଛାତ୍ରୀ

ମାଲକାନଗିରି,୨/୦୯ (ନି.ପ୍ର): ମାଲକାନଗିରିରେ ଅଜଣା ରୋଗରେ ପିଲାଙ୍କ ଜୀବନ ଯାଉଛି । ଦୁଇ ଦିନରେ ଦୁଇ ଜଣ ପ୍ରାଣ ହରାଇଛନ୍ତି । ପ୍ରଥମେ ପଡିଆ ବ୍ଲକ କାଲଦାପାଲ୍ଲୀ ପଂଚାୟତ କାଲାଗଣ୍ଡା ମଙ୍ଗଳ ବିଭାଗ ଆବାସିକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ରଞ୍ଜିତ ମୁଚିକା ପ୍ରାଣ ହରାଇଥିଲେ । ୨୩ ତାରିଖ ଦିନ ରଞ୍ଜିତଙ୍କ ଦେହ ଅସୁସ୍ଥ ହୋଇଥିଲା । ପ୍ରଥମେ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା । ଦେହ ଅଧିକ ଖରାପ ହେବାରୁ ତୁମସାପାଲି ଚିଡ଼ିପାଲି ଗାଁରେ ଆଣି ସ୍କୁଲ କର୍ତୃପକ୍ଷ ଛାଡି ଦେଇଥିଲେ । ଅବସ୍ଥା ସଙ୍କଟାପନ୍ନ ଥିବାରୁ ରଞ୍ଜିତଙ୍କୁ ମାଲିକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ୨୯ ତାରିଖରେ ହିଁ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ଚିକିତ୍ସାରେ ଅବହେଳା ଯୋଗୁ ରଞ୍ଜିତ ପ୍ରାଣ ହରାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ । ପ୍ରଥମେ ରଞ୍ଜିତଙ୍କ ଗୋଡ ଫୁଲିଥିଲା । ଜ୍ୱର ସହ ମୁଣ୍ଡ ମଧ୍ୟ ବିନ୍ଧା ହୋଇଥିଲା । ସେହିପରି ଦିନକ ପରେ ଅଷ୍ଟମ ଶ୍ରେଣୀର ଛାତ୍ର ସନ୍ତୁ କୁରାମୀଙ୍କ ସମାନ ଲକ୍ଷଣରେ ମୃତ୍ୟୁ ହୋଇଥିଲା । ସେବାଶ୍ରମରେ ଥମୁନି ଛାତ୍ର ମୃତ୍ୟୁ ଆତଙ୍କ । ଦୁଇ ଦିନ ମଧ୍ୟରେ ୨୦ରୁ ଅଧିକ ଛାତ୍ରଛାତ୍ରୀ ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ମାଲକାନଗିରି ମୁଖ୍ୟ ଚକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ଅନ୍ୟପକ୍ଷରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ସେବାଶ୍ରମ ଛାଡୁଛନ୍ତି ପିଲା । ବିଦ୍ୟାଳୟରେ ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ ପହଁଚି ତନାଘନା ଆରମ୍ଭ କରିଛନ୍ତି । ଜଣେ ଶିଶୁ ରୋଗ ବିଶେଷଜ୍ଞଙ୍କ ସମେତ ମାଇକ୍ରୋବାଓଲଜିଷ୍ଟ ଓ ଫୁଡ ଇନ୍ସପେକ୍ଟର କୋଲାଗଣ୍ଡା ସେବାଶ୍ରମକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଖାଦ୍ୟ ନିରୀକ୍ଷକ ମଧ୍ୟ ବିଦ୍ୟାଳୟ ଯାଇଥିଲେ । ଆକ୍ରାନ୍ତଙ୍କ ସହ ବିଦ୍ୟାଳୟର ସମସ୍ତ ୧୪୩ ଛାତ୍ରଛାତ୍ରୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି । ରୋଗର ପ୍ରକୃତ କାରଣ କିନ୍ତୁ ଏପଯ୍ୟନ୍ତ ଜଣାପଡି ନାହିଁ ।

# ବିଦ୍ୟୁତ୍ ଆଘାତରେ ଦଶମ ଶ୍ରେଣୀ ଛାତ୍ରୀର ମୃତ୍ୟୁ

ଜୟପୁର,୨/୦୯ (ନି.ପ୍ର): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଦିଗାପୁର ଏସଏସଡି ହାଇସ୍କୁଲରେ ଅଘଟଣ । ସ୍କୁଲ ପରିସରରେ ଛାତ୍ରୀ ନିବାସର ଜଣେ ୧୦ଶ୍ରେଣୀ ଛାତ୍ରୀଙ୍କ ବିଦ୍ୟୁତ ଆଘାତ ହୋଇ ମୃତ୍ୟୁ ଘଟିଛି ।ମୃତ ଛାତ୍ରୀ ଜଣକ ୧୬ବର୍ଷୀୟ ସବିତା ମାଠପର୍ଡ଼ିଆ । ବିଦ୍ୟାଳୟ ପରିସରରେ ଥିବା ହାଇବା ଲାଇଟ ଖମ୍ଵରେ ଲାଗି ଛିଟିକି ପଡି ସେ ଅଚେତ ହୋଇଥିଲେ । ଏହି ଖବର ଜାଣି ସବିତାଙ୍କୁ ବିଦ୍ୟାଳୟର ଶିକ୍ଷୟତ୍ରୀ ମାନେ ୧୦୮ ଆମ୍ବୁଲାନ୍ସରେ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି । ଘଟଣାକୁ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିରଜା ଖାଡଙ୍ଗା ବୈପାରିଗୁଡ଼ା ଥାନାରେ ଲିଖିତ ଭାବେ ଜଣାଇଛନ୍ତି । ବୈପାରିଗୁଡା ପୋଲିସ ଖବର ପାଇ ଜୟପୁର ଜିଲା ମେଡ଼ିକାଲରେ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଛି । ମୃତ ଛାତ୍ରୀଙ୍କ ଘର ବୈପାରିଗୁଡା ବ୍ଲକର ଜି.ଭାଲୁଗୁଡାରେ ହୋଇଥିବା ବେଳେ ତାଙ୍କ ପରିବାର ଲୋକେ ଚିକିତ୍ସାଳୟରେ ପହଂଚିଛନ୍ତି । ପରିବାରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ସେପଟେ ଖବର ପାଇ ଏଡବ୍ଲୁଇଓ ପ୍ରଫୁଲ କୁମାର ଭୁଜବଳ ପହଂଚିଥିବା ଦେଖିବାକୁ ମିଳିଛି । ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି । ବିଦ୍ୟାଳୟରେ ଅଷ୍ଟମ ନବମ ଓ ଦଶମ ଶ୍ରେଣୀ ରହିଥିବା ବେଳେ ୩୦୦ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି । ୫ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଛନ୍ତି । ଏଥି ମଧ୍ୟରୁ ୧୯୦ ଜଣ ହଷ୍ଟେଲରେ ରହିଛନ୍ତି । ପୋଲିସ୍ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ଅଟୋରୁ ୧୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ: ଅଭିଯୁକ୍ତ ଫେରାର୍

ଜୟପୁର,୨/୦୯ (ନି.ପ୍ର): ଆନ୍ଧ୍ର ସୀମାନ୍ତରୁ ଗଞ୍ଜେଇ ଚୋରାଚାଲାଣ ରୋକିବା ପାଇଁ ଜିଲ୍ଲା ପୋଲିସର ନାକାବନ୍ଦୀ ସହ ଆନ୍ଧ୍ର ସୀମାନ୍ତବର୍ତୀ ଅଂଚଳରେ ପେଟ୍ରୋଲିଙ୍ଗକୁ କଡାକଡି କରାଯାଇଛି । ତଥାପି ଗଞ୍ଜେଇ ମାଫିଆ ସକ୍ରିୟ । ଆନ୍ଧ୍ର ସୀମାନ୍ତ ବର୍ତୀ ଇଲାକାରୁ ବାହାର ରାଜ୍ୟକୁ ଗଞ୍ଜେଇ ଚୋରାଚାଲାଣ ବେଳେ ମାଡ଼ିବସିଲା ପୋଲିସ । ବିଶେଷ ସୂତ୍ରରୁ ଖବର ପାଇ କୋରାପୁଟ ଏସପିଙ୍କ ନିର୍ଦ୍ଦେଶ କ୍ରମେ ନନ୍ଦପୁର ଏସ. ଡ଼ି. ପିଓ .ଙ୍କ ନେତୃତ୍ୱରେ ପାଡୁଆ ପୋଲିସ ପାନ୍ତଲୁଙ୍ଗ ଗ୍ରାମ ନିକଟରେ ନାକାବନ୍ଦି କରି ଗାଡ଼ି ଯାଂଚ୍ କରୁଥିଲା । ଏକ ଅଟୋ ଦ୍ରୁତ ଗତିରେ ଆସି ପୋଲିସ ବ୍ୟାରିକେଟକୁ ଦେଖି ଆନ୍ଧ୍ରର ସୁଯୋଗ ନେଇ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲା ଡ୍ରାଇଭର । ଅଟୋକୁ ଯାଂଚ୍ କରିବାରୁ ସେଥିରୁ ୫ ବସ୍ତା ଗଞ୍ଜେଇ ଜବତ୍ ହୋଇଥିଲା । ପ୍ରାୟ ୧ କ୍ୱିଂଟାଲରୁ ଅଧିକ ଗଞ୍ଜେଇ ଥିବା ବେଳେ ଏହାର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହଛି । ଗାଡ଼ି ନମ୍ବରକୁ ଆଧାର କରି ଆନ୍ଧ୍ର ପୋଲିସ ସହାୟତାରେ ଅଭିଯୁକ୍ତକୁ ଗିରଫ କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିବା ଏସଡିପିଓ ସଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି ।

# ସୀମାନ୍ତ ଗାଁର ଜୀବନ: ଜନ୍ମ ଝାଡ଼ଖଣ୍ଡରେ, କର୍ମକ୍ଷେତ୍ର ଓଡ଼ିଶାରେ

ରାଉରକେଲା,୨/୦୯ (ନି.ପ୍ର): ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ଗାଁଗୁଡ଼ିକରେ ଜୀବନଜୀବିକା ଅନ୍ୟମାନଙ୍କ ଠାରୁ ଭିନ୍ନ । ବାସସ୍ଥାନ ଝାଡ଼ଖଣ୍ଡ ହୋଇଥିଲେ ହେଁ କର୍ମକ୍ଷେତ୍ର ଓଡ଼ିଶାରେ । ଦିନ ମଜୁରିଆଠୁ ଆରମ୍ଭ କରି ଛୋଟ ବ୍ୟବସାୟ ସବୁକିଛି ଓଡ଼ିଶାରେ । ବର୍ଷ ବର୍ଷ ଧରି ଏମିତି ଜୀବନ ଅତିବାହିତ କରି ଆସୁଛନ୍ତି ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତର ଅନେକ ଗାଁ ଓ ବସ୍ତି । ଓଡ଼ିଶା ମାଟି ନ ଛୁଇଁଲେ ସେଠାରେ ଚଳିବା କେବଳ କଷ୍ଟକର ନୁହେଁ, ଅସମ୍ଭବ । ଓଡ଼ିଶା – ଝାଡ଼ଖଣ୍ଡ ସୀମାନ୍ତ ଇଲାକା ନକ୍ସଲ ପ୍ରଭାବିତ ଅଞ୍ଚଳ ରୂପେ କାହାକୁ ଅଛପା ନୁହେଁ । ସୀମାନ୍ତରେ ଥିବା ଉଭୟ ରାଜ୍ୟର ଅନେକ ଗାଁରେ ସବୁବେଳେ ନକ୍ସଲ ଆତଙ୍କରେ ଆତଙ୍କିତ ତଥାପି । ଏହା ସତ୍ତ୍ୱେ ଶହ ଶହ ଲୋକ ଜଙ୍ଗଲ ରାସ୍ତାଦେଇ ଚାଲି ଆସନ୍ତି ଓଡ଼ିଶା ବଜାରକୁ । ଦୈନନ୍ଦିନ କାମ ସାରି ପୁଣି ଫେରି ଯାଆନ୍ତି ଝାଡ଼ଖଣ୍ଡ ମାଟିକୁ । ପର୍ବପର୍ବାଣୀ, ବିବାହ, ବ୍ରତ ଆଦି କାର୍ଯ୍ୟକ୍ରମ ହେଉ ଅବା ଆବଶ୍ୟକ ସାମଗ୍ରୀ ପାଇଁ ଓଡ଼ିଶାର ଛୋଟରୁ ବଡ଼ ବଜାର ଉପରେ ନିର୍ଭରଶୀଳ । ବସ୍ ହେଉ ଅବା ଟ୍ରେନ୍‌ରେ କିମ୍ବା ପାଦରେ ଚାଲି ଚାଲି ସେମାନେ ଓଡ଼ିଶା ବଜାରକୁ ଆସନ୍ତି । ଏହି ଗାଁଗୁଡ଼ିକ ମଧ୍ୟରେ ରହିଛି ବୁଲୁନ୍ଦା, ରୁଙ୍ଗି, ଫଟକା, ରାଏକେଲା, ହୁର୍ଦା, ଓଡଗାଁ, ଗେନମେର, ଡଙ୍ଗାପାନି, ପରବା, ମାରାନି, ଜରମଣ୍ଡା, କୋହିପାଟ, ଟେମ୍ୟର ଓ ଚାନମାଏ ଆଦି । ଏଗୁଡ଼ିକ ନୂଆଗାଁ ବ୍ଲକର ସୀମାଠାରୁ ମାତ୍ର ୪ରୁ ୮ କି.ମି. ଦୂର । ସେହିପରି ବିଶ୍ରା ବ୍ଲକ ଅନ୍ତର୍ଗତ ଜରେଇକେଲାକୁ ଲାଗିଛି ଝାଡ଼ଖଣ୍ଡର ପାରୋଡିହି, ମକରଣ୍ଡା, ସମଠା, ସାଗଯୋଡି, ରେଡା, ଧାନପାଲୀ, ପାଞ୍ଚପହିଆ, ଲାଇଲୋଇ, ଫୁଲବାରି, ପ୍ରଧାନପଲ୍ଲୀ, ବିକାଳକୁଦର, ଅଭୟପୁର, ପୋଟକା, ପୁରାନାଡିହି, ନଓ୍ୱାଡିହି ଓ ଡୋମଲାଇ ଭଳି ୨୦ରୁ ଅଧିକ ଗାଁ । ଏହି ୨୦ଟି ଗାଁରେ ୧୨ ହଜାରରୁ ଅଧିକ ଲୋକ ବସବାସ କରନ୍ତି । ସେମିତି ନୂଆଗାଁ ସୀମାକୁ ଲାଗିଥିବା ୧୪ରୁ ଅଧିକ ଗାଁରେ ବସବାସ କରନ୍ତି ପ୍ରାୟ ୯ ହଜାର ଲୋକ । ଚାଲି ଚାଲି, ମୋଟରବାଇକ୍ ହେଉ ଅବା ଅଟୋ ରିକ୍ସାରେ ପହଞ୍ଚିଯାଆନ୍ତି ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ନୂଆଗାଁ, ବିଶ୍ରା, ବୀରମିତ୍ରପୁର ସହ ରାଉରକେଲାରେ । କେବଳ ଏତିକି ନୁହେଁ, ଶହ ଶହ ଲୋକ ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି) ସମେତ ଅନ୍ୟ ଛୋଟ ବଡ଼ ଆଇରନ କାରଖାନାରେ ଠିକା ଶ୍ରମିକ ଭାବେ କାମ କରନ୍ତି । କିଛି ଲୋକ ଛୋଟ ଛୋଟ ବ୍ୟବସାୟ ମଧ୍ୟ କରନ୍ତି । ଆହୁରି ଶହ ଶହ ଲୋକ ରାଉରକେଲାରେ କୋଠାବାଡି ଓ ରାସ୍ତା ନିର୍ମାଣ କାମକରି ପରିବାର ଚଳାନ୍ତି । ଏ ଗାଁଗୁଡ଼ିକର ଚାଷୀମାନେ ନିଜ ଉତ୍ପାଦିତ ପନି ପରିବା ଝାଡ଼ଖଣ୍ଡ ପରିବର୍ତ୍ତେ ଓଡ଼ିଶା ହାଟରେ ବିକନ୍ତି, ରାଉରକେଲା ମଧ୍ୟ ଆସନ୍ତି । ବିଶେଷ କରି ନୂଆଗାଁର କାତେପୁର, ନୂଆଗାଁ, ସୋରଡା, ହାତୀବାରି, ପୁରୁଣାପାଣି ସାପ୍ତାହିକୀ ହାଟ, ବିଶ୍ରାର ଜରେଇକେଲା, ଭାଲୁଲତା ଆଦି ହାଟରେ ଏମାନେ ଦୈନନ୍ଦିନ ବେପାର କରନ୍ତି । ଏହିସବୁ ହାଟରେ ଥିବା କୁକୁଡ଼ା ପଡ଼ାକୁ କୁକୁଡ଼ା ଲଢ଼େଇ କରିବାଲାଗି ଆସନ୍ତି । ସ୍ୱାସ୍ଥ୍ୟସେବା ପାଇଁ ରାଉରକେଲା ସରକାରୀ ହସ୍ପିଟାଲ (ଆରଜିଏଚ୍), ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ସମେତ ରାଉରକେଲାର ଘରୋଇ କ୍ଲିନିକ୍, ଘରୋଇ ହସ୍ପିଟାଲ ଉପରେ ସେମାନେ ସମ୍ପୂର୍ଣ୍ଣ ନିର୍ଭରଶୀଳ । ରାଉରକେଲା ସରକାରୀ ଡାକ୍ତରଖାନାରେ ଯେତିକି ରୋଗୀ ଭର୍ତ୍ତି ହୁଅନ୍ତି, ତା'ର ପ୍ରାୟ ୨୦ରୁ ୩୦% ରୋଗୀ ଝାଡ଼ଖଣ୍ଡର ।

# ସୂଚନା ଅଧିକାର କର୍ମୀଙ୍କୁ ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ଧାରଣା

କେନ୍ଦ୍ରାପଡ଼ା,୨/୦୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସୂଚନା ଅଧିକାର ଅଭିଯାନର ସଦସ୍ୟ ଜନକର ଜେନାଙ୍କୁ ମରଣାତ୍ମକ ଆକ୍ରମଣ କରାଯାଇ ଥିବା ପ୍ରତିବାଦରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଅନ୍ୟ ସୂଚନା ଅଧିକାର କର୍ମୀମାନେ ଧାରଣା ଦେବା ସହ ଆକ୍ରମଣକାରୀ ଜିଲ୍ଲା ପରିଷଦ ସଭ୍ୟଙ୍କୁ ଗିରଫ ପାଇଁ ଦାବି କରିଛନ୍ତି । ମାର୍ଶାଘାଇ ଥାନା ଓ ମହାକାଳପଡା ବ୍ଲକ ଅଧିନ କରଞ୍ଜ ଗ୍ରାମରେ ବିଦ୍ୟାଳୟ ନବୀକରଣ ଯୋଜନାରେ କେତେ ଅର୍ଥ ଖର୍ଚ୍ଚ ହୋଇଛି ଜାଣିବା ପାଇଁ ଜନକର ଜେନା ସଂପୃକ୍ତ ସ୍କୁଲକୁ ତଥ୍ୟ ମାଗିଥିଲେ । ଏନେଇ ୨୦ ନଂ ଜିଲ୍ଲା ପରିଷଦ ସଭ୍ୟ ସୁବୋଧ କୁମାର ଲେଙ୍କା ଉତ୍‌କ୍ଷିପ୍ତ ହୋଇ ୧୭ ତାରିଖରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏନେଇ ମାର୍ଶାଘାଇ ଥାନାରେ ଏତଲା ଦିଆଯାଇ ଥିଲେ ମଧ୍ୟ ୩୨୫/୨୦୨୨ ରେ ଏକ ମାମଲା ରୁଜୁ କରାଯାଇଛି । ତେବେ ଏହା ଠିକଣା ତଦନ୍ତ କରା ନଯାଇ ଟାଳଟୁଳ ନୀତି ଅବଲମ୍ବନ କରାଯାଉ ଥିବାରୁ ଓ ୧୪ଦିନ ବିତି ଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନଥିବାରୁ ସୂଚନା ଅଧିକାର ଆବାହକ ପ୍ରତାପ ମହାନ୍ତିଙ୍କ ନେତୃତ୍ୱରେ ଭାଗିରଥୀ ଜେନା, ଅମର ବିଶ୍ୱାଳ ପ୍ରମୁଖ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି ।

# ୧୯୫ତମ ପୁରୀ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ପାଇଁ ଦାବି

ପୁରୀ,୨/୦୯ (ନି.ପ୍ର): ଓଡ଼ିଶାର ପୁରାତନ ଜିଲ୍ଲା ଭାବେ ପୁରୀଜିଲ୍ଲା ପରିଗଣିତ । ପୁରୀର କଳା,ସଂସ୍କୃତି,ଐତିହ୍ୟ,ପରମ୍ପରା ବିଶ୍ୱରେ ଅନନ୍ୟ । ବ୍ରିଟିଶ ଶାସନ କାଳରେ କୋଭିନସ୍‌ରେ ପୁରୀ ରହିଥିଲା । ଅକ୍ଟୋବର ୨୩ ,୧୮୨୮ ମସିହାରେ ପୁରୀକୁ ଜିଲ୍ଲା ଭାବେ ଗେଜେଟ ନୋଟିଫିକେସନ ହୋଇଥିଲା । ଆଜକୁ ୧୯୪ ବର୍ଷ ପୂର୍ଣ୍ଣ ହୋଇ ୧୯୫ ବର୍ଷ ଚାଲୁଛି । ଅନ୍ୟପକ୍ଷରେ ପୁରୀ ପୌରସଂସ୍ଥା ୧ ଏପ୍ରିଲ ୧୮୮୮ ମସିହାରେ ଗଠନ ହୋଇଥିଲା । ପୌରସଂସ୍ଥା ପକ୍ଷରୁ ସ୍ୱାୟତ ଶାସନ ଦିବସ ଧୁମଧାମରେ ପାଳିତ ହେଉଥିବା ବେଳେ ଜିଲ୍ଲାର ପ୍ରତିଷ୍ଠା ଦିବସ କେବେ ପାଳନ ହେବ ତାକୁ ନେଇ ସାଧାରଣରେ ଆଲୋଚନା ଜୋର ଧରିଛି । ପୁରୀ ଏକ ଆନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳ । ଆନ୍ତର୍ଜାତୀୟ ସମୁଦ୍ରପଥ ପୁରୀ ସହ ଲାଗି ରହିଛି । ଦେଶ ବିଦେଶରୁ ଲକ୍ଷ ଲକ୍ଷ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ପୁରୀ ଆସୁଛନ୍ତି । ରାଜ୍ୟ ସରକାର,ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରୀ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ କରିବା ପାଇଁ ବରିଷ୍ଠ ଫଟୋ ସାମ୍ବାଦିକ ଡ଼ି.ପି ଗାଙ୍ଗୁଲି ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି ।

# ୧୦ ହଜାର କୋଟିର ସ୍ୱପ୍ନ ; କେବେ ବଦଳିବ କଟକର ବିପର୍ଯ୍ୟସ୍ତ ଚିତ୍ର ?

କଟକ,୨/୦୯ (ନି.ପ୍ର): ୨୦୧୨ରୁ ୨୦୨୨ ଭିତରେ କଟକ ସହରର ବିକାଶ ପାଇଁ ଆସିଛି ୧୦ ହଜାର କୋଟିରୁ ଅଧିକ ଟଙ୍କା । ୧୦ ବର୍ଷରେ ୧୦ ହଜାର କୋଟି ହିସାବରେ ବର୍ଷକୁ ହାରାହାରି ଭାବେ ୧ ହଜାର କୋଟି ଟଙ୍କା ବ୍ୟୟ ହେଉଛି କଟକ ସହରରେ । ମହାନଦୀରୁ କାଠଯୋଡ଼ି ଭିତରେ ରହିଥିବା କଟକ ସହରର ପରିସୀମା ଭିତରେ ଏହି ଟଙ୍କା ବ୍ୟୟ ହେଉଛି । ଆଖି ଖୋସି ଦେଲା ଭଳି ପରିମାଣର ଟଙ୍କା ଖର୍ଚ୍ଚ ହେଉଥିଲେ ବି କଟକର କଳେବରରେ ଏଯାଏ କି ପରିବର୍ତ୍ତନ ଆସିଛି, ତାହାକୁ ନେଇ ସାଧାରଣ ଲୋକ ପ୍ରଶ୍ନ କରୁଛନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଯେତେସବୁ ପ୍ରକଳ୍ପ ଏହି ବିପୁଳ ପରିମାଣର ଅର୍ଥ ବିନିମୟରେ ଚାଲିଛି, ସବୁ ପ୍ରକଳ୍ପ ୨୦୨୩ ଭିତରେ ସରିଯିବ ବୋଲି ସମୟସୀମା ଧାର୍ଯ୍ୟ ହୋଇଛି । ଅର୍ଥାତ୍ ଖୁବ୍‌ବେଶୀରେ ଦେଢ ବର୍ଷ ଭିତରେ ସବୁ ପ୍ରକଳ୍ପ ଶେଷ ହେବାକୁ ଥିବାବେଳେ କଟକ ସହରର ଚିତ୍ର ରଂଗିନ ହେବା ବଦଳରେ ବିପର୍ଯ୍ୟସ୍ତ ହୋଇ ଚାଲିଛି କାହିଁକି ? କଟକର ବିକାଶ ପାଇଁ ଚାଲିଥିବା ଏସବୁ ଯୋଜନା ବାସ୍ତବରେ କଟକବାସୀଙ୍କ ମୌଳିକ ସମସ୍ୟା ସମାଧାନ କ୍ଷେତ୍ରରେ ଉପଯୋଗୀ ହୋଇ ପାରୁ ନାହିଁ ନା ଆସୁଥିବା ଅର୍ଥ ବିନିଯୋଗ ବଦଳରେ ବାଟମାରଣା ହେଉଛି ? ଏ ପ୍ରଶ୍ନ ଏବେ ସହରବାସୀଙ୍କୁ ଆନ୍ଦୋଳିତ କରୁଛି । କଟକର ବିକାଶ ପାଇଁ ଘୋଷଣା ହୋଇଥିବା ସବୁଠୁ ପୁରୁଣା ପ୍ରକଳ୍ପ ହେଉଛି ଜାଇକା । ୨୦୧୨ରୁ ଚାଲିଥିବା ଏହି ପ୍ରକଳ୍ପ ପାଇଁ ବ୍ୟୟ ହେଉଛି ୩ ହଜାର ୬୧ କୋଟି ଟଙ୍କା । ସହରର ଡ୍ରେନେଜ୍ ଓ ସ୍ୱେରେଜ୍ ବ୍ୟବସ୍ଥା ସୁଧାରିବାକୁ ଏହି ପ୍ରକଳ୍ପର ବ୍ୟୟ ବର୍ଷକୁ ବର୍ଷ ବଢି ଚାଲିଥିବା ବେଳେ ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ଭଳି ଏହା ସରିବାର ସମୟସୀମା ବି ଗଡ଼ି ଚାଲିଛି । ୨୦୨୩ ଜାନୁଆରି ସୁଦ୍ଧା ଏହା ସରିବ ବୋଲି କୁହାଯାଉଥିଲେ ବି ଏହା ସଂପୂର୍ଣ୍ଣ ଅବାସ୍ତବ ମନେ ହେଉଛି ।

କଟକର ଦ୍ୱିତୀୟ ବଡ଼ ପ୍ରକଳ୍ପ ହେଉଛି ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲ ବିକାଶ ଯୋଜନା । ୨୦୧୯ରେ ଏହି ଯୋଜନା ଘୋଷଣା ହୋଇଥିବା ବେଳେ ଏଥିପାଇଁ ରହିଛି ୩ ହଜାର ୫୨୪ କୋଟି ୭୦ ଲକ୍ଷ ଟଙ୍କା । ଏଲ୍ ଆଣ୍ଡ ଟି ସଂସ୍ଥାକୁ ୨୬୩୬ କୋଟି ୨୦ ଲକ୍ଷ ଟଙ୍କାର କାମ ଦିଆଯାଇଥିବା ବେଳେ ଏନ୍‌ସିସିକୁ ୮୮ କୋଟି ୫୦ ଲକ୍ଷ ଟଙ୍କାର କାମ ଦିଆଯାଇଛି । ଏ ପ୍ରକଳ୍ପ ବି ୨୦୨୩ରେ ସରିବ ବୋଲି କୁହାଯାଉଥିବା ବେଳେ ଏଯାଏ ୨୫ ପ୍ରତିଶତ କାମ ବି ହୋଇ ପାରି ନାହିଁ । କଟକର ତୃତୀୟ ବଡ଼ ପ୍ରକଳ୍ପ ହେଉଛି ସହରର ସମସ୍ତ ଘରକୁ ଦିନର ୨୪ ଘଣ୍ଟା ଟ୍ୟାପ୍ ପାଣି ଯୋଗାଣ । ଏଯାଏ କଟକର ଭୂତଳ ଜଳ ବ୍ୟବହାର ହୋଇ ଆସୁଥିବା ବେଳେ ଏହି ଯୋଜନାରେ ମହାନଦୀ ଓ କାଠଯୋଡ଼ି ପାଣି ବ୍ୟବହାର ପାଇଁ ବ୍ୟବସ୍ଥା ହୋଇଛି । ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ପାଇଁ ୪୩୦ କୋଟି ଓ ପାଣି ପାଇପ୍ ସଂଯୋଗ ପାଇଁ ୩୬୦ କୋଟି, ଏଭଳି ୭୯୦ କୋଟି ଟଙ୍କା ବ୍ୟୟ ହେଉଛି ଏହି ପ୍ରକଳ୍ପରେ । ୨୦୧୩ରୁ ଚାଲିଥିବା ଏହି ଯୋଜନା ଏବେ ସରିଯିବା କଥା, କିନ୍ତୁ ଏଯାଏ ତାହା ସମ୍ଭବ ହୋଇପାରି ନାହିଁ । ସିଡିଏ ପେଟାନାଳ ବିକାଶ ପାଇଁ ହୋଇଛି ୧୦୨ କୋଟି ୪୬ ଲକ୍ଷ ଟଙ୍କାର ଯୋଜନା । ୨୦୨୦ରୁ ଏଥିପାଇଁ ଯୋଜନା ଚାଲିଛି । ତାଳଦଣ୍ଡା କେନାଲର ବିକାଶ ଓ ଉଭୟପଟ ସଂପ୍ରସାରଣ ପାଇଁ ହୋଇଛି ୬୪ କୋଟି ୪୯ ଲକ୍ଷ ଟଙ୍କାର ଯୋଜନା । ଏହାର ଗୋଟିଏ ପର୍ଯ୍ୟାୟ କାମ ଶେଷ ହୋଇଥିବା ବେଳେ ଏବେ ଦ୍ୱିତୀୟ ପର୍ଯ୍ୟାୟ କାମ ଚାଲିଛି ଏବଂ ତୃତୀୟ ପର୍ଯ୍ୟାୟ କାମ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ୨୦୨୦ରୁ ଏହି କାମ ଚାଲିଛି । ୨୦୨୨ରେ ମା କଟକ ଚଣ୍ଡୀ ମନ୍ଦିର ବିକାଶ ପାଇଁ ଘୋଷଣା ହୋଇଛି ୭୦ କୋଟି ଟଙ୍କାର ଯୋଜନା । ୨୦୨୧ରେ ଖାନନଗରରେ ଅତ୍ୟାଧୁନିକ ବସ୍ ଷ୍ଟାଣ୍ଡ ନିର୍ମାଣ ପାଇଁ ୬୫ କୋଟି ଟଙ୍କାର ଯୋଜନା ସହ କାମ ଚାଲିଛି । ଏହି ସବୁ ପ୍ରକଳ୍ପର ବଜେଟ ଅଟକଳକୁ ମିଶାଇ ଦେଲେ ମୋଟ ପରିମାଣ ହେଉଛି ୭ ହଜାର ୬୭୭ କୋଟି ୬୫ ଲକ୍ଷ ଟଙ୍କା । ଅନ୍ୟପଟେ ମହାନଦୀ ହାଡ଼ିଆ ପଠାରୁ ଗଡ଼ଗଡ଼ିଆ ଘାଟ ଯାଏ ୪୨୪ ଏକର ଅଞ୍ଚଳକୁ ଅତ୍ୟାଧୁନିକ ରୂପ ଦେଇ ଆନୁସଙ୍ଗିକ ଭିତ୍ତିଭୂମି ନିର୍ମାଣ ପାଇଁ ୧୫ଶହ କୋଟି ଟଙ୍କାର ଯୋଜନା ଘୋଷଣା ହୋଇଥିଲା । ୨୦୨୦ରେ ଏହି ଯୋଜନା ଘୋଷଣା ହୋଇଥିଲେ ବି ଏନ୍‌ଜିଟିରେ ମାମଲା ଯୋଗୁଁ ଏହି କାମ ଏବେ ଅଟକି ରହିଛି । କଟକ ସହରର ରାସ୍ତାଘାଟ ବିକାଶ ପାଇଁ ଦେଢ ବର୍ଷ ଭିତରେ ୩ଶହ କୋଟି ଟଙ୍କା ବ୍ୟୟ ହେବ ବୋଲି କଟକ ପୌର ନିଗମ କମିସନର ବି ଏବେ ଘୋଷଣା କରିଛନ୍ତି । ଏହା ବ୍ୟତୀତ ସିଡିଏ ରିଂ ବନ୍ଧ ସଂପ୍ରସାରଣ, ଅନ୍ୟ ଭିତ୍ତିଭୂମି ନିର୍ମାଣ ଓ ଛୋଟବଡ଼ ପ୍ରକଳ୍ପକୁ ହିସାବକୁ ନେଲେ କଟକ ସହରକୁ ୧୦ ବର୍ଷରେ ୧୦ ହଜାର କୋଟିର ପ୍ରକଳ୍ପ ଆସିସାରିଲାଣି । ରାଜକୋଷରୁ କଟକ ପାଇଁ ଆସୁଥିବା ଏହି ଅର୍ଥ ଠିକ୍ ଢଙ୍ଗରେ ବିନିଯୋଗ ହେଉଛି ତ ? ୨୦୨୩ ସୁଦ୍ଧା କଟକର ଚିତ୍ର ବଦଳି ଯିବାର ଯେଉଁ ସ୍ୱପ୍ନ ଦେଖାଯାଉଛି, ତାହା ବାସ୍ତବ ରୂପ ନେବ ନା କେବଳ ସ୍ୱପ୍ନରେ ରହିଯିବ, ବର୍ତ୍ତମାନ କଟକ ସହରର ବିପର୍ଯ୍ୟସ୍ତ ସ୍ଥିତିକୁ ଦେଖି ସାଧାରଣ ଜନତା ଏ ପ୍ରଶ୍ନ କରୁଛନ୍ତି ।

# ଯମୁନା କୋଟ ଗ୍ରାମରେ ରାସନ ସାମଗ୍ରୀ ହେରଫେର: ଥାନାରେ ଅଭିଯୋଗ ପରେ ହିତାଧିକାରୀଙ୍କୁ ଚାଉଳ ମିଳିଲା

ଭୁବନ,୨/୦୯ (ନି.ପ୍ର): ଦାରିଦ୍ର୍ୟ ସୀମା ରେଖା ତଳେ ଥିବା ଗରିବ ଲୋକଙ୍କୁ ରାଜ୍ୟସରକାର ଟଙ୍କିକିଆ ଚାଉଳ ଯୋଗାଇ ଦେଉଥିବା ବେଳେ କେନ୍ଦ୍ରସରକାର ମାସିକ ମୁଣ୍ଡପିଛା ୫ କିଲୋ ମାଗଣା ଚାଉଳ ଯୋଗାଇ ଦେଉଛନ୍ତି । ଡିଲରମାନେ ଏଥିରେ ବ୍ୟାପକ ହେରାଫେରି କରୁଥିବା ଅଭିଯୋଗ ହୋଇ ଆସୁଥିବା ବେଳେ ଥାନାଧିକାରୀ ଙ୍କ ଧମକ ପରେ ଏହିଘଟଣାଏବେ ହାଟରେ ପଡି ଦାଣ୍ଡରେ ଗଡୁଛି । ଭୁବନ ବ୍ଲକ ଅନ୍ତର୍ଗତ ଯମୁନା କୋଟ ଗ୍ରାମରେ ରାସନ ସାମଗ୍ରୀ ବଣ୍ଟନ ଦାୟିତ୍ୱ ନେଇଥିବାଗୋଷ୍ଠୀ ପ୍ରବଳ ହେରାଫେରି କରୁଥିବା ସଂପର୍କରେ ଭୁବନ ଥାନାରେ ଅଭିଯୋଗ ହେବାଏବଂ ଆଇ ଆଇସି ଙ୍କ ତାଗିଦ ପରେ ହିତାଧିକାରୀ ଚାଉଳ ପାଇବାଘଟଣା ସ୍ଥାନୀୟ ଅଂଚଳରେ ମୁଖ୍ୟଚର୍ଚ୍ଚା ଓ ଆଲୋଚନାର ବିଷୟ ହୋଇଛି । ଖୋଦ ବ୍ଲକ ଅଧ୍ୟକ୍ଷା ଙ୍କ ଗ୍ରାମରେ ଏପରି କେଳେଙ୍କାରି ଚାଲିଥିବା ବେଳେ ଅନ୍ୟ ଅଂଚଳ କଥା କଣ ତାହାସହଜରେ ଅନୁମେୟ ବୋଲି ବୁଦ୍ଧିଜୀବୀ ମହଲ ଆଲୋଚନା କରୁଛନ୍ତି । ଘଟଣାରୁ ପ୍ରକାଶ ଯେ , ଯମୁନା କୋଟ ଗ୍ରାମର ରଂଜନା ମଲିକ , ନରେଶ ସାହୁ, କୁମ୍ଭ ପାଣି, ଫୁଲମଲିକ ପ୍ରମୁଖ ୨୨ ଜଣ ବ୍ୟକ୍ତିଙ୍କର ରାସନ ସାମଗ୍ରୀ ହଡପ ହେଉଥିବା ସଂପର୍କରେ ବିଡିଓ ଏବଂ ଯୋଗାଣ ନିରୀକ୍ଷକ ଙ୍କ ନିକଟରେ ବାରମ୍ବାର ଅଭିଯୋଗ ହେବାସତ୍ତ୍ୱେ ସେମାନଙ୍କୁ ଚାଉଳମିଳୁନଥିଲା । ଶେଷରେ ଭୁବନ ଥାନାରେ ଲିଖିତ ଅଭିଯୋଗ ହେବା ପରେ ଆଇ ଆଇସି ସୌଭାଗ୍ୟ କୁମାର ସ୍ୱାଇଁ ଘଟଣାର ତଦନ୍ତକରି ଯମୁନାକୋଟ ଗ୍ରାମରେ ରାସନ ସାମଗ୍ରୀ ବଣ୍ଟନ ଦାୟିତ୍ୱନେଇଥିବା ଗ୍ରାମ୍ୟ କମିଟିର ଶାନ୍ତନୁ ଓଝା , ବିରଂଚି ନାୟକ , ବିଜୁ ବେହେରାଙ୍କୁତାଗିଦ କରିଥିଲେ । ଗତ ଜାନୁଆରୀ ମାସରୁ ସେପ୍ଟେମ୍ବର ମାସ ଯାଏ ଅଭିଯୋଗକାରୀଙ୍କୁ ଚାଉଳ ମିଳିଥିବା ଜଣାପଡିଛି । ତେବେ ନିୟମିତ ଭାବେ ରାସନ ସାମଗ୍ରୀ ହେରା ଫେରି କରୁଥିବା ଗୋଷ୍ଠୀଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ସେମାନଙ୍କୁ କାହିଁକି ଦାୟିତ୍ୱରେ ରଖାଯାଇଛି ତାହାହିଁ ମୂଳ ପ୍ରଶ୍ନ । ଯଥାଶୀଘ୍ର ସେମନଙ୍କ ହାତରୁ ବଣ୍ଟନ ଦାୟିତ୍ୱ ଅଣାଯାଇ ଅନ୍ୟ କୌଣସି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦିଆଯିବାକୁ ଦାବି ହୋଇଛି ।

# ସାହିତ୍ୟ ପତ୍ରିକା ଶବ୍ଦ ସୁରଭିର ଲୋକାର୍ପଣ

କେନ୍ଦ୍ରାପଡ଼ା,୨/୦୯ (ନି.ପ୍ର): ପବିତ୍ର ଗଣେଶ ପୂଜା ଅବସରରେ କେନ୍ଦ୍ରାପଡାର ଗରାପୁର ମାରୁତୀ ଛକରେ ସାହିତ୍ୟ ପତ୍ରିକା "ଶବ୍ଦ ସୁରଭି" ଉନ୍ମୋଚିତ ହୋଇ ଯାଇଛି । "ଶବ୍ଦ ସୁରଭି" ପରିବାର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟକ୍ଷ ନନ୍ଦ କିଶୋର ପରିଡା, ସଂପାଦକ ବଂଶୀଧର ନାୟକ, ରିଥୁଲୁ ଭଳ, ଅମୀୟ ନାୟକ, ଚନ୍ଦ୍ର ଭଳ ସମେତ ବିଶିଷ୍ଟ ଲେଖକ ଯୋଗ ଦେଇ ପତ୍ରିକାକୁ ଉନ୍ମୋଚିତ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁଗପିଢିକୁ ଓଡିଶାର ସାହିତ୍ୟ ଓ ସଂସ୍କୃତିର ଶିକ୍ଷା ଦେବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି ପତ୍ରିକାଟି ଚାଷୀଙ୍କ ପର୍ବ ଅକ୍ଷୟ ତୃତୀୟାକୁ ନେଇ ଏହାର ଦ୍ୱିତୀୟ ସଂସ୍କରଣ ବିଶେଷାଙ୍କ ବୋଲି ସଂପାଦକ ମତବ୍ୟକ୍ତ କରିଥିଲେ ।

# ସୁନ୍ଦର ନଖ ପାଇଁ

ସୁନ୍ଦର ଚେହେରା ସମସ୍ତଙ୍କୁ ନିଜ ଆଡ଼କୁ ଆକର୍ଷିତ କରିଥାଏ । ଏଥିପାଇଁ ମୁହଁରେ ନାନା ପ୍ରକାର ମେକଅପ୍ ନିଆଯାଇଥାଏ । ସୁନ୍ଦର ମୁହଁ ସହିତ ସୁନ୍ଦର ହାତର ମଧ୍ୟ ଆବଶ୍ୟକତା ରହିଛି । ହାତର ସୌନ୍ଦର୍ଯ୍ୟ ବଢ଼ାଉଥିବା ନଖର ସ୍ୱତନ୍ତ୍ର ଯତ୍ନ ନେବା ନିହାତି ଦରକାର । ସାଧାରଣତଃ ମହିଳାମାନେ ହାତର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ନେଲ ପେଣ୍ଟ ଲଗାଇ ଏହା ଢ଼େର ହୋଇଗଲା ବୋଲି ଭାବନ୍ତି । ମାତ୍ର ଏକଥା ଭୁଲି ଯାଆନ୍ତି ଯେ, କେବଳ ନେଲ ପେଣ୍ଟ ଲଗାଇଲେ ନଖ ସୁନ୍ଦର ହୁଏ ନାହିଁ । ଏଥିପାଇଁ ନଖ ସ୍ୱାସ୍ଥ୍ୟପ୍ରଦ ହେବା ଦରକାର ।

## ସୁନ୍ଦର ନଖ ପାଇଁ କିଛି ପରାମର୍ଶ....





- ଆପଣ ଯଦି ନଖ ଭଲ ଭାବେ ବଢ଼ିବାକୁ ଚାହୁଁଥାନ୍ତି ତାହେଲେ ଏହାକୁ ସମୟେ ସମୟେ ଟ୍ରିମ କରାନ୍ତୁ ।
- ପାର୍ଲର ଯାଇ ମାନିକ୍ୟୋର କରାନ୍ତୁ । ଏହା ନଖ ପାଇଁ ଜରୁରୀ ।
- ନଖର ଫାଇଲିଂ ଗୋଟିଏ ଦିଗରେ କରନ୍ତୁ ।
- ନଖକୁ ଟାଣ କରାଇବା ପାଇଁ ଦିନେ ଛାଡ଼ି ଦିନେ ୨୦ମିନିଟ୍ ପାଇଁ ନଖକୁ ଅଲିଭ ତେଲରେ ବୁଡ଼ାନ୍ତୁ ।
- ମଏଷ୍ଚରାଇଜରରେ ନଖକୁ ମାଲିସ୍ କରାନ୍ତୁ ।
- କ୍ୟାଲସିୟମରେ ଭରପୂର ସାମଗ୍ରୀ ଖାଆନ୍ତୁ ।
- ଲେମ୍ବୁ, ରସ, ଗୋଲାପଜଳ, ମେହେନ୍ଦୀ ପତ୍ର ନଖକୁ ସୁନ୍ଦର କରାଏ ।
- ଲୁଗାପଟା ପରିଷ୍କାର କରିବା, ପରିବା କାଟିବା ଦ୍ୱାରା ନଖ ଖରାପ ହୋଇଥାଏ ।
- ଅଧିକରୁ ଅଧିକ ପାଣି ପିଇବାକୁ ଚେଷ୍ଟା କରନ୍ତୁ ।
- କ୍ଷତିକାରକ ସାବୁନ ଓ ପାଉଡର, କ୍ଷାର ଜଳ, ଗରମ ପାଣି ଓ ଅତ୍ୟଧିକ ତାପରୁ ନଖକୁ ସୁରକ୍ଷା ଦିଅନ୍ତୁ ।



# ସ୍ୱାସ୍ଥ୍ୟ ପାଇଁ ହିତକାରୀ ତେଲ

ଅତ୍ୟାଧୁନିକ ଜୀବନଶୈଳୀ ଓ ବିଦେଶୀ ଖାଦ୍ୟପାନୀୟ ପଛରେ ନଧାଇଁବା ନିମନ୍ତେ ଆମ ଖାଦ୍ୟ ବିଶେଷଜ୍ଞମାନେ ବରାବର ପରାମର୍ଶ ଦେଉଛନ୍ତି । କାରଣ ବିଦେଶୀ ଫଳ, ପନିପରିବା ଆମ ଦେଶୀ ଜଳବାୟୁରେ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇବା ବଦଳରେ ଶରୀର ହାନି ହୋଇଥାଏ । ଏଣୁ ବଜାରରେ ମିଳୁଥିବା ଦାମୀ ଅଲିଭ ତେଲ ପଛରେ ନଧାଇଁ ବରଂ ସୋରିଷ ତେଲ, ନଡ଼ିଆ ତେଲ ଓ ସୂର୍ଯ୍ୟମୁଖୀ ତେଲର ଉପଯୋଗ ନିୟମିତ ବ୍ୟଞ୍ଜନରେ କରିବା ଖୁବ୍ ହିତକାରୀ ।




ପ୍ରଚୁର ପରିମାଣରେ ପୋଷକ ତତ୍ତ୍ୱ ଭରପୂର ସୋରିଷ ତେଲରେ କ୍ୟାଲସିୟମ, ମ୍ୟାଗ୍ନେସିୟମ, ଲୌହ ମହଜୁଦ୍ ଥିବାବେଳେ ଏହା ମଧ୍ୟ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ୁଥିବାର ପରୀକ୍ଷାରୁ ଜଣାପଡ଼ିଛି । ଅପମିଶ୍ରିତ ସୋରିଷ ତେଲ ସ୍ୱାସ୍ଥ୍ୟ ପାଇଁ ଆଦୌ ହିତକାରୀ ନୁହେଁ । ଶୁଦ୍ଧ ସୋରିଷ ତେଲ ରକ୍ତସଞ୍ଚାଳନ ବଢ଼ାଇବା ସହ ହୃଦ ରୋଗରୁ ରକ୍ଷା କରେ ।

ନଡ଼ିଆ ତେଲ ରନ୍ଧା ଖାଦ୍ୟ ମଧ୍ୟ ଦେହ ପାଇଁ ଖୁବ୍ ଭଲ । ଭିଟାମିନ୍ ବି' ଓ ଏ' ସହ ଅନ୍ୟାନ୍ୟ ପୋଷକତତ୍ତ୍ୱ ଭରପୂର ଏହି ତେଲ ପ୍ରସ୍ତୁତ ବ୍ୟଞ୍ଜନ ଖାଦ୍ୟ ଶୀଘ୍ର ହଜମ କରାଏ । ଆଜିକାଲି ବଜାରରେ ଏସବୁ ଉପଲବ୍ଧ ହେଉଛି ।

# ୧୨୨ବର୍ଷ ତଳେ ପ୍ରଥମ ହୃଦଯନ୍ତ୍ର ଅସ୍ତ୍ରୋପଚାର



ଏବର ଅତ୍ୟାଧୁନିକ ଚିକିତ୍ସାଶୈଳୀରେ ପୁରାତନ ଯୁଗର ଚିକିତ୍ସା ପଦ୍ଧତି ସମ୍ପର୍କରେ ଆମେ ଅବଗତ ନୁହଁ । ସେ ସମୟରେ କିନ୍ତୁ ଶଲ୍ୟ ଚିକିତ୍ସା ଖୁବ୍ ଜଟିଳ ପ୍ରକ୍ରିୟାଥିଲା । କାରଣ ବର୍ତ୍ତମାନ ପରି ସଂଖ୍ୟାଧିକ ସୁବିଧାସୁଯୋଗ ଉପଲବ୍ଧ ନଥିଲା । ଆଜିକୁ ୧୨୨ ବର୍ଷ ତଳେ ୧୮୯୬ ସେପ୍ଟମ୍ବର ୭ରେ ବିଶ୍ୱର ପ୍ରଥମ ସଫଳ ହୃଦଯନ୍ତ୍ର ଅପରେସନ ହୋଇଥିଲା । ସେସମୟର ଲୋକପ୍ରିୟ ହୃଦ-ଶଲ୍ୟ ବିଶେଷଜ୍ଞ ଭାବେ ଜଣାଯାଉଥିବା ଜର୍ମାନୀର ଡାକ୍ତର ଲୁଡଓ୍ୱିଗ୍ ରେନ୍ ଏହି ଅପରେସନ୍ କରିଥିଲେ । ୨୨ବର୍ଷୀୟ ଜଣେ ଯୁବକଙ୍କୁ ଛୁରୀରେ ଜଣେ ଦୁର୍ବୃତ୍ତ ଆକ୍ରମଣ କରିଥିଲେ । ତାଙ୍କ ହୃଦଯନ୍ତ୍ର ଚାରିପାଖରେ ଗଭୀର କ୍ଷତା ହୋଇଥିଲା । ଡାକ୍ତର ରେନ୍ ଏହି ରୋଗୀଙ୍କୁ ତୁରନ୍ତ ଅପରେସନ୍ ମାଧ୍ୟମରେ ଚିକିତ୍ସା ଆରମ୍ଭ କରିଥିଲେ । ୫ଘଣ୍ଟା ପର୍ଯ୍ୟନ୍ତ ଅପରେସନ ଚାଲିଥିବାବେଳେ ତାଙ୍କୁ ଅନ୍ୟ ଜଣେ କନିଷ୍ଠ ଡାକ୍ତର ମଧ୍ୟ ସହାୟତା କରିଥିଲେ । ଡାକ୍ତର ରେନଙ୍କର ଏହି ପଦକ୍ଷେପ ପୂରା ବିଶ୍ୱସ୍ତରରେ ପରିଚିତ ହୋଇଥିଲା ।



# ହୋଟେଲରେ ଡାଇନୋସର କରୁଛି ସ୍ୱାଗତ

ଜ୍ଞାନକୌଶଳର କରାମତିରେ ବର୍ତ୍ତମାନ ସବୁକିଛି ସମ୍ଭବପର । ଏଇ କିଛିଦିନ ହେବ, ଜାପାନର ରାଜଧାନୀ ଟୋକିଓର ପୂର୍ବଭାଗରେ ଥିବା ଏକ ହୋଯେଲରେ ଗ୍ରାହକଙ୍କ ମନୋରଞ୍ଜନ ପାଇଁ ଭିନ୍ନ ସେବା ଆରମ୍ଭ ହୋଇଛି । ଗ୍ରାହକ ହୋଟେଲର ରିସେପ୍ସନ୍‌ରେ ପହଞ୍ଚି କୌଣସି ତଥ୍ୟ ଜାଣିବାକୁ ଚାହିଁଲେ, ସମ୍ମୁଖରୁ ୨ଟି ବୃହତ ଡାଇନୋସର ଆସି ସବୁ ତଥ୍ୟ ଦେବେ । ଭୟଭୀତ ନ ହୋଇ ବରଂ ସେମାନଙ୍କ ଦୃଚନା ଶୁଣିବାକୁ ଗ୍ରାହକଙ୍କୁ ସେଠାରେ ଲିଖିତ ଭାବେ ଅନୁରୋଧ କରାଯାଇଛି । କାରର ଏମାନେ ହେଲେ ରୋବଟ୍ ଚାଳିତ ଡାଇନୋସର । ତେବେ ଦୁର୍ବଳମନା ବ୍ୟକ୍ତି ଏଇ ହୋଟେଲକୁ ନ ଆସିବାକୁ ମଧ୍ୟ ସୂଚନା ଦିଆଯାଇଥିବାର ପ୍ରକାଶ । ହୋଟେଲ ରିସେପ୍ସନ ନିକଟରେ ଲାଗିଥିବା ସେନସର ଅନୁସାରେ ରୋବଟ୍ ଡାଇନେସର ପରିଚାଳିତ ହୋଇଥାଏ । ଇଂରାଜୀ ଜାପାନୀ ଚୀନ କୋରିଆ ଇତ୍ୟାଦି ଭାଷାରେ ଡାଇନୋସର



କଥା କହିପାରିଥାଏ । ଏହା ସହ ପ୍ରତ୍ୟେକ କକ୍ଷରେ ରହିଛି ଗ୍ରାହକଙ୍କ ନିମନ୍ତେ ମିନି ରୋବଟ୍ । ଏମାନେ ଖାଦ୍ୟ ବରାଦଠାରୁ ଆରମ୍ଭ କରି ବିଛଣା ସଜାଡ଼ିବା, ଟିଭିର ଚ୍ୟାନେଲ ପରିବର୍ତ୍ତନ କରିବା ଆଦି ସବୁ କାମ କରିପାରନ୍ତି । ହୋଯେଲର ଦିନପିଛା ଭଡ଼ା ୭୦ ହଜାର ଟଙ୍କାରୁ ଦେଢ଼ଲକ୍ଷ ଯଙ୍କା ପର୍ଯ୍ୟନ୍ତ ରହିଥିବାର ଜଣାପଡ଼ିଛି ।

# ପାରମ୍ପରିକ ପୋଲର କାହାଣୀ ୫୦୦ବର୍ଷ ପୁରାତନ

ଏକବିଂଶ ଶତାବ୍ଦୀରେ ଆମେ ପହଞ୍ଚି ମଧ୍ୟ ପୁରାତନ ନିୟମ ଓ ପରମ୍ପରା ସହ ଘନିଷ୍ଠତାର ସହ ବାନ୍ଧିହୋଇରହିଛେ । ଏହାର ଏକ ସୁନ୍ଦର ଉଦାହରଣଟିଏ ହେଲା ପେରୁର ଆଦିବାସୀ ଗ୍ରାମ କୁଜକୋର ପାରମ୍ପାରିକ ପୋଲ । ଆଦିବାସୀ ଲୋକେ ଏକ ପାର୍ବତୀୟ କ୍ଷେତ୍ରରେ ରହୁଛନ୍ତି । ସେଠାର ଏମ୍ପୁରିମିକ୍ ନଦୀ ଉପରେ ନିର୍ମିତ ପୋଲ ସହ ନିକଟସ୍ଥ ସହରର ଯୋଗାଯୋଗ ରହିଛି । ୨୨୦ ଫୁଟ୍ ଉଚ୍ଚତା ଓ ୧୧୮ ଫୁଟ୍ ଲମ୍ବା ଏହି ପୋଲରେ ଦୈନିକ ଶହଶହ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକମାନେ ନିୟମିତ ଯାଆସ କରନ୍ତି । ଏଇ ପୋଲ ନିର୍ମାଣ ପଛରେ ସୁନ୍ଦର ଲୋକକଥା ରହିଛି । ପ୍ରାୟ ୫୦୦ ବର୍ଷ ତଳର ଘଟଣା । ପର୍ବତର ଆଦିବାସୀ ବାହାର ନୁଦିଆ ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ । କାରଣ ଯୋଗାଯୋଗର ଏକମାତ୍ର ମାଧ୍ୟମ ଥିଲା ନଦୀ । ତେବେ ନଦୀ ପାଣିର ସ୍ରୋତ ଏତେ ପ୍ରଖର ଥିଲା ଯେ ଅଧିକାଂଶ ଯାତ୍ରୀବାହୀ ଡଙ୍ଗା ବୁଡ଼ିଯାଉଥିଲା । ସେ ସମୟରେ ଲୋକେ ଚିନ୍ତା କଲେ ପୋଲଟିଏ ତିଆରି ହୋଇପାରିଲେ ଯୋଗାଯୋଗ ସମ୍ଭବ



ହୋଇପାରନ୍ତା । ପର୍ବତର ଜଙ୍ଗଲୀ ଘାସରେ ମଜବୁତ୍ ଦଉଡ଼ି ତିଆରି କରି ତାହାକୁ ପୋଲ ନିମନ୍ତେ ବ୍ୟବହାର କରାଗଲା । ଗତ ୫୦୦ ବର୍ଷ ହେଲାଣି, ସେଠା ନିୟମ ଅନୁସାରେ ପ୍ରତି ବର୍ଷ ନୂଆ ଦଉଡ଼ିରେ ପୋଲ ତିଆରି କରାଯାଏ । ଗ୍ରାମର ବୟୋଜ୍ୟେଷ୍ଠ ଲୋକଙ୍କ କହିବାନୁସାରେ, ଯେତେ ଝଡ଼ ବତାସ ହେଲେ ମଧ୍ୟ ପୋଲ ତାଙ୍କର ଭାଙ୍ଗେନାହିଁ । ୧୦୦ ଫୁଟ୍ ଲମ୍ବ, ଏହି ପୋଲ ଚଳିତଥର ମାତ୍ର ୩ଦିନରେ ଗାଁଲୋକେ ତିଆରି କରିପାରିଛନ୍ତି । ୨୦୧୩ରେ ଏଇ ପୋଲକୁ 'ବିଶ୍ୱ ଐତିହ୍ୟ'ରେ ସ୍ଥାନ ଦିଆଯାଇଛି । ପର୍ଯ୍ୟଟକମାନେ ମଧ୍ୟ ପୋଲର ଏ ଦୃଢ଼ତା ଦେଖି ଆଶ୍ଚର୍ଯ୍ୟ ପ୍ରକାଶ କରନ୍ତି ।

# ବ୍ୟଞ୍ଜନରେ ଏସବୁ ମସଲାର ଆବଶ୍ୟକତା

ଆମ ଭାରତୀୟ ବ୍ୟଞ୍ଜନରେ ବିଭିନ୍ନ ପ୍ରକାର ମସଲାର ଉପଯୋଗ ହିଁ ଖାଦ୍ୟକୁ ଅଧିକ ସୁସ୍ୱାଦୁ କରିଥାଏ । କାହିଁ କେଉଁକାଳରୁ ଏସବୁର ବ୍ୟବହାର ଭାରତୀୟ ରୋଷାଳରେ ହୋଇଆସୁଛି । ଯଥାମାତ୍ରାରେ ବିଭିନ୍ନ ହାତତିଆରି ମସଲା ଦୈନିକ ଖାଦ୍ୟ ତିଆରିବେଳେ ଉପଯୋଗ କଲେ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକର ବୋଲି ବିଶେଷଜ୍ଞଙ୍କ ମତ । ନିୟମିତ ଶୁଦ୍ଧ ହଳଦୀର ବ୍ୟବହାର ବିଭିନ୍ନ ବ୍ୟଞ୍ଜନରେ କରିବା ଉଚିତ । ବଜାରର ପ୍ୟାକେଟ ହଳଦୀ କିଣିବା ପରିବର୍ତ୍ତେ ବରଂ ଖଣ୍ଡ ହଳଦୀକୁ ଗୁଣ୍ଡ କରି ଉପଯୋଗ କରିପାରିବେ । ହଳଦୀ ଆମ ରକ୍ତକୁ ପରିଷ୍କାର କରିବା ସହ ପେଟ ସମସ୍ୟାରୁ ଦୂରରେ ରଖେ । ରୋଗପ୍ରତିରୋଧକ ଶକ୍ତି ବଢ଼ାଇବାରେ ସହାୟକ ହଳଦୀକୁ ଖିରରେ ମିଶାଇ ମଧ୍ୟ ପିଇହେବ । ଜିରା, ଏହାର ଉପଯୋଗରେ ବ୍ୟଞ୍ଜନ ଏକ ଭିନ୍ନ ବାସ୍ନା ସହ ସ୍ୱାଦ ହୋଇଥାଏ । ଜିରାକୁ ଅଳ୍ପ ଭାଜି ଗୁଣ୍ଡ କରି ତାହାକୁ ଦହି ସହ ମିଶାଇ ଖାଇଲେ ଅମ୍ଳ ସମସ୍ୟା ଦୂର ହେବା ସହ ମନ ଶାନ୍ତ ରହିଥାଏ । ବିଭିନ୍ନ



ପ୍ରକାର ମୋଗଲାଇ ବ୍ୟଞ୍ଜନରେ ଜିରା ଏକ ପ୍ରମୁଖ ମସଲା ଭାବେ ବ୍ୟବହାର କରାଯାଉଥିବାର ଦେଖାଯାଇଛି । ଜିରା ସାମାନ୍ୟ ବ୍ୟବହାରରେ ଏହା ଆମ ପାଚନ ସମସ୍ୟା ଦୂର କରିଥାଏ ବୋଲି ବିଶେଷଜ୍ଞଙ୍କ ମତ ।

ଧନିଆ ଗୁଣ୍ଡ ମଧ୍ୟ ବିଭିନ୍ନ ବ୍ୟଞ୍ଜନର ସ୍ୱାଦକୁ ପରିବର୍ତ୍ତନ କରେ । ଧନିଆ ଗୁଣ୍ଡ ବ୍ୟବହାର କଲେ ପେଟର ଅମ୍ଳ ଦୋଷ ଦୂର ହେବା ସହ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇଥାଏ ଓ ପରିସ୍ରା ଜ୍ୱାଳା କମ୍ ହୁଏ ।

ଲବଙ୍ଗ ପରି ଆଣ୍ଟିସେପଟିକ୍ ମୁହଁର ଦୂର କରିବା ସହ ହଜମ କ୍ଷମତା ବଢ଼ାଇଥାଏ ।

# ଯୁଦ୍ଧ ବେଳର ଖାଦ୍ୟ 'ଡାଲ-ବାଟି ଚୁରମା'

ଆଜି କେବଳ ଭାରତ ନୁହେଁ, ବରଂ ବିଦେଶରେ ମଧ୍ୟ ଏଇ ରାଜସ୍ଥାନୀ ଖାଦ୍ୟ 'ଡାଲ-ବାଟି ଚୁରମା' ଉପଲବ୍ଧ ହେଲାଣି । ଆମ ଦେଶର ରାଜସ୍ଥାନ, ଉତ୍ତର ପ୍ରଦେଶ ଓ ମଧ୍ୟପ୍ରଦେଶରେ ଏଇ ପାରମ୍ପାରିକ ବ୍ୟଞ୍ଜନର ଭିନ୍ନଭିନ୍ନ ସୁଆଦ ମିଳିଥାଏ । ଜୟପୁର, ମେଓ୍ୱାର, ଯୋଧପୁର, ବିକାନେର, ଜଏସେଲମେର, ଉଦୟପୁରରେ ଡାଲ-ବାଟି ବ୍ୟଞ୍ଜନ ମିଳୁଥିବା ସଂଖ୍ୟାଧିକ ଦୋକାନର ଭିଡ଼ ଦେଖିବାକୁ ମିଳେ । ତେବେ ଇତିହାସ ପୃଷ୍ଠାରୁ ଜଣାଯା, ଯେ ଡାଲ-ବାଟିର ମୂଳଦୁଆ ମେଓ୍ୱାରରେ ହୋଇଥଇଲା । ଯୁଦ୍ଧ ସମୟରେ ରାଜପୁତମାନେ ମାସମାସ ଧରି ଯୁଦ୍ଧ ଭୂମିରେ ଅତିବାହିତ କରୁଥିଲେ । ସେସୟର ଖାଦ୍ୟପାନୀୟ ମଧ୍ୟ ସେମାନଙ୍କ ନିମନ୍ତେ ଅନ୍ୟତମ ପ୍ରମୁଖ ଆବଶ୍ୟକତା ଥିଲା । ଏଣୁ ରାଜାଗରର ରୋଷେୟା ସେଇ ସମୟରେ କମ୍ ପାଣିର ଉପଯୋଗରେ ଦେଶୀ




ଘିଅରେ ପ୍ରସ୍ତୁତ 'ଡାଲ-ବାଟି' ପ୍ରସ୍ତୁତ କରୁଥିଲେ । ଏଇ ବ୍ୟଞ୍ଜନ ଶରୀରକୁ ଶକ୍ତି ଯୋଗାଇବା ସହ ଦିନିଦିନ ଧରି ଖରାପ ମଧ୍ୟ ହେଉନଥିଲା । ମେଓ୍ୱାରରେ ଆଜି ମଧ୍ୟ ଯୁଦ୍ଧ ବେଳର ଖାଦ୍ୟ ଭାବେ 'ଡାଲ-ବାଟି ଚୁରମା' ଜଣାଯାଉଛି ।

# ସାପ, ବିଛା, କଙ୍କଡ଼ାଙ୍କ ସହ ଚା'-କଫିର ମଜା

ବିଶ୍ୱର ଦ୍ରୁତ ଗତିରେ ଅଗ୍ରଗତି ହେଉଛି, ଏହା ବିଭିନ୍ନ ଦୃଷ୍ଟାନ୍ତରୁ ସ୍ପଷ୍ଟ ହେଉଛି । ପ୍ରାଚୀନ କାଳରେ ଘରଦ୍ୱାର ପରି ସୁବିଧା ନ ଥିବାରୁ ମନୁଷ୍ୟଜାତି ବଣଜଙ୍ଗଲରେ ସରୀସୃପ ଓ ହିଂସ୍ରଜନ୍ତୁଙ୍କ ଗହଣରେ ରହିବାକୁ ବାଧ ହେଉଥିଲା । ଏବେ କିନ୍ତୁ ଲୋକେ ବିଳାସମୟ ବାସଭବନରେ ରହିବା ସତ୍ତ୍ୱେ ନିଜ ଚାରିପାଖରେ ବିଭିନ୍ନ ପ୍ରଜାତିର ଜୀବଜନ୍ତୁ ରଖିବାକୁ ପସନ୍ଦ କରୁଛନ୍ତି । ଲୋକଙ୍କ ଚିନ୍ତାଧାରା ହିଁ ପରିବର୍ତ୍ତନ ହେଉଛି କହିଲେ ଭୁଲ ହେବନାହିଁ । ନିକଟରେ କାମ୍ବୋଡିଆର ରାଜଧାନୀ ନାମ-ପେନରେ ଥିବା ଏକ ଚା କେଫେକୁ ନେଇ ପୂରା ବିଶ୍ୱ ଗଣମାଧ୍ୟମ ଓ ସୋରସିଆଲ ସାଇଟରେ ଜୋର ଚର୍ଚ୍ଚା ଚାଲିଛି । କାରର ଏହା ବୋଧହୁଏ ବିଶ୍ୱର



ପ୍ରଥମ କେଫେ, ଟେଉଁଠାରେ ସରୀସୃପଙ୍କ ସହ ଗ୍ରାହକଙ୍କୁ ଚା କଫି ପରଷା ଯାଉଛି । କେଫେର ମାଲିକ ଚିରେଟି କହିଛନ୍ତି, ଲୋକମାନେ ଏବେ ଗ୍ୟାଜେଟ୍ ପଛରେ ଧାଉଁଛନ୍ତି । ଆମ ପ୍ରାକୃତିକ ପରିବେଶ ପ୍ରତି ଅନେକ ଅବହେଳା କରୁଛେ । ଏଣୁ ଲୋକଙ୍କୁ ଏ ସମ୍ପର୍କରେ ଅବଗତ କରାଇବା ପାଇଁ ସେ ଏହି 'ରେପ୍ଟାଇଲ ଥିମ' ଯୁକ୍ତ କେଫେରୁ ଶୁଭାରମ୍ଭ କରିଛନ୍ତି । କେଫେର ମୁଖ୍ୟ ଦ୍ୱାର ନିକଟରେ ଏକ ବୃହତ କାଚ ବାକ୍ସ ରହିଛି, ସେଥିରେ ବିଭିନ୍ନ ପ୍ରଜାତିର ସରୀସୃପ ରଖାଯାଇଛି । ସାପ, ବିଛା, କଙ୍କଡ଼ା, ଛୋଟ କୁମ୍ଭୀର ଇତ୍ୟାଦି । ସାପମାନଙ୍କ ବିଷ ଦାନ୍ତ ଭଙ୍ଗାଯାଇଥିବା ବେଳେ ଅନ୍ୟ ପ୍ରାଣୀଙ୍କ ନିମନ୍ତେ ମଧ୍ୟ ସେଭଳି ବନ୍ଦୋବସ୍ତ କରାଯାଇଥିବା ପ୍ରକାଶ । ଗ୍ରାହକ ଚା ଓ କଫି ପିଉଥିବାବେଳେ ଏମାନଙ୍କ ସହ ଫଟୋ ଉଠାଇ ପାରିବେ । ତେବେ ବର୍ତ୍ତମାନ ସୁଦ୍ଧା ଏଠାରେ ଗ୍ରହକ ସଂଖ୍ୟା ସେଭଳି ବଢ଼ିନାହିଁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପ୍ରଳୟଙ୍କାରୀ ବନ୍ୟା...

ପାକିସ୍ତାନ ସଂଘଟିତ ପ୍ରଳୟଙ୍କରୀ ବନ୍ୟା ସମଗ୍ର ବିଶ୍ୱ ସମୁଦାୟଙ୍କ ଦୃଷ୍ଟି ଆକର୍ଷଣ କରିଛି । ଏହି ବନ୍ୟାରେ ଦେଶର ପ୍ରାୟ ଚାଳିଶ ପ୍ରତିଶତ ଲୋକ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହୋଇଛନ୍ତି । ଭୌଗୋଳିକ କ୍ଷେତ୍ର ଦୃଷ୍ଟିରୁ ବିଚାର କଲେ ୫୦ ପ୍ରତିଶତରୁ ଅଧିକ କ୍ଷେତ୍ର ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଛି । ସରକାରୀ ଭାବେ ମୃତ୍ୟୁସଂଖ୍ୟା ୧୨୦୦ ପର୍ଯ୍ୟନ୍ତ ହେବ ବୋଲି କୁହାଯାଉଥିଲେ ସୁଦ୍ଧା ତାହା ବୃଦ୍ଧି ପାଇଚାଲିଥିବାରୁ ଏହି ସଂଖ୍ୟା ୨୦୧୦ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୨୦୦୦କୁ ଟପିଯିବାର ଆଶଙ୍କା କରାଯାଉଛି । ଆର୍ଥିକ ସଂକଟରେ ଦୀର୍ଘଦିନରୁ ଆକ୍ରାନ୍ତ ହୋଇ ରହିଥିବା ପାକିସ୍ତାନ ଏବେ ବିଶ୍ୱ ସମୁଦାୟ ନିକଟରେ ସହାୟତା ପାଇଁ ହାତ ପତାଇଛି । ମିଳିତ ଜାତିସଂଘ ଠାରୁ ଆରମ୍ଭ କରି ବିଶ୍ୱର ଅନ୍ୟାନ୍ୟ ମାନବୀୟ ସଂସ୍ଥା ସେଠାକୁ ସକଳ ପ୍ରକାର ସହାୟତା ପଠାଉଛନ୍ତି । କିନ୍ତୁ ବନ୍ୟାଜନିତ ସଂକଟରୁ ଉଦ୍ଧାର ପାଇଁ ପରିସ୍ଥିତି ସ୍ୱାଭାବିକ ହେବାକୁ ବର୍ଷାଧିକ କାଳ ଲାଗିଯାଇପାରେ । ସେ ଦେଶର ସରକାରଙ୍କ ସ୍ୱୀକାରୋକ୍ତି ଅନୁସାରେ ଦେଶର କ୍ଷୟକ୍ଷତି ମାତ୍ରା ୧୦୦୦ କୋଟି ଡଲାରରୁ ଅଧିକ ହେବ । ଏଭଳି ଆର୍ଥିକ ବୋଝକୁ ମୁଣ୍ଡାଇବାକୁ ସେ ଦେଶ ସରକାର ସଂପୂର୍ଣ୍ଣ ଅସମର୍ଥ । କିନ୍ତୁ ଏହି ବନ୍ୟା ସମସ୍ତଙ୍କ ପାଇଁ ଗୋଟିଏ ଦୃଢ଼ ଚେତାବନୀ ପ୍ରଦାନ କରିଛି । ମୌସୁମୀ ବର୍ଷା ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯେତିକି ମାତ୍ରାରେ ପଡୁଛି ବୋଲି ଆକଳନ କରାଯାଉଥିଲା ତାହାର ବାସ୍ତବ ଚିତ୍ର ଢେର୍ ଗୁଣରେ ଅଧିକ । ଚଳିତ ବର୍ଷ ପାକିସ୍ତାନରେ ବିଳମ୍ବିତ ମୌସୁମୀ ଆଗମନ ସହିତ ପ୍ରଥମେ ସ୍ୱଳ୍ପବୃଷ୍ଟି ଏବଂ ପରେ ଅତିବୃଷ୍ଟି ଯୋଗୁ ଏଭଳି ପ୍ରଳୟଙ୍କାରୀ ବନ୍ୟା ସଂଘଟିତ ହୋଇଛି । ସିନ୍ଧୁ ନଦୀ ତଥା ସେ ଦେଶର ଅନ୍ୟାନ୍ୟ ପ୍ରମୁଖ ସମସ୍ତ ନଦୀରେ ଏତେ ମାତ୍ରାରେ ବନ୍ୟାଜଳ ଆସିଥିଲା ଯେ ତାହା ଦେଶର ପ୍ରମୁଖ ଭାଗକୁ ଜଳାର୍ଣ୍ଣବ କରିଛି । ଅଧିକ ମାତ୍ରାରେ ପ୍ରଭାବିତ ହୋଇଥିବା କ୍ଷେତ୍ର ସିନ୍ଧୁପ୍ରଦେଶ, ପଞ୍ଜାବ ଏବଂ ବେଲୁଚିସ୍ତାନ । ହିମାଳୟରୁ ପଶ୍ଚିମାଭିମୁଖୀ ହୋଇଥିବା ସମସ୍ତ ନଦୀ ଏତେ ପରିମାଣର ଜଳକୁ ନିଷ୍କାସିତ କରିବା ନିମନ୍ତେତ ସକ୍ଷମ ହୋଇପାରିନାହିଁ । ଏହା କେବଳ ଗୋଟିଏ ବର୍ଷ ନୁହେଁ, ଅତୀତରେଘଟିଛି ଏବଂ ଭବିଷ୍ୟତରେ ମଧ୍ୟ ଘଟିବାକୁ ଯାଉଛି ବୋଲି ଗ୍ରହଣ କରିବାକୁ ହେବ । କେବଳ ମୌସୁମୀ ଋତୁ ନୁହେଁ, ଗତ ମେ’ ମାସରେ ହିମାଳୟରେ ବରଫ ତରଳିବା ଯୋଗୁ ସିନ୍ଧୁ ନଦୀରେ ଯେଉଁ ବନ୍ୟା ଆସିଥିଲା ସେଥିରେ ମଧ୍ୟ ପାକିସ୍ତାନର ବ୍ୟାପକ କ୍ଷେତ୍ର କ୍ଷୟକ୍ଷତି ଘଟିଥିଲା । ଯଦି ହିମାଳୟର ପଶ୍ଚିମାପଥ ନଦୀଗୁଡ଼ିକ ଏଭଳି ଭୟଙ୍କର ବନ୍ୟା ଘଟାଇପାରନ୍ତି ତେବେ ଭାରତ ପାଇଁ ମଧ୍ୟ ଚିନ୍ତା କରିବାର ଯଥେଷ୍ଟ କାରଣ ରହିଛି । କାରଣ ହିମାଳୟରୁ ପ୍ରସୃତ ୭୦ ପ୍ରତିଶତ ନଦୀ ଭାରତ ଦେଇ ପ୍ରବାହିତ । ଭାରତରେ ମଧ୍ୟ ମୌସୁମୀ ଜନିତ ଅନିଶ୍ଚିତତା କାରଣରୁ ଅନାବୃଷ୍ଟି ଓ ଅତିବୃଷ୍ଟି ଅନୁଭୂତ ହେଲାଣି । ସେଥିରେ ଉତ୍ତର ଭାରତ ସମେତ ପୂର୍ବ ଭାରତରେ ବନ୍ୟାବିପ୍ଳାତ ସୃଷ୍ଟିର ଆଶଙ୍କା ରହିଛି । ଏବେ ଅତିବୃଷ୍ଟି ହେତୁ ଭାରତର ଅଧିକାଂଶ ସହର ଜଳାର୍ଣ୍ଣବ ହେଉଛି ଏବଂ ବ୍ୟାପକ ଜନବସତି ଅଞ୍ଚଳ ଜଳବନ୍ଦୀ ହେଉଛି । ଜଳ ନିଷ୍କାସନ ବ୍ୟବସ୍ଥାକୁ ଜଳବାୟୁ ପରିବର୍ତ୍ତନ ଅନୁଯାୟୀ କରିବାକୁ ସରକାର ଏକପ୍ରକାର ବାଧ ହେଉଛନ୍ତି । ଯେହେତୁ ମୌସୁମୀ ବର୍ଷା ଦକ୍ଷିଣ ଏସିଆ ପାଇଁ ଆଦିମ କାଳରୁ ଆଶୀର୍ବାଦ ଭାବେ ବିବେଚନା କରାଯାଇ ଆସୁଛି, ଏବେ ଅନାବୃଷ୍ଟି ହେଉ ଅବା ଅତିବୃଷ୍ଟି ଦ୍ୱାରା ଘଟୁଥିବା ଫସଲହାନି ସରକାରଙ୍କ ସମେତ କୃଷି ବିଜ୍ଞାନୀ ଏବଂ କୃଷକ ସମସ୍ତଙ୍କୁ ଚିନ୍ତାରେ ପକାଇ ଦେଇଛି । ବିଶ୍ୱ ଉତ୍ତାପନକୁ ବାସ୍ତବତା ଭାବେ ଗ୍ରହଣ କରି ଏହାକୁ ରୋକିବା ନିମନ୍ତେ ଏଯାବତ୍ ବିଶ୍ୱବ୍ୟାପୀ ଗ୍ରହଣ କରାଯାଇଥିବା ପଦକ୍ଷେପ ସମୁଦ୍ରକୁ ଶଙ୍ଖେ ମାତ୍ର । ଏ ଦିଗରେ ଏପର୍ଯ୍ୟନ୍ତ ସହମତ ମଧ୍ୟ ପ୍ରକାଶ ପାଇନାହିଁ, ପଦକ୍ଷେପ ଗ୍ରହଣ ଦୂରର କଥା । କେବଳ ଘୋଷଣାନାମା ଓ ଲକ୍ଷ୍ୟ ଧାର୍ଯ୍ୟ କରି ଏହାକୁ ରୋକି ହେବନାହିଁ । ଏଥିପାଇଁ ଠୋସ୍ ପଦକ୍ଷେପ ଗ୍ରହଣର ଜରୁରୀ ଆବଶ୍ୟକତା ରହିଛି । କାରଣ ଶହ ଶହ ବର୍ଷ ଧରି ପ୍ରକୃତି ଓ ପରିବେଶ ଉପରେ ଯେଉଁ ଅତ୍ୟାଚାର କରାଯାଇଛି ତାହାକୁ କଦାପି ରାତାରାତି ସମାଧାନ କରାଯାଇ ପାରିବାନାହିଁ । ଏଥିପାଇଁ ବର୍ଷ ବର୍ଷର ନିଷ୍ଠାପର ପ୍ରଚେଷ୍ଟାର ଅପେକ୍ଷା ରହିଛି । ଅନ୍ୟଥା ଯଥା ପାକିସ୍ତାନବାସୀ ଆଜି ଦେଖୁଛନ୍ତି ତାହା ଅନ୍ୟଦେଶରେ ଖୁବ୍ ଶୀଘ୍ର ଦେଖିବାକୁ ମିଳିବ । ଅନ୍ଧଭଳି ବିକା ଦୌଡ଼ରେ ଅଣନିଃଶ୍ୱାସୀ ହେଉଥିବା ମାନବ ସଭ୍ୟତା କେତେବେଳେ ବିନାଶର ଦ୍ୱାରଦେଶରେ ଦଣ୍ଡାୟମାନ ହୋଇଯିବ ସେକଥା କାହାକୁ ଜଣା !

# ବ୍ୟବସାୟ ପଥରେ ମନ୍ଦିର ସଂସ୍କୃତି

**ରମେଶ ସାହୁ**

ଆମ ସାହିର ପୂର୍ବ ଦିଗରେ ଥିବା ମନ୍ଦିରଟି ପ୍ରକୃତରେ ସତ୍ୟନାରାୟଣ ମନ୍ଦିର। ଜନମୁଖରେ କିନ୍ତୁ ମାରୁଆଡ଼ି ମନ୍ଦିର। ରାଜସ୍ଥାନୀ ମାରୁଆଡ଼ି ସଂପ୍ରଦାୟର ବ୍ୟବସାୟୀ ଓ ସେମାନଙ୍କର ପରିବାର ବର୍ଗ ନିୟମିତ ଶ୍ରଦ୍ଧାଳୁ। ସେମାନେ ମନ୍ଦିରର ପୃଷ୍ଠପୋଷକ, ଭକ୍ତ ତଥା ଭଜନ ଗାୟକ। ଓଷା ବ୍ରତ ପାଳନ କରିବାକୁ ମାରୁଆଡ଼ି ମହିଳାମାନେ ଯାଆସ କରନ୍ତି। ଯେତେବେଳେ ସେମାନେ ନାଟ ମନ୍ଦିର ଚଟାଣରେ ବସି ମାଇକ ଯୋଗେ ଭଜନ ଗାଆନ୍ତି ଅଂଚଳବାସୀ ଶୁଣନ୍ତି। ଝାଞ୍ଜଣ ବାଦ୍ୟର ଝଣ ଝଣ ଶବ୍ଦ ସାଙ୍ଗକୁ ଢୋଲକ୍ ବାଜାର ତାଳେ ତାଳେ ଭଜନ ବୋଲା ଚାଲେ। କାନରେ ବାଜୁଥିବା ନାରାୟଣଙ୍କ ଭଜନ ସେମାନଙ୍କର ବି ମଙ୍ଗଳ କରିପାରେ। ସେ ଭଜନ ରାଜସ୍ଥାନୀ ଭାଷାରେ ହେଇଥାଉ ସେଥିରେ କିଛି ଫରକ ନାହିଁ। ମଣିଷର ମଙ୍ଗଳ ପାଇଁ ନିବେଦନ ତ ସର୍ବତ୍ର ସମାନ। ଦର୍ଶନ ଶାସ୍ତ୍ରରେ ଉଲ୍ଲେଖିତ ଏହି ବାକ୍ୟଟି ଲୋକଙ୍କୁ ସ୍ପର୍ଶ କରେ। ବାରିପଦା ସହରର ଦକ୍ଷିଣ ଦିଗରେ ଶ୍ରୀ ଜଗନ୍ନାଥ ମନ୍ଦିର। ଏହାର ଉତ୍ତର ଦିଗରେ ଥିବା ଗୁଣ୍ଡିଚା ମନ୍ଦିର(ରାଧାମୋହନ ମନ୍ଦିର) ପର୍ଯ୍ୟନ୍ତ ସଡ଼କ ହେଉଛି ବଡ଼ଦାଣ୍ଡ। ଏହା ସହରର ବଡ଼ବଜାର। ରାଧାମୋହନ ମନ୍ଦିରର ମୁଖଶାଳା ପୂର୍ବ ଦିଗକୁ ରହିଛି। ବଡ଼ଦାଣ୍ଡରେ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ରଥଯାତ୍ରା ସମୟରେ ବଡ଼ଦାଣ୍ଡ ଲୋକାରଣ୍ୟ ହୋଇପଡ଼େ। ମୂଳ ଅଧିବାସୀ ଆଦିବାସୀ ନର ନାରୀ ଆନନ୍ଦରେ ମାଦଳ ବଜାଇ ତାଙ୍କ ଭାଷାରେ ଗୀତ ବୋଲୁଥିଲେ। ଏବେ ତାହା ଆଉ ଦେଖାଯାଉ ନାହିଁ। ସତ୍ୟନାରାୟଣ ମନ୍ଦିରର ଅବସ୍ଥିତି ବେଶ୍ ପୁରୁଣା। ସ୍ୱଳ୍ପ ଚଉଡ଼ା ଅଥଚ ଲମ୍ବ ଜାଗାରେ ଏକ ମହଲା ବିଶିଷ୍ଟ ମନ୍ଦିର। ଏନାମେଲ ପେଣ୍ଟରେ ରଙ୍ଗାୟିତ। ଉତ୍ତର ଭାରତୀୟ ମନ୍ଦିର ନିର୍ମାଣ ଶୈଳୀରେ ତିଆରି ହୋଇଛି। ଓଡ଼ିଆ ପାରମ୍ପରିକ ମନ୍ଦିର ପରି ନୁହେଁ। ପ୍ରତ୍ୟେହ ଦୁଇ ଓଳି ଆଳତୀ ସମ୍ପାଦନ ହୁଏ। ଭାନିଆ ଭାଇ ଯେହେତୁ ମୁଖ୍ୟ ପୂଜକ ସେ ହିଁ ଆଳତୀ କର୍ତ୍ତା। ମନ୍ଦିର ପ୍ରତି ସେ ସମର୍ପିତ। ସେଇଥିପାଇଁ ବଡ଼ବଜାରରେ ଭାନିଆ ଭାଇ ଜଣେ ଆଦରଣୀୟ ବ୍ୟକ୍ତି। ଯୁବ ବୟସରେ ଏଠାକୁ ଆସିଥିଲେ ହେଲେ ଏବେ ସେ ପକ୍ୱ କେଶଧାରୀ ବୃଦ୍ଧ। ସକାଳ ଆଳତୀ ବେଳେ ପାଖ ଘରର ଝିଅ ବୋହୂ ଆସି ଠାକୁରଙ୍କ ଆଗେ ଯୋଡ଼ହସ୍ତରେ ଛିଡ଼ା ହୁଅନ୍ତି। ନିକଟରେ ବାର୍ଷିକ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ୫ ଦିନ ଧରି ମନ୍ଦିର ସାମ୍ନାପଟ ରଙ୍ଗିନ ଆଲୁଅରେ ଝଲସି ଉଠିଥିଲା। ପ୍ରତିଷ୍ଠା ଦିନୁ ମନ୍ଦିରରେ ବିଭିନ୍ନ ପର୍ବ ପର୍ବାଣୀ ପାଳିତ ହେଉଛି। ମାରୁଆଡି ଲୋକମାନେ ସପ୍ତାହର ଅଧିକାଂଶ ଦିନ ନାଟ ମନ୍ଦିରରେ ଏକତ୍ରିତ ହୁଅନ୍ତି। ସେମାନଙ୍କ ପାଇଁ ଏହା ଏକ ସାଂସ୍କୃତିକ ସ୍ଥଳୀ। ହାରମୋନିୟମ୍ ଓ ଢୋଲକ୍ ବଜାନ୍ତି। ମାଇକ୍‌ରେ ଭଜନ ପ୍ରସାରିତ ହୁଏ। ମାତ୍ର ଭଜନ ସବୁ ହିନ୍ଦୀ ଫିଲ୍ମ ଗୀତ ସୁରରେ ପରିବେଷଣ ହୋଇଆସୁଛି। ଭଜନର ପଙ୍କ୍ତିଗୁଡ଼ିକ ଯଦିଓ ମଣିଷର କଲ୍ୟାଣ ପାଇଁ ଉଦ୍ଦିଷ୍ଟ ହେଲେ ତାହା ଲୋକଙ୍କୁ ଫିଲ୍ମ ଗୀତ ଶୁଣିବା ଭଳି ଆନନ୍ଦ ଦେଇଥାଏ। ଏଭଳି ଭଜନକୁ ସ୍ୱୟଂ ସତ୍ୟନାରାୟଣ କିପରି ଗ୍ରହଣ କରନ୍ତି ତାହା ସେ ଜାଣିଥିବେ ମାତ୍ର ସ୍ଥାନୀୟ ଲୋକଙ୍କ ପାଇଁ ମନ ମତାଣିଆ। ମନ୍ଦିରର ଅତୀତ ଚେହେରା ଆଉ ନାହିଁ। ପୁନର୍ନିର୍ମାଣ କରାଯିବା ପରେ ମନ୍ଦିର ଆଧୁନିକ ପର୍ଯ୍ୟାୟକୁ ଆସିଯାଇଛି। ସମ୍ମୁଖ ଦ୍ୱାର ଦୁଇ ପଟରେ ଆରମ୍ଭରୁ ଥିବା ଦୁଇଟି ସିମେଣ୍ଟ ନିର୍ମିତ ପ୍ରହରୀ ମୂର୍ତ୍ତୀକୁ ହଟାଇ ଦିଆଯାଇଛି। ସେହି ସ୍ଥାନରେ ଗଣେଶ ଓ ହନୁମାନ ମୂର୍ତ୍ତୀ ଗଢାଯାଇଛି। ରାଧାମୋହନ ମନ୍ଦିରର ପୂଜକଙ୍କ ପୁଅ ଅନୀତି କରିବାରୁ ତାକୁ ସୁଆର(ପ୍ରସାଦ ରାନ୍ଧୁଣିଆ) ପଦରୁ ବିଦା କରିଦେଲେ। ମୟୂରଭଞ୍ଜ ଜିଲ୍ଲା ଦେବୋତର ବିଭାଗ ବେଳେବେଳେ ଏମିତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ। ଯୁବ ସୁଆର ଜଣକ ଭଗ୍ନ ମନରେ ବୁଲୁଥିଲାବେଳେ ମାରୁଆଡ଼ି ଲୋକଙ୍କ ନଜରରେ ପଡ଼ିଲା। ସେମାନେ ସୁଆରକୁ ଦେଖି ମନ୍ଦିରରେ ଅନ୍ନ ପ୍ରସାଦ ବିକ୍ରି ଆରମ୍ଭ କରିବାକୁ ଠିକ୍ କଲେ। ସେମାନେ ଜାଣଥିଲେ, ଦେବୋତର ବିଭାଗ ଦ୍ୱାରା ପରିଚାଳିତ ମନ୍ଦିରଗୁଡ଼ିକରେ ଅନ୍ନ ପ୍ରସାଦର ମାନ ଭଲ ନୁହେଁ। ତେଣୁ ଲୋକମାନେ ସେହି ପ୍ରସାଦ ପ୍ରତି ଆକୃଷ୍ଟ ହୁଅନ୍ତି ନାହିଁ। ଏହାକୁ ଏକ ମଉକା ଭାବେ ଗ୍ରହଣ କରାଗଲା। ଦେଖୁ ଦେଖୁ ସତ୍ୟନାରାୟଣ ମନ୍ଦିର ଅନ୍ନ ପ୍ରସାଦ ହିଟ୍ ହେବାରେ ଲାଗିଲା। କୋଭିଡ୍-୧୯ ରୋଗ ମାଡିଥିଲାବେଳେ ଅବଶିଷ୍ଟ ବିଶ୍ୱ ପରି ବାରିପଦା ସହର ମଧ୍ୟ ଅଚଳ ହୋଇପଡ଼ିଥିଲା। ଏହି ସୁଯୋଗରେ ବାରିପଦାରେ ଅନୁପ୍ରବେଶୀ ଲୋକମାନଙ୍କର ସଂଖ୍ୟା ବଢିଗଲା। ୨୦୧୯ ମସିହାର ଜନସଂଖ୍ୟା ଚିତ୍ର ୨୦୨୨ ବେଳକୁ ବଦଳି ଯାଇଥିଲା। ଅନ୍ନ ପ୍ରସାଦକୁ ଏୟା ମଧ୍ୟରେ ୭ ବର୍ଷ ବିତି ଗଲାଣି। କ୍ରେତାମାନଙ୍କର ସଂଖ୍ୟା ମଧ୍ୟ ବେଶ୍ ବଢିଗଲାଣି। ସତ୍ୟନାରାୟଣ ମନ୍ଦିରର ପଛ ଆଡ଼େ ଏକ ମିନି ହଲ୍ ନିର୍ମାଣ ହେଇଛି। ଏଠାରେ ଲୋକଙ୍କର ବିବାହ, ଜନ୍ମ ଦିନ, ଶ୍ରାଦ୍ଧ ଭୋଜି କାର୍ଯ୍ୟକ୍ରମମାନ ଆୟୋଜିତ ହେଉଛି। ମିନି ହଲ୍ ହୋଇଥିବାରୁ ଘଣ୍ଟା ପ୍ରତି ଭଡ଼ା କମ୍ ପଡୁଛି। ହଲ୍ ବୁକିଂ ଓ ପ୍ରସାଦ ବିକ୍ରୟ ସାବଲୀଳ ଢଙ୍ଗରେ ଆଗେଇ ଚାଲିଛି। ତେବେ ମନ୍ଦିରର ଆୟ ବୃଦ୍ଧି କାହା ପାଇଁ କ’ଣ ହୋଇପାରେ ମାତ୍ର ଏହାର ଭିନ୍ନ ପ୍ରଭାବ ବି ଦେଖିବାକୁ ମିଳୁଛି। ପୂର୍ବରୁ ସକାଳ ଓ ସଂଧ୍ୟାରେ ପ୍ରସାର ହେଉଥିବା ଭକ୍ତି ସଙ୍ଗୀତ ବନ୍ଦ ହୋଇଯାଇଛି। ସକାଳ ଆଳତୀ ଦର୍ଶନ ପାଇଁ ଆସୁଥିବା ସାହି ମହିଳାମାନଙ୍କର ଆଉ ପାଦ ପଡୁନାହିଁ। ଈଶ୍ୱର ଧାରଣା ମଣିଷମାନଙ୍କ ଦ୍ୱାରା ସୃଷ୍ଟି। ଈଶ୍ୱର ସର୍ବଶକ୍ତିମାନ, ସର୍ବବିଦ୍ୟମାନ, ସକଳ ଶକ୍ତିର ଆଧାର ଏମିତି କେତେ କ’ଣ ବର୍ଣ୍ଣନା କରାଯାଇଛି। ମାନବ ମୁଖ ନିସୃତ ଈଶ୍ୱର ଶକ୍ତିର ବାସ୍ତବତା କ’ଣ ତାକୁ ମଣିଷ ଜାଣିବାକୁ ବୋଧେ ସମୟ ପାଇନଥିଲା। କିମ୍ବା ତା’ର କିଛି ଆବଶ୍ୟକତା ମନେ କରିନଥିଲା। ପୂର୍ବ ପୁରୁଷମାନଙ୍କୁ ଦେଖି ମଣିଷ ଈଶ୍ୱର ବିଶ୍ୱାସୀ ହେବା ସହିତ ପୂଜାର୍ଚ୍ଚନା କରିଆସିଛି। ଲକ୍ ଡାଉନ, ସଟ୍ ଡାଉନ ଜାରି ରହିଥିଲାବେଳେ ଦେବାଳୟଗୁଡ଼ିକର ତାଟି କବାଟ ବନ୍ଦ କରିଦିଆଯାଇଥିଲା। ୨ବର୍ଷରୁ ଅଧିକ ସମୟ ଧରି ସରକାର ରାଜ୍ୟରେ କଟକଣା ଜାରି ରଖିଥିଲେ। ରୋଗ ଲୋପ କରିବାକୁ ଲୋକଙ୍କୁ ଭ୍ୟାକସିନ୍ ନେବାକୁ ପଡ଼ିଲା। ଏବେ ରୋଗ ଭୟାବହତା ନାହିଁ କହିଲେ ଚଳେ। ଯେଉଁ ଈଶ୍ୱରଙ୍କୁ ମଣିଷ ସର୍ବଶକ୍ତିମାନ ବୋଲି ଆଖ୍ୟାୟିତ କରୁଥିଲା ସେ ବି ଅକଳରେ ପଡ଼ିଯାଇଥିଲେ। ରୋଗକୁ ଦୂରେଇ ଦେବାରେ ଈଶ୍ୱର ସମର୍ଥ ହେଲେ ନାହିଁ। ଏହି ସତ୍ୟତାକୁ ମଣିଷ ଏବେ ହୃଦବୋଧ୍ କରୁଛି। ହେଇପାରେ ସେଇଥିପାଇଁ ଏତେବଡ଼ ଜନ୍ମାଷ୍ଟମୀ ଉତ୍ସବ ପାଳନ ଅବସରରେ ବାରିପଦା ସହରର ମନ୍ଦିରଗୁଡ଼ିକରେ ଆଗଭଳି ଲୋକ ଭିଡ଼ ଦେଖାଗଲାନାହିଁ।

# ଉଚ୍ଚ କର୍ ଆଗେ ନିଜ ମାତୃଭାଷା

**ବୈଷ୍ଣବ ମେହେର**

ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଭାଷାରେ ‘ମାତୃଭୂମୀ ମାତୃଭାଷାରେ ମମତା/ଯା ହୃଦେ ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗଣରେ ଗଣିବା/ ଅଜ୍ଞାନ ରହିବେ କାହିଁ’ । ଏହାର ମର୍ମ କାହାକୁ ଅଜଣା ନୁହେଁ । ମାତୃଭୂମୀ ପରି ମାତୃଭାଷା ହେଉଛି ପ୍ରତ୍ୟେକ ଜାତିର ଅମୂଲ୍ୟ ସମ୍ପଦ । ଏହାକୁ ନେଇ ପ୍ରତ୍ୟେକ ଜାତି ଗର୍ବ କରେ । କିନ୍ତୁ ପରିତାପର ବିଷୟ ଯେ, ଧିରେଧିରେ ଲୋକଙ୍କ ମଧ୍ୟରେ ମାତୃଭାଷା ପ୍ରୀତି କମିବାରେ ଲାଗିଛି । ଅତ୍ୟାଧୁନିକତାର ଦ୍ୱାହିରେ ଆମ ଚତୁଃପାର୍ଶ୍ୱର ଅନେକେ ବିଦେଶୀ ଭାଷାର ମାୟାରେ ପଡ଼ି ଯାଇଛନ୍ତି । ସେମାନଙ୍କ କଥାକଥାରେ ବିଦେଶୀ ଭାଷାପ୍ରୀତି ଉଛୁଳି ପଡ଼େ । ଆମେ ଭୁଲି ଯାଉଛୁ ଯେ, ଗୋଟିଏ ଜାତିର ପ୍ରଗତିର ମୂଳରେ ତା’ର ମାତୃଭାଷା ହିଁ ସଦା ବିଦ୍ୟମାନ ରହିଥାଏ । ଭାରତର ପୂର୍ବତନ ରାଷ୍ଟ୍ରପତି ଯୋଗଜନ୍ମା ବୈଜ୍ଞାନିକ ଡ.ଅବଦୁଲ କଲାମ କହିଥିଲେ, ମୁଁ ଜଣେ ଭଲ ବୈଜ୍ଞାନିକ ହେବାର କାରଣ ହେଉଛି ଯେ, ମୁଁ ଗଣିତ ଓ ବିଜ୍ଞାନ ଶିକ୍ଷା ମୋର ନିଜ ମାତୃଭାଷା ମାଧ୍ୟମରେ ଗ୍ରହଣ କରିଛି । ଯେଉଁ ମାଟିରେ ଆମର ଜନ୍ମ, ଯେଉଁଠିକାର ପବନରେ ଆମର ନିଶ୍ୱାସ ପ୍ରଶ୍ୱାସ ଆତଯାତ, ଯାହାର ପାଣି ଓ ଖାଦ୍ୟରେ ଶରୀର ହୃଷ୍ଟପୃଷ୍ଟ, ଯେଉଁଠିର ଭାଷା ମୋ ଜନ୍ମ କଲା ମା’ର ଭାଷା, ତା’ର ଅବଦାନକୁ କେଜାଣି ଆମେ କେମିତି ଭୁଲି ଯାଉଛୁ ।

ମା’ଆ ଓ ମାଟିର ଭାଷା ହିଁ ମାତୃଭାଷା । ଏହା ମା’ଆ କ୍ଷୀର ପରି ମିଠା । ମାତୃଭାଷା ହିଁ ଏକମାତ୍ର ବିକଳ୍ପ ଯାହା ମାଧ୍ୟମରେ ମନର ଭାବକୁ ଅନ୍ୟ ନିକଟରେ ସହଜରେ ପରିପ୍ରକାଶ କରିହୁଏ । ଯେତେବେଳେ ବିଶ୍ୱରେ କୌଣସି ଭାଷା ନ ଥିଲା, ସେତେବେଳେ ଆଦିମାନବ ନିଜ ଅଙ୍ଗପ୍ରତ୍ୟଙ୍ଗର ସଙ୍କେତ ମାଧ୍ୟମରେ କିମ୍ବା ଧ୍ୱନି ମାଧ୍ୟମରେ ନିଜ ହୃଦୟର ଭାବକୁ ପ୍ରକାଶ କରିବାକୁ ପ୍ରୟାସ କରୁଥିଲା । କହିବା ବାହୁଲ୍ୟ ଯେ, ମାତୃଭାଷା ସହ ଆମର ଏକ ଆତ୍ମୀକ ସଂର୍ପକ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଓିତଃପ୍ରୋତ ଭାବରେ ଜଡ଼ିତ ଥାଏ । ସେଥିପାଇଁ ତ ବ୍ୟାସ କବି ଫକିର ମୋହନ ସେନାପତି ଯଥାର୍ଥରେ କହିଥିଲେ ‘ଭାଷା ହିଁ ଜୀବନ ଶକ୍ତି ଜାତି ମାନଙ୍କର, ଯେଉଁ ଜାତି ଭାଷାହୀନ ସେ ଜାତି ବର୍ବର’ ।

ୟୁନେସ୍କୋ ବିଶ୍ୱରେ ପ୍ରାୟ ୬୫୦୦ ଭାଷା ଥିବା କହୁଥିବା ବେଳେ ବାସ୍ତବରେ ଏହାର ସଂଖ୍ୟା କିନ୍ତୁ ବହୁ ଅଧିକ । ତେବେ ଏହି ସବୁ ଭାଷା ମଧ୍ୟରୁ ଅଧାରୁ ଅଧିକ ଲୁପ୍ତ ହେବାକୁ ବସିଲାଣି । ଭାଷା ଲୁପ୍ତ ହେବାର କାରଣ ହେଉଛି, ଏହି ସବୁ ଭାଷାକୁ ବ୍ୟବହାର କରୁଥିବା ଲୋକ ଆଉ ନାହାନ୍ତି କିମ୍ବା ଧିରେଧିରେ କମି ଆସୁଛନ୍ତି । ଜାଣିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ ଯେ, ଏତେ ଗୁଡ଼ିଏ ଭାଷା ଥିବା ସତ୍ତ୍ୱେ ବିଶ୍ୱର ମୋଟ ଜନସଂଖ୍ୟାର ପ୍ରାୟ ଅଧା କେବଳ ୨୦ ଟି ଭାଷା କହିଥାନ୍ତି । ସବୁଠାରୁ ଅଧିକ ଲୋକ କହୁଥିବା ଭାଷା ମଧ୍ୟରେ ରହିଛି ଚାଇନିଜ୍ । ଏହି ଭାଷାକୁ ବିଶ୍ୱର ୧୪.୪ ପ୍ରତିଶତ ଲୋକ ବ୍ୟବହାର କରିଥାନ୍ତି । ଏହା ପଛକୁ ସ୍ପାନିସ୍ ଭାଷା ରହିଛି ଯାହାକୁ ୬.୧୫ ପ୍ରତିଶତ, ଇଂରାଜୀକୁ ୫.୪୩ ପ୍ରତିଶତ ଏବଂ ଏହା ପରେ ଆମ ରାଷ୍ଟ୍ର ଭାଷା ହିନ୍ଦୀକୁ ୪.୭୦ ପ୍ରତିଶତ ଲୋକ ବ୍ୟବହାର କରୁଥିବା ଜଣାଯାଏ ।

ବିଶ୍ୱର ପ୍ରତ୍ୟେକ ମଣିଷଙ୍କ ମାତୃଭାଷାକୁ ସମ୍ମାନ ଦେବା ସହ ଅନ୍ତର୍ଜାତୀୟ ସ୍ତରରେ ମାତୃଭାଷାକୁ ନେଇ ଏକ ସୌହାର୍ଦ୍ଦପୂର୍ଣ୍ଣ ଭାବ ତିଆରି କରିବାର ଲକ୍ଷ୍ୟ ନେଇ ୧୯୯୯ ମସିହାରେ ୟୁନୋସ୍କୋ ଫେବୃଆରୀ ୨୧କୁ ଅର୍ନ୍ତଜାତୀୟ ମାତୃଭାଷା ଦିବସ ଭାବରେ ଘୋଷଣା କଲା ପରେ ୨୧ ଫେବୃଆରୀ ୨୦୦୦ ମସିହା ଠାରୁ ବିଧିବଦ୍ଧ ଭାବରେ ସମଗ୍ର ବିଶ୍ୱରେ ପ୍ରତିବର୍ଷ ଏହି ଦିବସ ପାଳନ ହୋଇଆସୁଛି । ତେବେ ଏହି ଦିନକୁ ବିଶ୍ୱ ମାତୃଦିବସ ଭାବରେ ପାଳନ କରାଯିବାର ମହତ୍ୱପୂର୍ଣ୍ଣ କାରଣ ହେଲା, ୧୯୫୨ ମସିହା ଫେବୃଆରୀ ୨୧ ରେ ମାତୃଭାଷାର ସ୍ୱାଭିମାନ ପାଇଁ ଆନ୍ଦୋଳନରତ ଢାକା ବିଶ୍ୱବିଦ୍ୟାଳୟର ପାଂଚ ଜଣ ବିଦ୍ୟାର୍ଥୀ ସଲାମ୍, ବରକତ୍, ରଫିକ୍, ଜବ୍ବର୍ ଓ ସଫିଉର୍ ପୋଲିସ ଗୁଳିରେ ସହିଦ୍ ହୋଇଥିଲେ । ମାତୃଭାଷା ପାଇଁ ନିଜ ଜୀବନକୁ ବଳିଦାନ ଦେବାରେ ଏହା ଥିଲା ମାନବ ଇତିହାସର ପ୍ରଥମ ଘଟଣା । ଭାରତ ବିଭାଜନ ପରେ ନବଗଠିତ ପାକିସ୍ଥାନର ପୂର୍ବ ଓ ପଶ୍ଚିମ ଅଂଚଳ ମଧ୍ୟରେ ରହିଥିବା ସାଂସ୍କୃତିକ ଏବଂ ଭାଷାଗତ ପ୍ରାର୍ଥକ୍ୟକୁ ନେଇ ଦ୍ୱନ୍ଦ ଲାଗି ରହିଥିଲା । ୧୯୪୮ରେ ପାକିସ୍ଥାନ ସରକାର ପୂର୍ବ ପାକିସ୍ଥାନ ଉପରେ ଜବରଦସ୍ତି ଉର୍ଦ୍ଦୁ ଭାଷାକୁ ଜାତୀୟ ଭାଷା ରୂପେ ଲଦି ଦେବା ପରେ ସେଠାରେ ବହୁ ସଂଖ୍ୟାରେ ବସବାସ କରୁଥିବା ବଙ୍ଗଳାଭାଷୀମାନେ ଏହାକୁ ସହଜରେ ଗ୍ରହଣ କଲେ ନାହିଁ । ଫଳରେ ସେଠାକାର ଅଧିବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଲା । ଏନେଇ ଆନ୍ଦୋଳନ ଆରମ୍ଭ ହୋଇ ଧିରେଧିରେ ତିବ୍ର ରୂପ ଧାରଣ କଲା । ଆନ୍ଦୋଳନକୁ ଦମନ କରିବାକୁ ପୋଲିସ ଗୁଳି ଚଲାଇବାରୁ ଉପରୋକ୍ତ ପାଂଚ ଜଣ ଭାଷାପ୍ରେମୀ ଟଳି ପଡ଼ିବା ସହ ଅନେକ ଆହତ ହୋଇଥିଲେ । ଏହି ଘଟଣା ପରେ ପୂର୍ବ ପାକିସ୍ଥାନ ଆହୁରି ତାତି ଉଠିଲା, ଫଳରେ ବାଧ୍ୟ ହୋଇ ପାକିସ୍ଥାନ ସରକାର ୧୯୫୬ ଫେବୃଆରୀ ୨୯ ରେ ଦାବି ମୁତାବକ ଏଠାରେ ବଙ୍ଗଳା ଭାଷାକୁ ସରକାରୀ ଭାଷା ରୂପେ ସ୍ୱୀକୃତି ପ୍ରଦାନ କଲେ । ମାତୃଭାଷା ପାଇଁ ବଳିଦାନ ଦେଇଥିବା ସହିଦ୍ ମାନଙ୍କ ସ୍ମୃତିରେ ଢାକା ଠାରେ ଏକ ସ୍ମାରକୀ ନିର୍ମାଣ କରାଯାଇ ପ୍ରତିବର୍ଷ ଫେବୃଆରୀ ୨୧ ରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇ ଆସୁଛି ।

ମାତୃଭାଷା ପ୍ରତି ଲୋକଙ୍କୁ ଅଧିକ ଜାଗ୍ରତ କରିବା ପାଇଁ ୨୦୦୨ରୁ ପ୍ରତିବର୍ଷ ମିଳିତ ଜାତିସଂଘ ତରଫରୁ ଏହି ଦିନ ଏକ ନିର୍ଦ୍ଦିଷ୍ଟ ସ୍ଲୋଗାନ ଦିଆଯାଇଆସୁଛି । ସେଥି ମଧ୍ୟରୁ ୨୦୧୦ରେ ସଂସ୍କୃତି ଓ ଭାଷା, ୨୦୧୧ରେ ସୂଚନା ଓ ଯୋଗାଯୋଗରେ ଭାଷା, ୨୦୧୨ରେ ମାତୃଭାଷା ଶିକ୍ଷା, ୨୦୧୩ରେ ମାତୃଭାଷାରେ ଶିକ୍ଷା ପାଇଁ ପୁସ୍ତକ, ୨୦୧୪ରେ ଆଂଚଳିକ ଓ ସ୍ଥାନୀୟ ଭାଷାକୁ ଗୁରୁତ୍ୱ, ୨୦୧୫ରେ ଭାଷା ଶିକ୍ଷା ଓ ଭାଷାର ମହତ୍ୱ, ୨୦୧୬ରେ ଗୁଣାତ୍ମକ ଶିକ୍ଷାଦାନରେ ଭାଷା, ୨୦୧୭ରେ ବହୁଭାଷୀ ଶିକ୍ଷାଦାନର ଉପାଦେୟତା, ୨୦୧୮ରେ ଆମ ଭାଷା, ଆମ ସମ୍ପଦ, ୨୦୧୯ରେ ଅନ୍ତର୍ଜାତୀୟ ଓ ଦେଶୀୟ ଭାଷା, ୨୦୨୦ରେ ଭାଷା ବିବିଧତାର ସୁରକ୍ଷା, ୨୦୨୧ରେ ଶିକ୍ଷା ଓ ସମାଜରେ ଭାଷା ଏବଂ ଚଳିତ ୨୦୨୨ ବର୍ଷ ପାଇଁ ବହୁଭାଷୀ ଶିକ୍ଷାରେ ପ୍ରଯୁକ୍ତିର ଉପଯୋଗ-ଆହ୍ୱାନ ଅବା ସୁଯୋଗ ରହିଛି ।

କହିବା ବାହୁଲ୍ୟ ଯେ, ପରସ୍ପର ମଧ୍ୟରେ ସଂପର୍କକୁ ଅଧିକ ମଧୁର ଓ ମଜଭୁତ କରିବା ପାଇଁ ମାତୃଭାଷା ହିଁ ସର୍ବୋତ୍ତମ ମାଧ୍ୟମ । ତେଣୁ କରି ଆମ ଭାଷା ଆମ ସମ୍ପଦ । ଏହାର ମାନ, ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆମକୁ ସଦା ସଙ୍କଳ୍ପବଦ୍ଧ ହେବାକୁ ପଡ଼ିବ ।

ସିନାପାଲି, ନୂଆପଡ଼ା




## ଚିହ୍ନା ଅଚିହ୍ନା

**ଦିବାକର ନାୟକ**

ଦିନେ କଇଁ ଥିଲା ଜହ୍ନକୁ ଅଜଣା
ସୁରୂଜ ବି ଥିଲା ପଦ୍ମକୁ ଅଜଣା
ଯୋଉ ଦିନ ଚାରି ଆଖି
ହୋଇଗଲେ ଦେଖାଦେଖି
ଜଣକ ନାଆଁ ତଳେ ଲେଖା ହୋଇଗଲା
ଆର ଜଣକ ଠିକଣା । (୦)

ଅଚିହ୍ନା ବେଳରେ ପାଖରେ ଥିଲେ ବି
ଅଣଦେଖା ହୋଇଯାଏ
ଚିହ୍ନାଲୋକଟିର ଛାଇକୁ ଦେଖିଲେ
ଦୂରରୁ ବି ଚିହ୍ନି ହୁଏ

ଆଜି ତୁ ଏମିତି ଏତେ ଯେ ଆପଣା
ପାଣିକୁ କହିବି ଦେଇଛୁ ତୁ ପଣା
ସେଦିନ ବାରଣ ଥିଲୁ
ବରଣ ଆଜି ତୁ କଲୁ
ଚାରଣା ଖୋଜି କି ବାରଣା ପାଇଲେ
ଲାଗେ ପାଇଛି ଷୋଳଣା..
ଜଣକ ନାଆଁ ତଳେ ଲେଖା ହୋଇଗଲା
ଆର ଜଣକ ଠିକଣା । (୧)

ଅଜଣା କେମିତି ଆପଣାର ହୁଏ
ଜାଣିଲି ତୋଠାରୁ ଏବେ
ସମୟ କାହାକୁ କା’ ସାଥିରେ କେବେ
ମିଶାଏ ଏମିତି ଯେବେ

ଭାବ ବିନିମୟ ନିଆରା ପାଉଣା
ଦେଇ ଜାଣେ ହେଲେ ନାହିଁ ତା ଭରଣା
ମନ ଯହିଁ ମିଶିଯାଏ
ମାଟିକୁ ଆକାଶ ଛୁଏଁ
ହୃଦୟ-ମହଲେ ଏମିତିକା ଝୁଲେ
ସୁନା ସପନ ଝୁଲଣା..
ଜଣକ ନାଆଁ ତଳେ ଲେଖା ହୋଇଗଲା
ଆର ଜଣକ ଠିକଣା । (୨)

ପାଟପୁର, କନିସି-୭୬୧ ୦୦୮
ଗୋଳନ୍ଥରା, ଗଞ୍ଜାମ
ମୋ-୯୯୩୮୬ ୧୯୯୮୧

## ଆସ ସୁଖ ବାଣ୍ଟିଦେବା

**ପ୍ରଶାନ୍ତ କୁମାର ଦାଶ**



ଦୁଃଖସବୁ କାଢିନେବା
ପୋଛିଦେବା ଲୁହ
କାହିଁକି ରଖିଛ ମନେ
ଭେଦଭାବ କୁହ ।।

ଛୁଆଁ ଅଛୁଆଁର ବାଡ଼
ପାଚେରୀକୁ ଭାଙ୍ଗି
ସୁଖସୁଧା ଢାଳିଦେବା
ପରହିତେ ଲାଗି ।।

ଖରା ବର୍ଷା ଶୀତ ସହି
କରିଯିବା କାମ
କରି ଦେଶ ଦଶ ହିତ
ରଖିଯିବା ନାମ ।।

ଚାଲେ ଦୁଃଖ ସୁଖ ଖେଳ
ଏଇ ଧରା ତଳେ
ହସଇ ଦୁନିଆ ଧରି
କେତେ ଫୁଲ ଫଳେ ।।

ଦୁଃଖଭୁଲି ପକ୍ଷୀଟିଏ
ଗାଉଥାଏ ଗୀତ
ନିଜ ସୁଖ ଦୂରେ ଫିଙ୍ଗି
ବସିଯିବା ମିତ ।।

ଚାଲ ଏଇ ଧରାକୋଳେ
ଗଢି ଛୋଟ ଘର
ରହିବା ସୁଖରେ ଜିଇଁ
ଭୁଲି ନିଜ ପର ।।

ପାଠପଢି ଦେଶ ଗଢି
ଲଗାଇବା ଗଛ
ଖରା ତାତି ଅଂଶୁଘାତ
ରହିଯିବ ପଛ ।।

ଆସ ସୁଖ ବାଂଟିଦେବା
ତଡ଼ିଦେଇ ଦୁଃଖ
ଭରିଦେଇ ପେଟରେ ଦାନା
ଲିଭାଇବା ଭୋକ ।।

❤ କୁଞ୍ଜର ସଙ୍ଗଲାଇ
ପିପିଲି ପୁରୀ
(ମୋ)-୯୬୬୮୮୨୨୧୯୦

## କଳି ଯୁଗ

**ଅନନ୍ତ କୁମାର**

ଦରଦାମ ବଢି ବଢି ଚାଲିବ
ଟଙ୍କାର ଅଭାବ ହୋଇବ
ଭୋକିଲା ପେଟରେ ରାତିବିତିବ
ଖାଦ୍ୟର ଅଭାବ ହୋଇବ ।

ଦିନ ରାତି ଟଙ୍କା ଟଙ୍କା ହେଇ
ମଣିଷ ହେବ ଦିନେ ପାଗଳ
ଚିନ୍ତା କରି ନିଦ ନ ଆସିବ
ଶରୀର ହେବ ଦିନେ ଦୁର୍ବଳ ।

ଘରେ ଘରେ ରୋଗ ବ୍ୟାଧି
ହୋଇବ ସଭିଙ୍କୁ ଦିନେ
ଔଷଧ ଧରି ବୁଲିବ
ରଖିଥାଅ ସଭିଏଁ ମନେ ।

ମଣିଷ ମଣିଷକୁ ମାରି ଖାଇବ
ସବୁ ସ୍ନେହ ସମ୍ପର୍କ ଭୁଲି
ଚୋରୀ, ନାରୀ ବଢି ବଢି ଚାଲିବ
ରଖ ସଭିଏଁ କାନ ଖୋଲି ।

ମନ୍ଦିର ମଠରେ ଜୁଆ ଖେଳ ହେବ
ଭାଗବତ ଟୁଙ୍ଗି ଦିନେ ଭୁଷୁଡିବ,
ଗାଁ ଗାଁ ରେ ରାଜନୀତି ହିଂସା ବଢିବ
ଭାଇଚାରାରେ ପୂର୍ଣ୍ଣଛେଦ ପଡିବ ।

ସଂସ୍କୃତି ପରମ୍ପରା ଭୁଲିବ ମଣିଷ
ଭୁଲିବ ପୁଣି ନାମ ସଂକୀର୍ତ୍ତନ
ଗାଆଁ ଦେବା ଦେବୀ ଅପୂଜା ରହିବେ
ଜୁଆ ତାସ ଖେଳ ହେବ ପ୍ରତିଦିନ ।

ଘରେ ଘରେ ସବୁ ନାରୀ ପୁରୁଷ
ନିଜକୁ ସତୀ ବୋଲାଇବେ
ରାତି ହେଲେ ସଭିଏଁ ପର ପାଖେ
ମନ ଖାଲି ବୋଲାଇବେ ।

ଘରେ ଘରେ ସନ୍ଦେହ ବଢିବ
ବଢିବ ପୁଣି ହତ୍ୟା ଆତ୍ମ ହତ୍ୟା
ଦିନ ରାତି ଆମିଷ ଭକ୍ଷଣ କରିବେ
କରିବେ ନିଇତି ଜୀବ ହତ୍ୟା ।

ଦିନରେ ନାରୀ ଧର୍ଷଣ ହେବ
ସଭିଏଁ ଆଖିରେ ଦେଖିବେ
ମନ୍ଦିର ମଠରୁ ଲୁଟ ହେବ
କେହି ଜାଣି ନ ପାରିବେ ।

ପରକୀୟା ପ୍ରୀତି ବଢିବ ଘରେ ଘରେ
ନୀତି ଅନୀତି କିଛି ନରହିବେ



ମନ୍ଦିର ମଠ ମସଜିଦ୍ ତାଲା ପଡିବ
କୁଆ କୋଇଲି ଦିନେ ରାବିବେ ।

ପ୍ରେମର ସୁନାମି ଆସିବ ଦିନେ
ଅକାଳେ ଯିବ ସଭିଙ୍କ ପ୍ରାଣ,
ରହିବେ ପାଚିଲା ଯିବେ କଞ୍ଚା
ଶୁଣ ସବୁ ଦେଇ ମନ ।

ଧର୍ମ କାନ୍ଦିବ ଅଧର୍ମ ଆଗେ
ମିଛ ପାଖେ ସତ ବନ୍ଧା ପଡିବ
ପାପର କଳସ ଉଛୁଳିବ
ଈଶ୍ୱରଙ୍କ ହାତେ ପେଡି ପଡିବ ।

ପାପର ଭାର ବଢିବ ଯେବେ
ବସୁମତୀ ହୋଇବେ ଅସମ୍ଭାଳ
ମିଛ, ମୋହ, ମାୟା ଲଙ୍ଘିବ ଯେବେ
ବିନାଶ ହେବ ଘୋର କଳି କାଳ ।

❤ ତିହିଡି ଭଦ୍ରକ
(ମୋ) ୮୩୩୯୯୩୯୯୨୯



# ଫୁଲ ଫଳ ଫଗୁଣି





## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୫୭)

# ସୀତାଙ୍କୁ ନପାଇ ରାମଙ୍କ ଶୋକ



କାର୍ତ୍ତିକ ସାଇଁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ସୀତାଙ୍କ ଇଚ୍ଛା ପୂର୍ଣ୍ଣ କରିବାପାଇଁ ଶ୍ରୀରାମ ମାୟା ସୁବର୍ଣ୍ଣ ମୃଗ ପଛରେ ଅରଣ୍ୟରେ ପ୍ରବେଶ କରିଥିଲେ। ସେତେବେଳେ ଲକ୍ଷ୍ମଣ ଭ୍ରାତା ରାମଙ୍କୁ ସତର୍କ କରାଇଥିଲେ ଓ କହିଥିଲେ ଏହା କୌଣସି ଦୁଷ୍ଟ ରାକ୍ଷସର କାମ। ମାତ୍ର ପତ୍ନୀ ସୀତାଙ୍କ ଅନୁରୋଧ ରକ୍ଷାକରି ଶ୍ରୀରାମ ଜଙ୍ଗଲରେ ପ୍ରବେଶ କଲ।

କିଛି ସମୟ ମାୟା ମୃଗ ପଛରେ ଧାଁଇବା ପରେ ଶ୍ରୀରାମ ଜାଣିପାରିଲେ ଯେ ସେ ଏକ ମାୟା ମୃଗ ପଛରେ ଧାଉଁଛନ୍ତି। ସେ ତତ୍‌କ୍ଷଣତ୍ ଶର ନିକ୍ଷେପ କଲେ ଓ ମାରୀଚକୁ ବଧ କଲେ। ମରିବା ଆଗରୁ ରାବଣର ଯୋଜନା ଅନୁସାରେ ମାରୀଚ 'ହା ସୀତା- ହା ଲକ୍ଷ୍ମଣ' ଠିକ୍ ରାମଙ୍କ ସ୍ୱରରେ ଉଚ୍ଚାରଣ କଲେ।

ସୀତା ମାରୀଚର ସ୍ୱର ଶୁଣିଲେ ଓ ତତ୍‌କ୍ଷଣାତ୍ ରାମଙ୍କୁ ରକ୍ଷାଲାଗି ଲକ୍ଷ୍ମଣଙ୍କୁ ଜଙ୍ଗଲକୁ ପଠାଇଲେ। ଅନିଚ୍ଛାସତ୍ତ୍ୱେ ଲକ୍ଷ୍ମଣ ଜଙ୍ଗଲର ପ୍ରବେଶ କଲେ।

ଅଧାବାଟରେ ଦୁଇ ଭାଇଙ୍କର ସାକ୍ଷାତ ହେଲା ଓ ସେମାନେ ଶୀଘ୍ର ତାଙ୍କ ପର୍ଣ୍ଣକୁଟୀରରେ ପହଂଚିଲେ। ସେଠାରେ ସୀତା ନଥିଲେ। ଶ୍ରୀରାମ ଅତ୍ୟନ୍ତ ବ୍ୟାକୁଳ ହୋଇ ଉଠିଲେ।

ଶ୍ରୀରାମ ସୀତାଙ୍କୁ ପ୍ରାଣଠାରୁ ଅଧିକ ଭଲ ପାଉଥିଲେ। ସୀତାଙ୍କୁ ଆଶ୍ରମରେ ନଦେଖି ସେ ଶୋକ କରିବାକୁ ଆରମ୍ଭ କଲେ। ବାଟରେ ଲକ୍ଷ୍ମଣଙ୍କୁ ଦେଖି ତାଙ୍କ ମନରେ ଅନେକ ଆଶଙ୍କା ସୃଷ୍ଟି ହୋଇଥିଲା ଓ ଆଶ୍ରମରେ ପହଂଚି ତାଙ୍କ ଆଶଙ୍କା ସତ୍ୟ ପ୍ରମାଣିତ ହୋଇଥିଲା।



ଶ୍ରୀରାମଙ୍କ ଶୋକ କ୍ରୋଧରେ ବଳଦିଗଲା ଓ ସୀତାଙ୍କ ବିରହ ସେ ସହ୍ୟ କରିପାରିଲେନି। ନିଜ ପରାକ୍ରମୀ ଶର ପ୍ରୟୋଗ କରି ଏ ସଂସାରକୁ ଧ୍ୱଂସ କରିବା କଥା ଲକ୍ଷ୍ମଣଙ୍କୁ କହିଲେ।

ଲକ୍ଷ୍ମଣ ସବିନୟେ ଭ୍ରାତାଙ୍କୁ କ୍ରୋଧ ପରିତ୍ୟାଗ କରିବାକୁ ଅନୁରୋଧ କଲେ ଓ ମା ସୀତାଙ୍କୁ ଖୋଜିବାକୁ କହିଲେ। ଲକ୍ଷ୍ମଣ ରାମଙ୍କୁ ଏ କଥା ମଧ୍ୟ କହିଲେ- "ଯେ କେହି ବି ମା' ସୀତାଙ୍କୁ ନେଇଛି ତାର ବଧ ସୁନିଶ୍ଚିତ। ତେଣୁ ଆଗ ମା' ସୀତାଙ୍କୁ ଠାବ କରିବା ନିହାତି ଆବଶ୍ୟକ। "

ଲକ୍ଷ୍ମଣଙ୍କ ଅନୁରୋଧରେ ଶ୍ରୀରାମ ଶାନ୍ତ ହେଲେ ଓ ଦୁଇଭାଇ ତତ୍‌କ୍ଷଣାତ୍ ସୀତାଙ୍କୁ ଖୋଜିବାକୁ ବାହାରିଲେ।

ଜଙ୍ଗଲରେ ବୁଲୁ ବୁଲୁ ସେମାନେ ମୃତପ୍ରାୟ ଜଟାୟୁଙ୍କୁ ଭେଟିଲେ। ଜଟାୟୁ ରକ୍ତରେ ଜୁଡୁବୁଡୁ ହୋଇ ଭୂମି ଉପରେ ପଡ଼ି ରହିଥିଲେ। ସେ ଅପେକ୍ଷା କରିଥିଲେ ରାମ ଲକ୍ଷ୍ମଣଙ୍କୁ ଆଗମନକୁ।

ଜଟାୟୁଙ୍କୁ ଏପରି ଅବସ୍ଥାରେ ଦେଖି ରାମ ଲକ୍ଷ୍ମଣ ବ୍ୟଥିତ ହୋଇ ଉଠିଲେ। ଜଟାୟୁ ଅତି କଷ୍ଟରେ ରାମ ଲକ୍ଷ୍ମଣଙ୍କୁ ସୀତାଙ୍କ ଖବର ଦେଲେ। ଲଙ୍କାପତି ରାକ୍ଷସ ରାବଣ ସୀତାଙ୍କୁ ତା ପୁଷ୍ପକ ବିମାନରେ ଲଙ୍କା ନେଇ ଯାଇଛି- ଏ କଥା ଶୁଣି ଶ୍ରୀରାମ ଦୁଃଖର ମ୍ରିୟମାଣ ହୋଇପଡ଼ିଲେ। ଜଟାୟୁଙ୍କ ଅବସ୍ଥା ତାଙ୍କୁ ବେଶୀ ଦୁଃଖୀ କଲା।

ଜଟାୟୁ କହିଲେ- ହେ ଶ୍ରୀରାମ, ମୁଁ ତୁମରି ଅପେକ୍ଷାରେ ଥିଲି। ମୋର ଶେଷ ସମୟ ଉପଗତ। ମୋର ଏହା ସୌଭାଗ୍ୟ ଯେ ମୋର ମିତ୍ର ମହାରାଜା ଦଶରଥଙ୍କ ପୁତ୍ର ଓ ପ୍ରଭୁ ଶ୍ରୀରାମଙ୍କ ମୁଖ ଦର୍ଶନ କରି ମୁଁ ଦେହତ୍ୟାଗ କରୁଛି। ଏତିକି କହି ଜଟାୟୁ ପ୍ରାଣତ୍ୟାଗ କଲେ। ରାମ ଲକ୍ଷ୍ମଣ ଜଟାୟୁଙ୍କ ମୃତ ଶରୀର ପାଖରେ ବସି ଦୁଃଖରେ ରୋଦନ କଲେ।

ଜଟାୟୁ ଆମର ପିତୃ ସମ ଥିଲେ। ତେଣୁ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା କରିବା। ରାମ ଲକ୍ଷ୍ମଣଙ୍କୁ ଜଙ୍ଗଲରୁ ଶୁଷ୍କ ବୃକ୍ଷଡାଳ ଆଣିବାକୁ କହିଲେ ଓ ଲକ୍ଷ୍ମଣ ତତ୍-କ୍ଷଣାତ୍ ସେ କାର୍ଯ୍ୟ କଲେ। ଦୁଇଭାଇ ମିଶି ଜଟାୟୁଙ୍କ ଲାଗି ଜୁଇ ପ୍ରସ୍ତୁତ କଲେ ଓ ସେଠାରେ ଜଟାୟୁଙ୍କ ଶରୀରକୁ ଦାହ କଲେ। ପାଖରେ ଗୋଦାବାରୀ ନଦୀକୁ ଯାଇ ସେଠାରେ ସ୍ନାନକରି ଜଟାୟୁଙ୍କ ଉଦ୍ଦେଶ୍ୟରେ ପିଣ୍ଡ ଦାନ କଲେ।

ସଂପୂର୍ଣ୍ଣ ରାମାୟଣ ପୁରାଣରେ ପଶୁ, ପକ୍ଷୀ, ମରିଷ ଓ ଦେବତାଙ୍କ ମଧ୍ୟରେ ସୁନ୍ଦର ସଂପର୍କର ଅନେକ ଆଲେଖ୍ୟ ଅଛି। ପରିବେଶର ସନ୍ତୁଳନ ରକ୍ଷା କରିବାକୁ ସମସ୍ତେ ଚେଷ୍ଟା କରିଛନ୍ତି। ପଶୁପକ୍ଷୀ ମାନବ ଜାତିଙ୍କର ସହାୟତା କରିଛନ୍ତି।

ଏତିକି କହି ମିନା ଅପା ରାମାୟଣ କଥା ଏଇଠି ରଖିଲେ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧

# ହ୍ୟାପି ଟିଚର୍ସ ଡେ . . . .



ନଗେନ୍ଦ୍ର ନାଥ ପଟ୍ଟନାୟକ




ମେହୁଲ ଆଜି ବି ସ୍କୁଲରେ ତଳକୁ ମୁଣ୍ଡପୋତି ଛିଡା ହୋଇଥାଏ । କାରଣ ଇଂରାଜୀ ଗୁରୁମା ବରାବର ତାକୁ ଗାଳି ଦେଉଚନ୍ତି । ମେହୁଲ ମନେ ମନେ ରାଗିପାଚି ନିଆଁ । ଇଂରାଜୀ ଗୁରୁଜୀ କାଇଁକି ତାକୁ ନିଇତି ଶୋଧୁଚନ୍ତି । ଯାଂଚ ହୋଇଥିବା ନୋଟବୁକ୍‌ଟି ଗୁରୁମାଠୁ ନେଲାବେଳେ ତା ଦିମାଗ ବିଗିଡିଗଲା । ଗୁରୁମା ତା ପୂରା ଖାତାରେ ନାଲି କଲମରେ ଛକ ମାରିଥିଲେ । ଗୁରୁମା ତାର ଖାସ୍ ଶତ୍ରୁ ବୋଲି ମେହୁଲକୁ ମନେହେଲା । ଗୁରୁମା ଯେବେ ବି ତା ହାତରୁ ଖାତାଟି ନିଅନ୍ତି ଖାତାରେ ପ୍ରଶ୍ନର ଭୁଲଉତର ଖୋଜିବାକୁ ଲାଗନ୍ତି । ସେଦିନ ଗୁରୁମା ଶ୍ରେଣୀଗୃହରୁ ଚାଲିଗଲା ପରେ ମେହୁଲ ଗୁମସୁମ ହୋଇ ବସିପଡିଲା । ସହପାଠୀ ଅଖିଳ ତା ପାଖକୁ ଲାଗିଆସି କହିଲା - ଆରେ ସାଙ୍ଗ ଚାଲିଆ ବାହାରେ ପଡିଥିବା ବେଂଚ ଉପରେ ବସିକି ମଧ୍ୟାହ୍ନ ଭୋଜନ କରିବା । ମେହୁଲ କହିଲା - ନାଇଁ , ମୋ ମନ ଭଲନାଇଁ . . . . ତୁ ଯାଆ । ଅଖିଳ କହିଲା -ଯିବି ତ ନିଶ୍ଚୟ . . . . କିନ୍ତୁ ତୋତେ ସାଥିରେ ନେଇ । ଏଇଆ କହି ମେହୁଲ ହାତକୁ ଜାବୁଡି ଧରିଲା , ହେଲେ ମେହୁଲ ତା ହାତକୁ ଖୁବ୍ ଜୋରରେ ଝିଙ୍କିଆଣିଲା । ଏକଥା ଅଖିଳକୁ ଜମା ଭଲ ଲାଗିଲାନି । ସେ ଚୁପଚାପ ନିଜ ଟିଫିନ ବାକ୍ସଟି ଉଠେଇ ବାହାରକୁ ଚାଲିଗଲା ।

ମେହୁଲ ପୁଣି ଭାବନାରେ ବୁଡିଗଲା - ଆଜି ଗୁରୁମା ମୋ ଖାତାରେ ଏତେ ନାଲ ରଙ୍ଗରେ ରଙ୍ଗେଇଚନ୍ତି କାଇଁକି ? ଟିକେ ଯାଇ ଦେଖେ ଅଖିଳ ଖାତାରେ କଣ ସେ କରିଚନ୍ତି ? ଅଖିଳ ଖାତାଖୋଲି ଦେଖେତ କୌଣସି ପୃଷ୍ଠାରେ ବି ଗୁରୁମା ନାଲି ଦାଗଟିଏ ବି ମାରିନାହାନ୍ତି । ଏବେ ବାପା ମାଆକୁ ସବୁକଥା ଖୋଲି କହିଦେବ ବୋଲି ଭାବିଲା । ଏଣିକି ସେ ସ୍କୁଲରେ ଆଉ ପାଠ ପଢିବ ନାଇଁ । ବାକି ପିରିୟଡରେ ସେ ଗୁମସୁମ ହୋଇ ବସିଥାଏ । କାଇଁକିନା ଏ ସ୍କୁଲରେ ପିଲାଙ୍କୁ ଗୁରୁମା ବଡ ହଇରାଣ ହରକତା କରୁଚନ୍ତି । ହତୋତ୍ସାହିତ କରାଯାଉଚି ।

ଘରେ ପହଁଚିଲାବେଳକୁ ମାମା ତା ଉଦାସିଆ ମୁହଁକୁ ଦେଖିଲେ । ବଡ ମନଦୁଃଖରେ କହିଲେ -ଆରେ ଧନ , ଆଜି କଣ ତୋ ମୁହଁଟା ଶୁଖିଯାଇଚି ? ମେହୁଲ କହିଲା -ମାମା, ସେ ସ୍କୁଲ ମତେ ଜମାରୁ ଭଲ ଲାଗୁନି । ଅନ୍ୟ କୋଉ ସ୍କୁଲରେ ମୋର ନାମ ଲେଖାଇଦିଅ । ଆମ ଶ୍ରେଣୀ ଗୁରୁମାର ଆଖି ଖାଲି ମୋର ଭୁଲଭଟକା ଉପରେ । ସଦାବେଳେ ସେ ମୋ ଖାତାରେ ନାଲି ଛକି ମାରୁଚନ୍ତି । ଶ୍ରେଣୀ ପରୀକ୍ଷାରେ ବି ମୋର ନମ୍ବର କମ ଆସିବ । ବାର୍ଷିକ ପରୀକ୍ଷାରେ ବି ଗୁରୁମା ମତେ ଭଲ ନମ୍ବର ଦେବେନି । ଏକଥା ଶୁଣି ମାମା ତାକୁ ଶାନ୍ତିରେ ବସିବାକୁ କହିଲେ । ତା ପାଖରେ ଖାଦ୍ୟଦରବ ବାଢିଦେଇ ସ୍କୁଲ ବସ୍ତାନିରୁ ଖାତା ବାହାରକଲେ । ମାମା ଦେଖିଲେ ଆଜି ତା ଟିଫିନ ବାକ୍ସଟି ବେଗ୍ ଭିତରେ ଯେମିତି ଥିଲା ସେମିତି ରହିଚି । ମାମା ପଚାରିଲେ -ତୁ କଣ ଆଜି ଟିଫିନ ଖାଇନୁ ? ମେହୁଲ କହିଲା -ଖାସ ସେ ଗୁରୁମା ଯୋଗୁ ମୋ ମୁଣ୍ଡ ଗଡବଡ ହୋଇଯାଇଚି । ତୁମେ ଏବେ ମୋ ଖାତା ବେଗ୍ ଭିତରୁ ବାହାରକଲେ ମୁଁ ବି ଖାନା ଖାଇବି ନାଇଁ । ଏଥର ମାମା ରାଗି ନିଆଁବାଣ ହୋଇଗଲେ । ସେ କହିଲେ -ଏ କି କଥା କହୁଚୁ ମେହୁଲ ? ଦେଖେ ତୋ ଖାତାରେ କଣ ହୋଇଚି ? ମାମା ଖାତା ଖୋଲି ଯାହା ଦେଖିଲେ ତାଟକା ହୋଇଗଲେ । ଖାତାରେ ତାର ଗୋଟେ ଧାଡି ବି ନିର୍ଭୁଲ ନାଇଁ । ଖାତାସାରା ଅଶୁଦ୍ଧ ଲେଖାରେ ପରିପୂର୍ଣ୍ଣ । ପ୍ରତ୍ୟେକ ଧାଡିର ପ୍ରତିଟି ଶବ୍ଦ ଭୁଲ ଭାବରେ ଲେଖା ହୋଇଚି । ଏହାଦେଖି ମାମା କହିଲେ -ଗୁରୁମା ବିଲକୁଲ ଠିକ୍‌କାମ କରିଚନ୍ତି । ତାଙ୍କ ଜାଗାରେ ମୁଁ ଥିଲେ ବି ସେୟା କରିଥାନ୍ତି । ଏମିତି ଭୁଲଭଟକା କଲେ ଅନ୍ୟ କୌଣସି ସ୍କୁଲରେ ତୋର ନାମ ଲେଖାଯାଇ ପାରିବ ନାଇଁ । ପାଠରେ ଦୁର୍ବଳତା ସ୍କୁଲ କି ଗୁରୁମାଠାରେ ନାହିଁ, ଅଛି କେବଳ ତୋରି ଭିତରେ । ଏବେ ମେହୁଲ ଆଖିରୁ ଥପଥପ ଲୁହ କେଇବୁନ୍ଦା ନିଗିଡିପଡିଲା । ମାମା ତା ପାଖକୁ ଆସିଲେ । ମଥା ଆଉଁସି ଦେଇ କହିଲେ -ଆଗେ ଖାନା ଖାଇନେ. . . . ପରେ ତୋତେ କହିବି କି ଭୁଲ କରିଚୁ । ମେହୁଲ ଯେନତେନ ପ୍ରକାରେ କଣ ଗଣ୍ଡାଏ ଟାଉଟାଉ କରି ଗେଟିଂ ପକାଇଲା । ମାମା ତାକୁ କହିଲେ -ପୁଅ, ତୁ ଖାତାରେ ଅଧିକାଂଶ ଭୁଲଶବ୍ଦ ଲେଖିଚୁ । ଗୁରୁମା ତୋ ଭୁଲଟିକୁ ଯଦି ନ କହିବେ ତୁ ଲଗାତର ଭାବେ ସେମିତି ଭୁଲ କରିଚାଲିବୁ । ମେହୁଲ ତଥାପି ନାରାଜ । ସେ କହିଲା -. . . . କିନ୍ତୁ ମାମା, ଗୁରୁମା ସବୁ ପିଲାଙ୍କ ସାମନାରେ ମତେ ଛିଡା କରାଇ ଗାଳିଗୁଲଜ କରୁଚନ୍ତି । ମାମା ଜବାବ ଦେଲେ -ପୁଅ, ଶିକ୍ଷକ ସମସ୍ତଙ୍କ ମଙ୍ଗଳ କାମନା କରନ୍ତି । ତୁ ଆଜିଠୁ ଭୁଲ ଇଂରାଜୀ ଶବ୍ଦ ଲେଖିବୁନି ବୋଲି ପଣକର । ଇଂରାଜୀ ଅକ୍ଷରଗୁଡିକ ବି ଗୋଲଗାଲ,ଖୁବ୍ ସୁନ୍ଦର ।

ଏଥର ମେହୁଲ ମାମାଙ୍କ ମରମକଥା ପଦକ ବେଶ୍ ବୁଝିପାରିଲା । ଏଣିକି ସେ ସର୍ବଦା ସଠିକ ଇଂରାଜୀ ଶବ୍ଦ ମନେରଖିଲା । ଖୁବ୍ ସାବଧାନତାର ସହ ଲେଖିବାକୁ ଚେଷ୍ଟାକଲା । ଦେଖିଲା ଏବେ ତା ଖାତାରେ ଖୁବ୍ ଖୁବ୍ କମ୍ ନାଲିଛକ ପଡିଚି । ଏମିତି ଦିନ ଆସିଲା ଯେତେବେଳେ କି ତା ଖାତାରେ ଆଉ ଭୁଲଶବ୍ଦ ଦେଖିବାକୁ ମିଳିଲା ନାଇଁ । ଖାତାରେ ଭେରି ଗୁଡ୍ ଲେଖାଯାଇଥିଲା । ମେହୁଲ ଖୁସିରେ ଗଦ୍‌ଗଦ୍ ହୋଇଉଠିଲା । ଇଂରାଜୀ ଗୁରୁମା ତାକୁ ଖୁବ୍ ଭଲଲାଗିଲା । ଭୂରିଭୂରି ପ୍ରଶଂସାରେ ପୋତି ପକାଇଲା ଗୁରୁମାଙ୍କୁ । ଦିନେ ଘରକୁ ଆସି ବଡ କାର୍ଡଟିଏ ବନାଇଲା । ମାମା ପଚାରିଲେ -କି ସୁନ୍ଦର କାର୍ଡ । କାହା ପାଇଁ ବନେଇଚୁ ଧନ । ମେହୁଲ୍ଲ ଜବାବ ଦେଲା -ଇଂରାଜୀ ଗୁରୁମା ପାଇଁ । ମେହୁଲ କଥା ଶୁଣି ମାମା ମୁରୁକି ମୁରୁକି ହସିଲେ । ଗୁରୁଦିବସ ଦିନ ମେହୁଲ ଗୁରୁମା ହାତକୁ କାର୍ଡଟି ବଢାଇଲା ବେଳେ ତାଙ୍କ ମନ ଖୁସିରେ ନାଚିଉଠିଲା । କହିଲେ -ମେହୁଲ ତୁ ଆଜି ପୂରାପୂରି ସୁଧୁରିଯାଇଚୁ । ଏଣିକି ତୁ ଜଣେ ଖୁବ୍ ଭଲପିଲା । ମେହୁଲ ମୁର୍କି ମୁର୍କି ହସି କହିଲା -ଗୁରୁମା ଏସବୁ ଶ୍ରେୟ ଦୁଇଜଣଙ୍କର -ଆପଣ ଆଉ ମାମା । ଏକଥା ଶୁଣି ଗୁରୁମା ହସିହସି ବେଦମ ହୋଇଗଲେ । ମେହୁଲ ପୁଣି ମୁରିକି ମୁରିକି ହସି କହିଲା -ହ୍ୟାପି ଟିଚରସ୍ ଡେ ଗୁରୁମା ।

+୯୯୯-୩, ଜଗମୋହନ ନଗର,
ଜାଗମରା, ଖଣ୍ଡଗିରି
ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

ଧାରାବାହିକ ଉପନ୍ୟାସ

ଭାଗ-୧୦

# ଗପ ହେଲେ ବି ସତ

ରାମଚନ୍ଦ୍ର ସେଠୀ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ବଣରେ ବାଘକୁ କିଏ ମାରିଲେ ଆମ ଦୁଆର ବାଟେ ବାଘକୁ ବଜାରକୁ ନିଆଯାଏ। ବଡ଼ ବଡ଼ ସାପ କିମ୍ବା ଭାଲୁକୁ କିଏ ମାରିଲେ ତାଙ୍କୁ ବି ଆମ ଦୁଆରବାଟେ ବଜାରକୁ ବୁହାଯାଏ। ମୁଁ ସବୁ ଦେଖେ। ବଣରେ ବାଘ ମାତିଲେ ମୁଁ ଦଶ ପନ୍ଦରଦିନ ଯାଏ ବଣର ପାଖ ପଶେନି।

ଥରେ ବଣରେ ବୁଲୁବୁଲୁ ଗୋଟେ ଶୁଖିଲା ପତରର ଗଦା ଦେଖିଲି। କିଏ କାହିଁକି ବଣରେ ଗୋଟିଏ ଜାଗାରେ ଏତେ ଶୁଖିଲା ପତର ଜମେଇଚି ବୋଲି ମନରେ ସନ୍ଦେହ ଆସିଲା। ମୋ ବାପା ମତେ କହିଥିଲେ ଅହିରାଜ ସାପମାନେ ଏମିତି ଶୁଖିଲା ପତର ଗୋଟିଏ ଜାଗାରେ ଜମାକରି ସେଇଠି ଅଣ୍ଡା ଦିଅନ୍ତି। ବଡ଼ ହେଲାପରେ ଜାଣିଲି ସେଇଟା ସତକଥା। ସବୁସାପ ଗାତରେ, କୋରଡ଼ରେ ଅଣ୍ଡା ଦେବାସ୍ଥଳେ ଅହିରାଜ ସାପ ଏମିତି ଶୁଖିଲାପତ୍ର ଜମାକରି ତା ଭିତରେ ଅଣ୍ଡା ଦିଏ। ଦୁଇମାସରେ ଅଣ୍ଡା ଫାଟି ଛୁଆ ବାହାରନ୍ତି। ଉଷ୍ମତା ଅଭାବରୁ ଅଧିକାଂଶ ଅଣ୍ଡା କାଂଜିଆ ହେଇଯାଏ। ଯେଉଁ ଛୁଆ ବାହାରନ୍ତି, ସେମାନେ ଅଣ୍ଡାରୁ ବାହରୁ ବାହାରୁ ଏଣେତେଣେ ପଳାନ୍ତି। ନେଉଳ, ଗୋଧି ଓ କେତେକ ଚଢ଼େଇଙ୍କ ଦ୍ୱାରା ସେମାନଙ୍କର ମୃତ୍ୟୁ ଘଟେ। ଶେଷକୁ ଦୁଇ ତିନୋଟି ମାତ୍ର ଛୁଆ ବଂଚନ୍ତି। ପାଖରେ କେଉଁଠି ସିଏ ଥିବ ବୋଲି ଭୟକରି ମୁଁ ମୋ ବାଟ ଭାଙ୍ଗିଲି।

ମୋ ପିଲାଦିନ ମୁଁ ବହୁତ ଚଗଲା ଥିଲି। ଆମ ଦାଣ୍ଡଦୁଆର ପୋଖରୀ ହୁଡ଼ାରେ ଅଧିକାଂଶ ସମୟରେ ସବାଖିଆ କେଳାମାନେ ଆସି ବଧା ମାରୁଥିଲେ। ସେମାନେ କୁମ୍ଭୀର ମାରୁଥିଲେ। ମାଙ୍କଡ଼ ମାରୁଥିଲେ। ଫାଶ ତିଆରି କରି କାଉ, ଚିଲ, ବଗ, ଡାହୁକ କପୋତ ଇତ୍ୟାଦି ସବୁ ଧରୁଥିଲେ, ଖାଉଥିଲେ। ମୁଁ ତାଙ୍କଠାରୁ ଫାଶ କରା ଶିଖିଥିଲି। ତେଣୁ ଫାଶ ତିଆରିକରି ବହୁତ ଡାହୁକ, ବଗ, କପୋତ ଧରୁଥିଲି। ମୁଁ ପଶୁପକ୍ଷୀ ପ୍ରିୟ ଥିବାରୁ କୁକୁର, ବିଲେଇ, ଗୋଠ ଗୋଠ କୁକୁଡ଼ା, ବତକ, ପାରା, ଗୋବରା ଚଢ଼େଇ ପାଳୁଥିଲି। ଆମ ବାଡ଼ିଆଡ଼େ ଶାଳିଆ ନଦୀ ଦାଣ୍ଡପଟେ ବିରାଟ ପୋଖରୀ, ତାପରେ ଖାଲଖମା, ନାଳ, ଗହୀର ଧାନବିଲ। ଏତେ ମାଛ ଥିଲେ ଯେ ମୁଁ ତାକୁ ଧରି ଧରି ଖାଇ ଖାଇ ହାଲିଆ। ଆମ ଗାଆଁରେ ସେତେବେଳେ ଲୋକସଂଖ୍ୟା କମ୍ ଥିବାରୁ ଏ କାମରେ ମୋତେ ବହୁତ ସୁବିଧା ହେଉଥିଲା। ମତେ ପିଲାଦିନେ ସମସ୍ତେ ଡାକୁଥିଲେ ନଟବର। ସତରେ ବଡ଼ ନଟଖଟିଆ ଥିଲି ମୁଁ। କିନ୍ତୁ ସବୁ କରି ବି ମନଦେଇ ପାଠ ପଢୁଥିଲି। ବଡ଼ହେଲେ ବଡ଼ ଚାକିରି କରିବି ବୋଲି ପିଲାଦିନରୁ ମୋର ଲକ୍ଷ୍ୟ ଥିଲା।

ମୋ ପିଲାଦିନେ ମୁଁ ଯେତେ ଖେଳିଚି, ବୁଲିଚି, ଚଢ଼େଇ, ଚିରଗୁଣୀ ମାରିଚି, ତାଙ୍କ ବସା ଭାଙ୍ଗିଚି, ତାଙ୍କ ଅଣ୍ଡା ଖାଇଚି, ଗଛ ଚଢ଼ିଚି, ନଈ ପହଁରିଚି, ପାହାଡ଼ ପର୍ବତ ଚଢ଼ିଚି, ମାଛ ଧରିଚି, ତାର ହିସାବ ନାଇଁ। ଶହେ, ଦୁଇଶହ ହେବ ବିଷଧର ସାପଙ୍କୁ ପିଟିଚି। ସତରେ ବଡ଼ ବିଚିତ୍ର ଧରଣର ମଣିଷ ଥିଲି ମୁଁ ପିଲାଦିନେ। ହେଲେ ସେ ସବୁର ଅନୁଭୂତି ମତେ ବହୁତ କାମଦେଲା ଏ ବୁଢ଼ାଦିନେ। ପଶୁପକ୍ଷୀ, ସାପସୁପା, ପୋକଜୋକ , ଗଛପତ୍ର, ଫଳମୂଳ, ମାଛ ଇତ୍ୟାଦିଙ୍କ ବିଷୟରେ ଅନେକ ବିଜ୍ଞାନବହି ଲେଖିଦେଲି ପିଲାମାନଙ୍କ ପାଇଁ।

(କ୍ରମଶଃ)

+ ହାତୀମୁଣ୍ଡା, ବାଣୀପୁର, ଖୋର୍ଦ୍ଧା

## ଗୁରୁ ଦିବସରେ ବନ୍ଦୁଛୁ ତୁମକୁ

ସୁବ୍ରତ ମଲିକ

ଜ୍ଞାନର ଆଲୋକ ବାଣ୍ଟି ଦିଅ ତୁମେ ,
ଅଜ୍ଞାନ ଅନ୍ଧାର ଦୂରେଇ ଯାଏ,,
ତୁମରି ଆଶିଷ ଯାହା 'ପରେ ଥାଏ
ଜଗତେ ସୁନାମ ଅରଜି ଥାଏ ।

ବିପଦ ଆପଦ ଆପେ ଦୂର ହୁଏ,
କୁସୁମ ଫୁଟଇ ଚଲାର ବାଟେ,
ଗୁଣର ମହକ ରାତି ଦିନ ବାସେ
ଜୀଇଁଥିବା ଯାଏ ଜୀବନ ହାଟେ ।

ଗୁରୁ ତୁମ ନାମ ଶିକ୍ଷା ଦେବା କାମ
ଦେବତା ଅଟ ଯେ ମଣିଷ ରୂପେ,
ସୂର୍ଯ୍ୟ ପୁତ୍ର କର୍ଣ୍ଣ ଧରାଶାୟୀ ହେଲା
ମହାଭାରତରେ ତୁମରି କୋପେ ।

ସାହସ ଶକତି ବୁଦ୍ଧି ଦେଇଥାଅ
ଶିକ୍ଷାର୍ଥୀର ଖାଲି ମଥାରେ ଭରି ,
ନିଜର ସନ୍ତାନ ଭାବି ସ୍ନେହ ଦିଅ
କିଏ ହେବ କୁହ ତୁମରି ପରି !

ଗୁରୁ ଦିବସରେ ବନ୍ଦୁଛୁ ତୁମକୁ
ପୟୋରେ ତୁମର କରୁଛୁ ଅଳି,
ସମ୍ପର୍କ ଆମର ଚିର କାଳ ରହୁ
ଅର୍ଜୁନଙ୍କ ସାଥେ ଦ୍ରୋଣଙ୍କ ଭଳି ।

+କୋରୁଆ , ଅସୁରାଳି , ଭଦ୍ରକ
ମୋ: ୭୦୦୮୩୧୫୯୧୬

କବିତା

ତୁମ ପାଇଁ

## କହ୍ନେଇ କରିଲା ଶପଥ

ଶରତ କୁମାର ଦାସ

କହ୍ନେଇ ବୋଲି କି ପିଲାଟିଏ ଥିଲା
ଘର ତା'ର ଆମ ଗାଆଁରେ,
ଟୁପୁରୁ ଟାପର ହେଉଥିଲେ ଲୋକ
ସକାଳୁ ସଂଜ ତା' ନାଆଁରେ ।
ଚାଲିଲା ଶଗଡେ ହାତ ଦିଏ ସିଏ
କହୁଥିଲେ ଥୋକେ ଥଟ୍ଟାରେ
ବଗୁଲିଆ ଗୁଣେ ସରି କିଏ ହେବ
କରେ ଯାହା ହଟହଟାରେ ।
ଯାଉଥିଲା ନିତି ପାଠପଢିବାକୁ
ବସୁଥିଲା ଶେଷ ଧାଡିରେ ,
ଶୁଣୁନଥିଲା ସେ ଗୁରୁଜୀଙ୍କ କଥା
ହସୁଥିଲା ଦାନ୍ତ ଝାଡିରେ ।
ପଚାରିଲେ ଦିନେ ଗୁରୁଜୀ ଡାକିକି
କହ୍ନେଇ, କଥାଟି କହରେ,
ଏତେ ଦୁଷ୍ଟାମି ତୁ କାହିଁକି କରୁଛୁ
ଦେବି ଦି' ପାହାରେ, ରହରେ ।
ଲେଖୁନାହୁଁ ପାଠ ଖାତା ତୁ ଚିରୁଛୁ
ବହି ଫପାଡୁଛୁ ବାହାରେ,
ଭାଙ୍ଗୁଛୁ ସିଲଟ ହଜାଉଛୁ ଖଡି
ଜମା ଭଲ ନୁହେଁ ତାହାରେ ।
ବାପାମାଆ ତୋର ଓଳିଏ ଖାଇକି
ଓଳିଏ ରହନ୍ତି ଭୋକରେ ,
ଉପାସରେ ରହି ତୋ ପାଇଁ ରଖନ୍ତି
କେଡେ ସରଳିଆ ଲୋକରେ ।
ପାଠ ପଢି ଦିନେ ହାକିମ ହେବୁ ତୁ
ଭାବୁଥାନ୍ତି ନିତି କେତେରେ,
ମୁଣ୍ଡ ଝାଳ ସଦା ତୁଣ୍ଡରେ ମାରିକି
ସହନ୍ତି ଦୁଃଖକୁ ଯେତେରେ।
କଥାବୋଲ ପରା ମାନୁନୁ କେବେ ତୁ
ଦିନସାରା କଟେ ଖେଳରେ ,
ଚଗଲାମି ଯେତେ ବାହାରେ ପଦାକୁ
ଯେବେ ଥାଉ ସାଙ୍ଗ ମେଳରେ ।
ଗୁରୁଜୀଙ୍କ କଥା ଶୁଣିକି କହ୍ନେଇ
ଲୁହ ଆସିଗଲା ଆଖିରେ,
କରିଲା ଶପଥ ହେବନି ଚଗଲା
ଠାକୁର ଅଛନ୍ତି ସାକ୍ଷୀରେ ।
ସେହି ପିଲା ଦିନେ ହେଲା ଡାକତର
ମନ ଦେଲା ରୋଗୀ ସେବାରେ,
ସମାଜର ହିତେ କରିଲା ସେ କାମ
ରଖିଲାନି ଲୋଭ ନେବାରେ ।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ମାନିବା ଗୁରୁଙ୍କ କଥା

ନିରାକାର ଚଇନି

ଗୁରୁ ଦିବସର ଶୁଭ ଅବସରେ
ଶୁଣ ମୋ' ଭଉଣୀ ଭାଇ
ଗୁରୁ ଠାରୁ ବଳି ମହାନ ମାନବ
ମରତ ମଣ୍ଡଳେ ନାହିଁ।

ନର ରୂପୀ ନାରାୟଣ ଅଟନ୍ତି ସେ
ସତରେ ସବୁରି ପାଇଁ
ତାଙ୍କରି ଆଶିଷେ ମୂକ କହେ କଥା
ପଙ୍ଗୁ ପାରେ ଦ୍ୱେଗେ ଧାଇଁ।

ତାଙ୍କ ପାଇଁ ସିନା ଜ୍ଞାନର ଆଲୋକ
ଦେଖଇ ଏ ଧରା ଧାମ।
ଆପେ ଟଳିଯାଏ ବିପଦ ଆପଦ
ତୁଣ୍ଡେ ଥିଲେ ତାଙ୍କ ନାମ।

ଦ୍ରୋଣାଚାର୍ଯ୍ୟଙ୍କର ମାଟି ପିତୁଳାକୁ
ଗୁରୁ ଭାବେ କରି ଭକ୍ତି
ଠୁଳ କରିଥିଲେ ଏକଲବ୍ୟ ଦେହେ
ମହା ଧନୁର୍ଦ୍ଧାରୀ ଶକ୍ତି।

ଶିବାଜୀ ଆରୁଣି ଉପମନ୍ୟୁ ଦିନେ
ଗୁରୁ ପାଦ ପଦ୍ମେ ଧ୍ୟାୟୀ
ସାଜି ଆଦରଶ ସଂସାରେ ରଖିଲେ
ଯଶ ଯୁଗ ଯୁଗ ପାଇଁ।

ସେମାନଙ୍କ ପଥ ଅନୁସରି ଆମେ
ମାନିବା ଗୁରୁଙ୍କ କଥା
ନିଶ୍ଚୟ ଦିନେରେ ଏଇ ଦୁନିଆରେ
ଉଚ୍ଚ ହେବ ଆମ ମଥା।

+ଶିକ୍ଷକ, ସରକାରୀ ପ୍ରାଥମିକ ବିଦ୍ୟାଳୟ,
ସୁବୁଦ୍ଧିସାହି, ତେଲକୋଇ,
କେନ୍ଦୁଝର -୮୪
ମୋ-୮୨୪୯୩୮୭୯୭୩

# ଚଳିତ ବନ୍ୟା ମନୁଷ୍ୟକୃତ : ସମୀର ମହାନ୍ତି

ଭୁବନେଶ୍ୱର,୨/୦୯ (ନି.ପ୍ର): ଚଳିତ ବର୍ଷ ବନ୍ୟା ସଂପୂର୍ଣ୍ଣ ଭାବେ ମନୁଷ୍ୟକୃତ । ହୀରାକୁଦ ବନ୍ଧର ଉପର ଓ ତଳ ଅଂଚଳରେ ଜଳ ପରିଚାଳନାରେ ବିଫଳତା କାରଣରୁ ଚଳିତ ବନ୍ୟା ଭୟଙ୍କର ହୋଇ ପଡିଥିଲା । ସେହିପରି ବନ୍ୟା ପରବର୍ତୀ ସ୍ଥିତିର ପରିଚାଳନା ପାଇଁ ମଧ୍ୟ ରାଜ୍ୟ ସରକାର ବିଫଳ । ବନ୍ୟା ପୀଡିତଙ୍କ ପାଖରେ ନାଁ ପ୍ରଶାସନ ଓ ମନ୍ତ୍ରୀ, ନେତା ଓ ରାଜ୍ୟ ସରକାର ମଧ୍ୟ ପଂହଚିନାହାନ୍ତି । ବର୍ତମାନ ସୁଦ୍ଧା ପ୍ରକୃତ କ୍ଷୟକ୍ଷତି ଆକଳନ କରିବାକୁ ପ୍ରଶାସନ ପହଂଚିବାରେ ବିଫଳ ହୋଇଛି । ଚଳିତ ବନ୍ୟାକୁ ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରି ଗତ ୧୭ତାରିଖରେ ଗଣମାଧ୍ୟମ ଜରିଆରେ ଏବଂ କାର୍ଯ୍ୟାଳୟରୁ ଯୋଗାଯୋଗ ମାଧ୍ୟମରେ ଦଳୀୟ କାର୍ଯ୍ୟକର୍ତାମାନଙ୍କୁ ଗ୍ରାଉଣ୍ଡ ଜିରୋରେ ସେବା ଓ ସହାୟତା ଯୋଗାଇ ଦେବାକୁ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ନିର୍ଦ୍ଦେଶ ଦେଇଥିଲେ । ୨ ଟି ଟିମ୍ ବନ୍ୟାଚଂଳ ଗସ୍ତ କରିଥିଲେ । ଆଜି ସାମ୍ବାଦିକ ସମ୍ମିଳନୀ ଜରିଆରେ ଉଭୟ ଟିମ୍ ଚଳିତ ବନ୍ୟା ମନୁଷ୍ୟକୃତ ଏବଂ ଦାୟିତ୍ୱହୀନ ରାଜ୍ୟ ସରକାରଙ୍କ ଅପ୍ରସ୍ତୁତ ଓ ତ୍ରୁଟି ପରିଚାଳନାକୁ ଦାୟୀକରି ରାଜ୍ୟ ସରକାରଙ୍କ ବିରୋଧରେ ଏକ ଅଭିଯୋଗ ଫର୍ଦ୍ଦ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତିଙ୍କୁ ପ୍ରଦାନ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଅମନଯୋଗିତା, ବନ୍ୟା ସ୍ଥିତିଲାଗି ଅବହେଳା, ଦାୟିତ୍ୱହୀନତା ଏବଂ ଅପାରଗ କାରଣରୁ ପ୍ରଥମଥର ଲାଗି ଓଡ଼ିଶାରେ ଏପରି ଅଭାବନୀୟ ବନ୍ୟା ସୃଷ୍ଟି ହୋଇଥିଲା । ଏହି ବନ୍ୟା ସମ୍ପୂର୍ଣ୍ଣ ମନୁଷ୍ୟକୃତ । ରାଜ୍ୟ ସରକାର ବନ୍ୟା ପ୍ରପୀଡିତଙ୍କ ଲାଗି ଯେଉଁ ତତ୍ପରତା ଦେଖାଇବା କଥା ତାହା ନଦେଖାଇ ଚିରନିଦ୍ରାରେ ଶୋଇଥିଲେ । ଚଳିତ ବନ୍ୟା ମୁକାବିଲା ପାଇଁ ଅପ୍ରସ୍ତୁତ ଥିଲେ ରାଜ୍ୟ ସରକାର ଏବଂ ପାଣିପାଗ ବିଭାଗ ସୂଚନା ଦେଲା ଭଳି ରାଜ୍ୟ ସରକାର କେବଳ ପ୍ରେସ୍ ବିବୃତି ସତର୍କ ସୂଚନା ଓ ନିର୍ଦ୍ଦେଶନାମା ଜାରିରେ ସୀମିତ ରହିଥିଲେ । ଜଳସମ୍ପଦ ବିଭାଗ, ମନ୍ତ୍ରୀ ଓ ରିଲିଫ କମିଶନଙ୍କ କଥାରେ ତାଳମେଳ ରହୁନଥିଲା । ବନ୍ୟା ପରିଚାଳନା ଲାଗି ଛତିଶଗଡ ଓ ଓଡ଼ିଶାର ଜଳ ସମ୍ପଦ ବିଭାଗ ବର୍ଷକୁ ୨ଥର ବୈଠକ କରିବା କଥା କିନ୍ତୁ ଆଜିକୁ ୩ ରୁ ୪ବର୍ଷ ହେବ ରାଜ୍ୟ ସରକାର ବୈଠକକୁ ଉଚିତ ମନେ କରୁନାହାନ୍ତି । ହୀରାକୁଦ ବନ୍ଧରେ ଜଳସ୍ତର କେତେ ରହିବ ତାହା ନିୟମ ଉପରେ ପର୍ଯ୍ୟବେସିତ । ରାଜ୍ୟ ସରକାର ହୀରାକୁଦର ଜଳସ୍ତର କେତେ ରହିବ ତାହା ନିଷ୍ପତି ଠିକ୍ ରୂପେ ନେଉନଥିବାରୁ ବନ୍ୟା ସୃଷ୍ଟି ହୋଇଥିଲା । ୨୦୦୮ରେ ଫ୍ଲଡ ମେନୁଆଲ ଡେଭଲପ କରିଥିଲେ କିନ୍ତୁ ରାଜ୍ୟ ସରକାର ଏହାକୁ ଅବହେଳା କରିଛନ୍ତି । ଏନେଇ ରାଜ୍ୟ ସରକାର ଓଡ଼ିଶାର ଲୋକଙ୍କୁ ହାତଯୋଡି କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଶ୍ରୀ ହରିଚନ୍ଦନ ଦାବି କରିଛନ୍ତି ।

ସେହିପରି ରିଲିଫ ପ୍ରଦାନରେ ବିଳମ୍ବ ଓ ପକ୍ଷପାତିତା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରେ ବୁଲିବା ଓ ପରେ ରିଲିଫ ଘୋଷଣା କରିବା ପର୍ଯ୍ୟନ୍ତ ପ୍ରଶାସନ ଅପେକ୍ଷା କରି ୪ ଦିନ ବିଳମ୍ବରେ ରିଲିଫ ପ୍ରଦାନ କରିବା ରିଲିଫ କୋର୍ଡର ବିରୁଦ୍ଧାଚରଣ ଏବଂ ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଘୋଷଣା ସର୍ବସ୍ୱ ରାଜ୍ୟ ସରକାର ଅତୀତରେ ଘଟିଯାଇଥିବା ଫନୀ, ହୁଡ୍ ହୁଡ୍, ୟଶ ବାତ୍ୟା ସହାୟତା ଅର୍ଥକୁ ରାଜ୍ୟ ସରକାର କାହିଁକି ଦେଇନାହାନ୍ତି ? ରାଜ୍ୟ ସରକାର ଯଥାଶୀଘ୍ର କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଓ ଋଣ ଦେବାକୁ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ଶ୍ରୀ ମନମୋହନ ସାମଲ ଦାବି କରିଛନ୍ତି । ଚଳିତ ବନ୍ୟା ରାଜ୍ୟ ସରକାରଙ୍କ ଅପାରଗତା, ଦାୟୀତ୍ୱହୀନତା, ସମ୍ବେଦନହୀନତା ଆଦିକୁ ପଦାରେ ପକାଇଛି ଏବଂ ଚାର୍ଜସିଟ୍‌କୁ ନେଇ ଲୋକଙ୍କ ପାଖକୁ ବିଜେପି ଯିବ ବୋଲି ରାଜ୍ୟ ସଭାପତି ଶ୍ରୀ ମହାନ୍ତି କହିଛନ୍ତି । ଏହି ଅବସରରେ ରାଜ୍ୟ ମୁଖପାତ୍ର ଓ ପୂର୍ବତମ ବିଧାୟକ ରମାରଞ୍ଜନ ବଳିୟାରସିଂହ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଏବଂ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# କୋକେନ୍ ଜବତ ଘଟଣାରେ ଆଉ ଜଣେ ଗିରଫ

ଭୁବନେଶ୍ୱର,୨/୦୯ (ନି.ପ୍ର): ରାଜଧାନୀରୁ ୨ କୋଟିର କୋକେନ୍ ଜବତ ଘଟଣାରେ ଆଉ ଜଣଙ୍କୁ ଗିରଫ କରାଯାଇଛି । ତାଙ୍କର ନାଁ ଗୁଲବେଶ ଖାନ୍ । ତାଙ୍କୁ ଉତରପ୍ରଦେଶ ଗାଜିଆବାଦରୁ ଗିରଫ କରିଛି ଏସଟିଏଫ । ଟ୍ରାଞ୍ଜିଟ ଡିମାଣ୍ଡରେ ଭୁବନେଶ୍ୱର ଅଣାଯିବା ପରେ ପଚରାଉଚରା କରାଯାଉଛି । ସୂଚନା ଅନୁଯାୟୀ ଚଳିତବର୍ଷ ଏପ୍ରିଲ ମାସରେ ରାଜଧାନୀ ଭୁବନେଶ୍ୱରରୁ ୨୦୨ ଗ୍ରାମ କୋକେନ୍ ଜବତ ହୋଇଥିଲା । ଏହି ଘଟଣାରେ ପୂର୍ବରୁ ଏହି ଘଟଣାରେ ରାଜସ୍ଥାନ ଚୁରୁ ଜିଲ୍ଲା ହାମିରବାସ ଅଂଚଳର ରବି ସିଂ ଓ ଝୁନ୍‌ଝୁନ୍ ଜିଲ୍ଲା ଖାଡଖାଡ଼ି ଅଂଚଳର ସନ୍ନି କୁମାରଙ୍କୁ ଗିରଫ କରାଯାଇଥିଲା । ସନ୍ନି ନୂଆପଲ୍ଲୀ ଥାନା ସାଲିଆସାହି ତାରିଣୀନଗର ଅଂଚଳରେ ରହୁଥିଲା । ଜବତ କୋକେନ୍ ର ମୂଲ୍ୟ ୨କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ । ଏନେଇ ଏସଟିଏଫ ତଦନ୍ତ ଜାରି ରଖିଥିବାବେଳେ ଆଜି ଗୁଲବେଶକୁ ଗିରଫ କରାଯାଇଛି । ଏହି କୋକେନ୍ ଚାଲାଣ ଘଟଣାରେ ଆଉ କେତେ ଜଣ ସମ୍ପୃକ୍ତ ଅଛନ୍ତି ତାହା ତଦନ୍ତ ପରେ ଜଣାପଡିବ ବୋଲି ଏସଟିଏଫ ଏସପି କିଶୋର କୁମାର ପାଣିଗ୍ରାହୀ କହିଛନ୍ତି । ଉଲ୍ଲେଖ ଥାଉ କି ସେତେବେଳେ ଏସ୍‌ଟିଏଫ୍ ଟିମ୍ ପ୍ରଥମ ଥର ପାଇଁ ରାଜଧାନୀରୁ ୨୦୨ ଗ୍ରାମ ଓଜନର କୋକେନ୍ ଜବତ କରିବା ସହ ଦୁଇ ମାଫିଆଙ୍କୁ ଗିରଫ କରିଥିଲା । ଦିଲ୍ଲୀର ତୁର୍କମାନ ଗେଟ୍ ରୁ କୋକେନ୍ ର ମୁଖିଆ ଅପ୍ରେସନ କରୁଥିଲା ବୋଲି ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା ।

# ବୋଲଗଡ଼ ରୋଡ ଷ୍ଟେସନର ନାମ ବଦଳିବ, ହେବ ମାଣିକଗୋଡ଼ା ଷ୍ଟେସନ

ଭୁବନେଶ୍ୱର,୨/୦୯ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ରୋଡ ଷ୍ଟେସନର ନାମ ପରିବର୍ତନ ହୋଇ ମାଣିକଗୋଡ଼ା ଷ୍ଟେସନ ହେବ । ଏନେଇ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି । ଭୁବନେଶ୍ୱର ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ମୁଖପାତ୍ର ଅପରାଜିତା ଷଡ଼ଙ୍ଗୀଙ୍କୁ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପତ୍ର ଲେଖି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏହି ସମ୍ବନ୍ଧରେ ରେଳ ମନ୍ତ୍ରଣାଳୟ ତରଫରୁ ଗୃହ ବିଭାଗକୁ ଅନାପତି ପତ୍ର ପ୍ରଦାନ କରାଯାଇଛି । ଖୁବ ଶୀଘ୍ର ଏହାର ନାମ ପରିବର୍ତନ ହୋଇ ମାଣିକଗୋଡ଼ା ଷ୍ଟେସନ ହେବ । ସୂଚନାଯୋଗ୍ୟ, ଅପରାଜିତା ଷଡ଼ଙ୍ଗୀ ବୋଲଗଡ଼ର ଜନସାଧାରଣଙ୍କ ଆଗ୍ରହ କ୍ରମେ ବୋଲଗଡ଼ ରୋଡ ଷ୍ଟେସନର ନାମ ପରିବର୍ତନ କରି ମାଣିକଗୋଡ଼ା ଷ୍ଟେସନ ରଖିବା ପାଇଁ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପୂର୍ବରୁ ଚିଠି ଲେଖିଥିଲେ ।

# ଭୁବନେଶ୍ୱର ଭସାଣୀ ଉତ୍ସବ ସମିତିର ନୂତନ କର୍ମକର୍ତା ନିର୍ବାଚିତ

ଭୁବନେଶ୍ୱର,୨/୦୯ (ନି.ପ୍ର): ଶହୀଦ ନଗର ଦୁର୍ଗାପୂଜା ମଣ୍ଡପରେ ଭୁବନେଶ୍ୱର ଭସାଣୀ ଉତ୍ସବ ସମିତିର ସାଧାରଣ ସଭା ଅନୁଷ୍ଠିତ ହୋଇ ଚଳିତବର୍ଷ ମା ଦୁର୍ଗାଙ୍କ ଭଷାଣୀ ଉତ୍ସବ ଶାନ୍ତି ଶୃଙ୍ଖଳାରେ କରିବା ପାଇଁ ନିଷ୍ପତି ନିଆଯିବା ସହିତ ଆସନ୍ତା ତିନିବର୍ଷ ପାଇଁ କର୍ମକର୍ତା ନିର୍ବାଚନ ହୋଇଯାଇଛି । ବୈଠକ ପ୍ରାରମ୍ଭରେ ବିଭିନ୍ନ ପୂଜା ସମିତିର ଦେହାନ୍ତ ହୋଇଥିବା କର୍ମକର୍ତା ମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଅନୁଷ୍ଠାନର ଆସନ୍ତା ତିନିବର୍ଷ ପାଇଁ ହୋଇଥିବା ନିର୍ବାଚନରେ ମୁଖ୍ୟ ଉପଦେଷ୍ଟା ଭାବେ ରବିନ୍ଦ୍ରନାଥ ବିଶ୍ୱାଳ, ଉପଦେଷ୍ଟା ଭାବେ ସୁଧୀର ଶତପଥୀ, ଧରଣୀଧର ଜେନା, ସୁକାନ୍ତ କୁମାର ପ୍ରଧାନ, ରମେଶ ଚନ୍ଦ୍ର ସାହୁ, ରବିନ୍ଦ୍ର ନାୟକ ଓ ପ୍ରଭାସ କୁମାର ସୁନ୍ଦରାଏ, ସଭାପତି ଭାବେ ଡ଼ାକ୍ତର ଜଗନ୍ନାଥ ମହାପାତ୍ର, କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ଦାସ, ଉପସଭାପତି ଭାବେ ମନେନ୍ଦ୍ର କୁମାର ଦାସ, ଦିଲ୍ଲୀପ ଦାଶଶର୍ମା, ଜ୍ୟୋତିଷ କୁମାର ସାହୁ, ଉପେନ୍ଦ୍ର କୁମାର ପାଇକରାଏ, ସୁରେଶ ଚନ୍ଦ୍ର ରାଉତରାୟ, ଗିରିଶ ଚନ୍ଦ୍ର ରାଉତ, ପ୍ରଭାତ କୁମାର ପରିଡ଼ା, ଦେବରାଜ ମହାନ୍ତି, ଉଗ୍ରସେନ ମଙ୍ଗରାଜ, ସୁଶାନ୍ତ କୁମାର ଜେନା ଓ ରାଜେନ୍ଦ୍ର ମଲ୍ଲିକ, ସାଧାରଣ ସମ୍ପାଦକ ଭାବେ ହରିଶ ପ୍ରସାଦ ରଥ, ସମ୍ପାଦକ ଶିବସୁନ୍ଦର ଛୋଟରାୟ, ଯୁଗ୍ମ ସମ୍ପାଦକ ଭାବେ ବିଭୂତି ଭୂଷଣ କର, ପ୍ରମୋଦ କୁମାର ସାହୁ, ସୁବଳ ବେହେରା, ବିମଳ କୁମାର ମଣ୍ଡଳ, ବସନ୍ତ କୁମାର ସାହୁ, କୃତାର୍ଥ ପ୍ରଧାନ, ଗଗନ ବିହାରୀ ବସ୍ତିଆ, ଶିବନାରାୟଣ ରାଏ, ବିଜୟ କୁମାର ଚୌଧୁରୀ ଓ ସତ୍ୟବ୍ରତ ନାୟକ, କୋଷାଧ୍ୟକ୍ଷ ଭାବେ ଅଚ୍ୟୁତ ପ୍ରସାଦ ବେହେରା, ସହ କୋଷାଧ୍ୟକ୍ଷ ବିଜୟ କୁମାର ଦାସ ଓ ମିଡ଼ିଆ କନଭେନର ଭାବେ ସନତ ମିଶ୍ର ପମୁଖ ନର୍ବାଚିତ ହୋଇଥିଲେ ।

# ବିଜେଡି ଶାସନରେ ମହିଳା ଅସୁରକ୍ଷିତ : ସ୍ମୃତି ପଟ୍ଟନାୟକ

ଭୁବନେଶ୍ୱର,୨/୦୯ (ନି.ପ୍ର): ଶିଶୁ ଓ ମହିଳାଙ୍କ ପାଇଁ ସଂପୂର୍ଣ୍ଣ ଅସୁରକ୍ଷିତ ହୋଇପଡିଛି ଓଡିଶା । ନାରୀ ସଶକ୍ତିକରଣର କଥା କହି ମିଛ ବାହାସ୍ପୋଟ ମାରୁଥିବା ରାଜ୍ୟ ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ସଂପୂର୍ଣ୍ଣ ବିଫଳ । ଶାସକ ବିଜେଡି ନିଜ ଦୋଷକୁ ଲୁଚାଇବାକୁ ଯାଇ ଏଭଳି ଦଳୀୟ ଆଧାରରେ ମହିଳା ଶାଖାର ଜୁମ୍ଲୋ ସଂପ୍ରସାରଣ କରି ନିଜ ଦୋଷକୁ ଲୁଚାଉଥିବା ରାଜ୍ୟ ମହିଳା ମୋର୍ଚ୍ଚାର ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ କହିଛନ୍ତି ।

ଆଗରୁ ବିଜେଡି ମୃତକଙ୍କ ନାଁରେ ରାସନ, ଘର ଦେଉଥିଲା କିନ୍ତୁ ଏବେ ପଦବୀରେ ମଧ୍ୟ ମୃତକଙ୍କ ନାମକୁ ଯୋଡିଛି । ଯେଉଁ ମହିଳାଙ୍କ ନାମ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରିଣୀରେ ରଖିଛନ୍ତି ସେହି ମହିଳା ହେଲେ ବ୍ରହ୍ମପୁର ସହରର ମିନାକ୍ଷୀ ମିଶ୍ର । ସ୍ୱର୍ଗତ ମିଶ୍ର ତାଙ୍କ ପୁଅ ପାଇଁ ରାଜ୍ୟ ସରକାରଙ୍କୁ ନ୍ୟାୟ ଭିକ୍ଷା କରି ଆତ୍ମହତ୍ୟା କରିଥିବାବେଳେ ତାଙ୍କୁ ଦଳୀୟ ମହିଳା ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ପଦବୀରେ ନେବା ଅତ୍ୟନ୍ତ ଲଜ୍ଜାର ବିଷୟ ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି ।

ରାଜ୍ୟ ସରକାରଙ୍କ ଅସଲ ମୁଖା ଖୋଲି ଦେଇଛି ଏନସିଆରବି ରିପୋର୍ଟ । ଓଡିଶାରେ ମହିଳା ବିରୋଧୀ ହିଂସା କ୍ରମାଗତ ବୃଦ୍ଧି ପାଇଚାଲିଥିବାବେଳେ, ଦଣ୍ଡବିଧାନ ହାର କ୍ରମାଗତ ହ୍ରାସ ପାଇଚାଲିଛି । ୨୦୨୦ରେ ୨୫,୪୮୯ ଟି ମହିଳାଙ୍କ ବିରୋଧ ଅପରାଧ ଘଟିଥିବାବେଳେ ୨୦୨୧ ମସିହାରେ ଏହି ସଂଖ୍ୟା ୩୧,୩୫୨କୁ ପହଂଚିଛି । ମହିଳା ଅପହରଣ ୩୭ ପ୍ରତିଶତ, ମହିଳା ଅସଦାଚରଣ ୧୭.୮ ପ୍ରତିଶତ, ବଳାତ୍କାର ମାମଲା ୨୦.୨୩ ପ୍ରତିଶତ, ନାବାଳିକା ଯୌନ ନିର୍ଯ୍ୟାତନା ୧୩.୩୫ ପ୍ରତିଶତ ପୂର୍ବ ବର୍ଷ ଅପେକ୍ଷା ବୃଦ୍ଧି ପାଇବା ଅତ୍ୟନ୍ତ ଚିନ୍ତା ଓ ଲଜ୍ଜାଜନକ ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି ।

୨୦୨୦ ମସିହା ଅଗଷ୍ଟ ମାସ ୯ ତାରିଖରେ ନିଖୋଜ ହୋଇଥିବା ବହୁଚର୍ଚ୍ଚିତ ୨ ବର୍ଷୀୟା ପିହୁର ଆଜି ପର୍ଯ୍ୟନ୍ତ କୌଣସି ସନ୍ଧାନ ମିଳିଲା ନାହିଁ । ଏନେଇ ରାଜ୍ୟ ସରକାର ହଠାତ୍ ପିହୁକୁ ଖୋଜିଦେଲେ ୫ଲକ୍ଷ ଟଙ୍କା ପୁରସ୍କାର ଦେବା ଘୋଷଣା କରୁଛନ୍ତି । ସାଇବର କ୍ରାଇମରେ ସମଗ୍ର ଦେଶରେ ଓଡିଶା ରାଜ୍ୟ କ୍ରମାଗତ ଭାବେ ପ୍ରଥମ ସ୍ଥାନ ହାସଲ କରୁଛି, କିନ୍ତୁ ରାଜ୍ୟ ସରକାର ଏହାକୁ ରୋକିବାରେ ସଂପୂର୍ଣ୍ଣ ବିଫଳ ହେବା ଅତ୍ୟନ୍ତ ଲଜ୍ଜାର ବିଷୟ ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି ।

# ପୁଣି ବଢ଼ିଲା ରାଜ୍ୟରେ ଦୈନିକ କରୋନା ସଂକ୍ରମଣ : ୧୯ ଜଣ ୧୮ ବର୍ଷରୁ କମ୍ ବୟସର



ଭୁବନେଶ୍ୱର,୨/୦୯ (ନି.ପ୍ର): ଆଜି ପୁଣି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ୨ଶହ ଉପରକୁ ଆସିଛି । ଗତକାଲି ୧୮୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୨୨୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୩୨ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୯୪ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରେ ୧୯ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୨୩ଟି ଜିଲ୍ଲାରୁ ୨୨୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୦୪ ଜଣ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୧, ବରଗଡ଼ରୁ ୪, ଭଦ୍ରକରୁ ୨, ବଲାଙ୍ଗୀରରୁ ୫ ଜଣ, ବୌଦ୍ଧରୁ ୨, କଟକରୁ ୧୪ ଜଣ, ଜଗତସିଂହପୁରରୁ ୫ ଜଣ, ଯାଜପୁରରୁ ୫ ଜଣ, ଝାରସୁଗୁଡ଼ାରୁ ୧, କଳାହାଣ୍ଡି ଜିଲ୍ଲାରୁ ୭ ଜଣ, କନ୍ଧମାଳରୁ ୧ ଜଣ, କେନ୍ଦ୍ରାପଡ଼ାରୁ ୧, ଖୋର୍ଦ୍ଧା ଜିଲ୍ଲାରୁ ୧୦୪, କୋରାପୁଟରୁ ୪, ମୟୂରଭଞ୍ଜରୁ ୨ ଜଣ, ନବରଙ୍ଗପୁରରୁ ୧ ଜଣ, ନୟାଗଡ଼ ଜିଲ୍ଲାରୁ ୩ ଜଣ, ନୂଆପଡ଼ାରୁ ୪, ପୁରୀରୁ ୭ ଜଣ, ରାୟଗଡ଼ାରୁ ୨, ସମ୍ବଲପୁରରୁ ୭ ଜଣ, ସୋନପୁରରୁ ୨, ସୁନ୍ଦରଗଡ଼ରୁ ୧୯ ଜଣ ଓ ଷ୍ଟେଟପୁଲରୁ ୨୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୨୮, ୦୭୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୩,୧୭, ୦୪୨ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୧୭୯୭ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ନୂଆପଡ଼ା ଓ ଝାରସୁଗୁଡ଼ା ଜିଲ୍ଲାରେ ଅହିଂସା ରଥ’

ଭୁବନେଶ୍ୱର,୨/୦୯ (ନି.ପ୍ର): ସ୍ୱାଧୀନତାର ସଂଦେଶ ତଥା ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଶାନ୍ତି ଓ ଅହିଂସା ମହାମନ୍ତ୍ରରେ ରାଜ୍ୟବାସୀଙ୍କୁ ଉଦ୍‌ବୁଦ୍ଧ କରିବା ଉଦ୍ଦେଶ୍ୟରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପ୍ରାୟୋଜିତ ‘ଅହିଂସା ରଥ’ ଆଜି ନୂଆପଡ଼ା ଓ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନ ପରିକ୍ରମା କରିଛି । ଆଜି ନୂଆପଡ଼ା ଜିଲ୍ଲାର ସୀମାବର୍ତୀ ଅଞ୍ଚଳ ଅମ୍ଲିପାଲି ଗ୍ରାମଠାରେ ଅତିରିକ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଅହିଂସା ରଥକୁ ସ୍ୱାଗତ କରିଥିଲେ । ନୂଆପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ଅହିଂସା ରଥକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ସମସ୍ତ ଅଂଚଳ ଦେଶାତ୍ମବୋଧକ ସଂଗୀତ ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କ କୃତିତ୍ୱ ସଂପର୍କିତ କାର୍ଯ୍ୟକ୍ରମରେ ମୁଖରିତ ହୋଇଥିଲା । ଏହି ଅବସରରେ ସ୍ୱତନ୍ତ୍ର ଭିଡ଼ିଓ ସୋ ମଧ୍ୟ ପ୍ରଦର୍ଶିତ ହୋଇଥିଲା । ଖରିଆରର ତୁକୁଲା ଗ୍ରାମ ପଂଚାୟତଠାରେ ଅହିଂସା ରଥକୁ ଅତିରିକ୍ତ ଜିଲ୍ଲାପାଳ, ବ୍ଲକ୍ କର୍ମଚାରୀ, ଛାତ୍ରଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଜନସାଧାରଣ ମିଳିତ ଭାବେ ସ୍ୱାଗତ କରିବା ସହ ବିଭିନ୍ନ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ଅୟୋଜିତ ହୋଇଥିଲା । ଅନୁରୂପ ଭାବେ ଝାରସୁଗୁଡ଼ାର ବ୍ରଜରାଜନଗର ମୁନିସିପାଲିଟିଠାରେ ଜନସାଧାରଣ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଛାତ୍ରଛାତ୍ରୀ ଅହିଂସା ରଥକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଉପସ୍ଥିତ ସମସ୍ତଙ୍କ ହାତରେ ଜାତୀୟ ପତାକା ଶୋଭା ପାଇବା ସହ ଗାନ୍ଧିଜୀଙ୍କ ପ୍ରିୟ ଭଜନ ଗାନ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ଉପସ୍ଥିତ ଜନତାଙ୍କୁ ଜାତୀୟତାବୋଧରେ ବିମୋହିତ କରିଥିଲା । ପରେ ପରେ ଝାରସୁଗୁଡ଼ାର ଲଖନପୁର ବ୍ଲକ୍ ରେ ଅହିଂସା ରଥକୁ ଭବ୍ୟ ସ୍ୱାଗତ ପ୍ରଦାନ ସହ ବିଭିନ୍ନ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଏନ୍‌ସିଆରବି ରିପୋର୍ଟ : ଅପରାଧରେ ଓଡ଼ିଶା ୧୨ ନମ୍ବର

ଭୁବନେଶ୍ୱର ,୨/୦୯ (ନି.ପ୍ର): ରାଜ୍ୟରେ ଅପରାଧ ବଢୁଛି । ଜାତୀୟ ଅପରାଧ ନଥିସଂସ୍ଥା(ଏନ୍‌ସିଆରବି) ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁସାରେ, ୨୦୨୦ ତୁଳନାରେ ରାଜ୍ୟରେ ୨୦୨୧ରେ ଅଧିକ ୨୧ହଜାର ୧୯୦ ମାମଲା ରୁଜୁ ହୋଇଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ବୃଦ୍ଧି ପାଇଥିବା ମାମଲା ମଧ୍ୟରେ କେବଳ ମହିଳା ବିରୋଧୀ ଅପରାଧ (୨୭.୬% ବଢ଼ିଛି) ରହିଛି । ମହିଳା ବିରୋଧୀ ଅପରାଧ କ୍ଷେତ୍ରରେ ଚାର୍ଜସିଟ୍ ଦାଖଲ କରିବାରେ ବି ଓଡ଼ିଶା ପଛରେ ଅଛି । ୨୦୨୦ରେ ପ୍ରାୟ ୮୨ପ୍ରତିଶତ ମାମଲାରେ ଚାର୍ଜସିଟ୍ ଦାଖଲ କରାଯାଇଥିବା ବେଳେ ୨୦୨୧ରେ ଏହା ୮୦ ପ୍ରତିଶତକୁ ଖସି ଆସିଛି । ମାତ୍ର ଏସବୁ ସତ୍ତ୍ୱେ ପଡ଼ୋଶୀ ରାଜ୍ୟଗୁଡ଼ିକର ତୁଳନାରେ ଓଡ଼ିଶାରେ ଅପରାଧ ନିୟନ୍ତ୍ରଣ ଭଲ ସ୍ଥିତିରେ ରହିଛି । ଏନ୍‌ସିଆରବି ରିପୋର୍ଟ ଅନୁସାରେ, ୨୦୨୧ରେ ରାଜ୍ୟରେ ମୋଟ ୧ଲକ୍ଷ ୫୫ହଜାର ୪ଶହ ୨୦ଟି ମାମଲା ରୁଜୁ ହୋଇଛି । କିନ୍ତୁ ଏ କ୍ଷେତ୍ରରେ ତାମିଲନାଡୁ ତାଲିକାର ଶୀର୍ଷରେ (୭ଲକ୍ଷ ୫୬ହଜାର ୭୫୩ ମାମଲା) ଥିବା ବେଳେ ପଛକୁ ଗୁଜରାଟ, ଉତ୍ତରପ୍ରଦେଶ, କେରଳ ଭଳି ରାଜ୍ୟ ରହିଛନ୍ତି । ତେବେ ତାଲିକାରେ ଓଡ଼ିଶା ୧୨ ନମ୍ବର ସ୍ଥାନରେ ରହିଛି । ସେହିଭଳି ଚାର୍ଜସିଟ୍ ଦାଖଲରେ ୨୦୨୦ ତୁଳନାରେ ଓଡ଼ିଶା ଭଲ ପ୍ରଦର୍ଶନ କରିଛି । ଉକ୍ତ ବର୍ଷ ମୋଟ ୭୫.୫ ପ୍ରତିଶତ ଚାର୍ଜସିଟ୍ ଦାଖଲ ହୋଇଥିବା ବେଳେ ୨୦୨୧ରେ ୪ପ୍ରତିଶତ ଅଭିବୃଦ୍ଧି ଘଟି ୭୯.୬ ପ୍ରତିଶତରେ ପହଞ୍ଚିଛି । ସେହିଭଳି ମହିଳା ବିରୋଧୀ ଅପରାଧରେ ଓଡ଼ିଶା ପଞ୍ଚମ ସ୍ଥାନରେ ରହିଛି । ଓଡ଼ିଶାରେ ରୁଜୁ ହୋଇଥିବା ୩୧ହଜାର ୩୫୨ ମାମଲାରୁ ୧୪୫୬ଜଣ ମହିଳା ଦୁଷ୍କର୍ମ ଶିକାର ହୋଇଥିବା ବେଳେ ୧୨ଜଣ ପୀଡ଼ିତାଙ୍କୁ ଦୁଷ୍କର୍ମ ପରେ ହତ୍ୟା ଏବଂ ୧୫୧ଜଣ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରାଯାଇଛି । ସେହିଭଳି ୫ହଜାର ୧୭୫ମହିଳା ଅପହରଣର ଶିକାର ହୋଇଥିବା ବେଳେ ୨୧୫ଜଣ ମହିଳାଙ୍କୁ ଅପହରଣ କରି ବିବାହ କରିବାକୁ ବାଧ କରାଯାଇଛି । ଅପରପକ୍ଷେ ଯୌତୁକ ଜନିତ ହତ୍ୟା ମାମଲା ମଧ୍ୟ କିଛି କମ୍ ନାହିଁ । ରାଜ୍ୟରେ ୨୯୩ଟି ଯୌତୁକଜନିତ ହତ୍ୟା ହୋଇଥିବା ବେଳେ ୪୬୫ଟି ଯୌତୁକ ନିର୍ଯାତନା ମାମଲା ରୁଜୁ ହୋଇଛି । ୨୭ଜଣ ମହିଳାଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତା ଯାଇଛି । ସ୍ୱାମୀଙ୍କ ଦ୍ୱାରା ନିର୍ଯାତନାର ଶିକାର ହେବା କ୍ଷେତ୍ରରେ ପଶ୍ଚିମବଙ୍ଗରେ ସର୍ବାଧିକ ୧୯ହଜାର ୫୫୨ଟି ମାମଲା ରୁଜୁ ହୋଇଥିବା ବେଳେ ଓଡ଼ିଶାରେ ୪ହଜାର ୮୮୯ଟି ମାମଲା ରୁଜୁ ହୋଇଛି । ସେହିଭଳି ମଧ୍ୟପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ପ୍ରମୁଖ ରାଜ୍ୟରେ ହତ୍ୟା ମାମଲା ଉପରମୁହାଁ ଥିବା ବେଳେ ତୁଳନାରେ ଓଡ଼ିଶାରେ ୧୩୯୪ଟି ହତ୍ୟା ମାମଲା ରୁଜୁ ହୋଇଛି ।

# ଓଡ଼ିଶାର ମହିଳା ଅସୁରକ୍ଷିତ, ମାତ୍ର ନବୀନ ପୁରସ୍କୃତ : କଂଗ୍ରେସ

ଭୁବନେଶ୍ୱର,୨/୦୯ (ନି.ପ୍ର): ସଦ୍ୟ ପ୍ରକାଶିତ ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋର ତଥ୍ୟ ଅନୁଯାୟୀ ଶିଶୁ ଅପହରଣ ଓ ନାରୀ ନିର୍ଯ୍ୟାତନା କ୍ଷେତ୍ରରେ ଦେଶରେ ଓଡ଼ିଶା ସର୍ବପ୍ରଥମ ସ୍ଥାନର ଅପବାଦ ମୁଣ୍ଡାଇଛି । ଓଡ଼ିଶାରେ ୫ ବର୍ଷରେ ୧୫ ହଜାର ଶିଶୁ ନିଖୋଜ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏହିକିଯେ ସେଥିରୁ ୧୨,୧୯୯ ଜଣ ହେଉଛନ୍ତି ଶିଶୁ କନ୍ୟା । ନବୀନ ବାବୁଙ୍କ ମା’କୁ ସମ୍ମାନ ଆହ୍ୱାନ ପାଣିରଗାର ସଦୃଶ । ନାରୀ ସୁରକ୍ଷା ପ୍ରସଙ୍ଗରେ ନବୀନ ସରକାର ନିଜର ପାରିବା ପଣିଆର ଡିଣ୍ଡିମ ପିଟୁଥିବା ବେଳେ କ୍ରାଇମ ରେକର୍ଡ ବ୍ୟୁରୋର ତଥ୍ୟ ନବୀନ ସରକାରଙ୍କର ଅସଲ ସ୍ୱରୂପ ପଦାରେ ପକାଇ ଦେଇଛି । ଓଡ଼ିଶାରୁ ଲଗାତାର ଶିଶୁ କନ୍ୟାଙ୍କୁ ବାହାର ରାଜ୍ୟକୁ ଚାଲାଣ କରାଯାଉଛି । ଅନ୍ୟପକ୍ଷରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ “ଲାଇଫଟାଇମ ଆଚିଭିମେଂଟ” ପୁରସ୍କାର ଦିଆଯାଉଛି । ଗୁରୁବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ କଂଗ୍ରେସ ଗଣମାଧ୍ୟମ ବିଭାଗ ଆବାହକ ସତ୍ୟପ୍ରକାଶ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ନବୀନ ଶାସନର ଅପାରଗତା, ଦାୟୀତ୍ୱହୀନତା ଏବଂ ନିଷ୍କ୍ରିୟତାର ତୀବ୍ର ସମାଲୋଚନା କରି ଏହା କହିଛନ୍ତି । ମାନବଚାଲାଣ ରୋକିବା ପାଇଁ ରାଜ୍ୟରେ ଛତିଶ ପୋଲିସ ଜିଲ୍ଲାରେ ଯେଉଁ ଇଂଟିଗ୍ରେଟେଡ ଆଂଟି ହ୍ୟୁମାନ ଟ୍ରାଫିକିଂ ୟୁନିଟ୍ ଖୋଲଛି ତାହା ସଂପୂର୍ଣ୍ଣ ଅକାମୀ, ବେପୁରଆ ଏବଂ ନିରର୍ଥକ ବୋଲି ଶ୍ରୀ ନାୟକ ଅଭିଯୋଗ କରିଛନ୍ତି । ସେହିପରି କ୍ରାଇମବ୍ରାଂଚ ୨୦୧୫ ରୁ ୨୦୧୯ ଭିତରେ ଅପରେସନ ସ୍ମାଇଲ, ମୁସ୍କାନ ଓ ପରୀ ଯୋଜନା ଭଳି ଯେଉଁ କାର୍ଯ୍ୟକ୍ରମ ଗ୍ରହଣ କରିଥିଲା ଏହା କେବଳ ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇବା ଉଦ୍ଦିଷ୍ଟ, କାରଣ ଏଭଳି ବ୍ୟବସ୍ଥା ପରେ ବି ଶିଶୁ କନ୍ୟା ନିଖୋଜ ସଂଖ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଛି । ସୁତରାଂ ଓଡ଼ିଶା ଏବେ ମହିଳା ଏବଂ ଶିଶୁ ମାନଙ୍କ ପାଇଁ ଏକ ଅସୁରକ୍ଷିତ ରାଜ୍ୟ ଭାବେ ଦେଶରେ ଉଭା ହୋଇଛି ।

ସେପଟେ ନିରନ୍ତର ସେବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ “ଲାଇଫଟାଇମ ଆଚିଭିମେଂଟ” ପୁରସ୍କାର ଦିଆଯାଉଛି । ଅନେକ ସଂସ୍ଥାରୁ ପ୍ରଶାସନ କ୍ଷେତ୍ରରେ ସ୍ୱଚ୍ଛତା ଓ ବିକାଶରେ ଅଗ୍ରଣୀ ଓ ପାରଦର୍ଶି ପୁରସ୍କାର ମଧ୍ୟ ମୁଖ୍ୟମନ୍ତ୍ରୀ ପାଇଲେଣି । ଅସୁରକ୍ଷିତ ରାଜ୍ୟ, ଅବ୍ୟବସ୍ଥିତ ଓ ଦାୟୀତ୍ୱହୀନ ପ୍ରଶାସନ, ଉତରଦାୟୀତ୍ୱଶୂନ୍ୟ, ଉଦାସୀନତା ଓ ଅପାରଗତାର ଚିତ୍ର ପଟ୍ଟରେ ଜଣେ ମୁଖ୍ୟମନ୍ତ୍ରୀ ପ୍ରଂଶସିତ ଓ ପୁରସ୍କୃତ ହେବା ଓଡ଼ିଶାବାସୀଙ୍କ ଭାଗ୍ୟର ବିଡ଼ମ୍ବନା । ଏବେ ସବୁଠାରୁ ଲଜ୍ୟାକର ବିଷୟ ଏହିକିଯେ ନବୀନ ଶାସନରେ ପୀଡ଼ିତ, ଅତ୍ୟାଚାରିତ ଓ ଉପେକ୍ଷିତ ଓଡ଼ିଶାବାସୀଙ୍କ ପ୍ରକୃତ ଅବସ୍ଥାକୁ ଲୁଚାଇଦେଇ ନବୀନ ବାବୁଙ୍କ “ଲାଇଫଟାଇମ ଆଚିଭିମେଂଟ” ପୁରସ୍କାର ପାଇଁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦେବାକୁ ପ୍ରଚୁର ଅର୍ଥ ବ୍ୟୟ କରାଯାଇ ବର୍ଣ୍ଣାଢ଼୍ୟ ଆୟୋଜନ ଚାଲିଛି । ବିଜୁ ଜନତା ଦଳର ମହିଳା ସଂଗଠନ ଅମେରୁଦଣ୍ଡୀ । ସୁତରାଂ ଓଡ଼ିଶାର “ମହିଳା ଅସୁରକ୍ଷିତ, ମାତ୍ର ନବୀନ ପୁରସ୍କୃତ” ଏଠାରେ ସ୍ପଷ୍ଟ ଚିତ୍ର ଆସିଛି ଯେ ୨୦୧୯ ରେ ମହିଳା ନିର୍ଯ୍ୟାତନା କ୍ଷେତ୍ରରେ ୨୩୧୮୩ ଟି ମାମଲା ପଞ୍ଜିକୃତ ହୋଇଥିବା ବେଳେ ୨୦୨୦ ରେ ୨୫୪୮୯ ଏବଂ ୨୦୨୧ ରେ ୩୧୩୫୨ ଟି କେସ ପଞ୍ଜିକୃତ ହୋଇ ସମୁଦାୟ ୨୦ ପ୍ରତିଶତ ବୃଦ୍ଧି ପାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ରଜନୀ କୁମାର ମହାନ୍ତି ଓ ଶ୍ରୀମତୀ ରଶ୍ମି ମହାପାତ୍ର ଉପସ୍ଥିତ ଥିଲେ ।

# ଦାଦନ ଶ୍ରମିକ ପ୍ରଭାବିତ ୪ ଜିଲ୍ଲାରେ ୨୧% କରିଛନ୍ତି ୧୦୦ ଦିନିଆ କାର୍ଯ୍ୟ

ଭୁବନେଶ୍ୱର ,୨/୦୯ (ନି.ପ୍ର): ନୂଆଁଖାଇ ପରେ ରୋଜଗାର ପାଇଁ ପୁଣି ବାହାର ରାଜ୍ୟକୁ ବାହାରିଯିବେ ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି ଏବଂ ବରଗଡ଼ ଜିଲ୍ଲା ଅନ୍ତର୍ଗତ ଦାଦନ ଶ୍ରମିକ ପ୍ରଭାବିତ ୨୦ ବ୍ଲକର ପରିବାର । ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧୀନରେ ମାତ୍ର ୨୧ ପ୍ରତିଶତ ଶ୍ରମିକ ୧୦୦ ଦିନିଆ କାର୍ଯ୍ୟ କରିଥିବାରୁ ଶ୍ରମିକ ପଳାୟନ ଆଶଙ୍କା ଜଳଜଳ ଦେଖାଯାଉଛି । ଆସନ୍ତା ୪ ମାସ ମଧ୍ୟରେ ମନରେଗା ଅନ୍ତର୍ଗତରେ ଶ୍ରମିକଙ୍କୁ ପର୍ଯ୍ୟାପ୍ତ କାର୍ଯ୍ୟ ସହିତ ଠିକ ସମୟରେ ପ୍ରାପ୍ୟ ପ୍ରଦାନ କରାଗଲେ ବାଧବାଧକତାରେ ଯେଉଁ ଶ୍ରମିକ ବାହାରକୁ ଯାଉଛନ୍ତି ସେମାନଙ୍କୁ ରୋକାଯାଇ ପାରିବ ବୋଲି ସାମାଜିକ କର୍ମୀ ଉମି ଡାନିଏଲ ମତ ଦେଇଛନ୍ତି । ପଶ୍ଚିମ ଓଡ଼ିଶାରେ ଦାରିଦ୍ର୍ୟ ଏଭଳି ଅଛି ଯେ ଗଣପର୍ବ ନୂଆଁଖାଇ ପାଳନ ପାଇଁ ମଧ୍ୟ ସ୍ଥାନୀୟ ଅଧିବାସୀଙ୍କୁ ମହାଜନ କିମ୍ବା ଦାଦନ ସର୍ଦାରଙ୍କ ଠାରୁ କରଜ କରିବାକୁ ପଡ଼େ । ତା’ ବଦଳରେ ନୂଆଁଖାଇ ପରେ ସେମାନେ ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଆଦି ଯିବାକୁ ବାଧ ହୁଅନ୍ତି । ସେମାନଙ୍କ ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଦାଦନ ଶ୍ରମିକ ପ୍ରଭାବିତ ୪ ଜିଲ୍ଲାର ୨୦ ବ୍ଲକର ୪୭୭ ପଞ୍ଚାୟତ, ୩୩୨୭ ଗାଁରେ ମନରେଗା ଅନ୍ତର୍ଗତରେ ରାଜ୍ୟ ସରକାର ୩୦୦ ଦିନିଆ କାର୍ଯ୍ୟର ଘୋଷଣା କରିଥିଲେ । ମାତ୍ର ଏଥିରୁ ୧୦୦ ଦିନିଆ କାର୍ଯ୍ୟର ଲକ୍ଷ୍ୟ ମଧ୍ୟ ପୂରଣ ହୋଇ ପାରିନାହିଁ । ପ୍ରଶାସନିକ ସୂତ୍ର ଅନୁସାରେ, ସମୁଦାୟ ୩ କୋଟି ୮୭ ଲକ୍ଷ ୨୬ ହଜାର ୬୦୦ ଲୋକଙ୍କୁ ଶହେ ଦିନିଆ କାର୍ଯ୍ୟ ପ୍ରଦାନର ଲକ୍ଷ୍ୟ ରହିଛି । ଏଥିରୁ ସର୍ବାଧିକ ଦାଦନ ଶ୍ରମିକ ପ୍ରଭାବିତ ନୂଆପଡ଼ା ଜିଲ୍ଲା ସିନାପାଲିରେ ୩୦.୨୩ ପ୍ରତିଶତ, ଭବାନୀପାଟନାରେ ମାତ୍ର ୧୫ ପ୍ରତିଶତ, ବରଗଡ଼ ଜିଲ୍ଲା ପାଇକମାଳରେ ୧୬.୪୯ ପ୍ରତିଶତ, ନୂଆପଡ଼ାରେ ୧୬.୮୮ ପ୍ରତିଶତ ୧୦୦ ଦିନିଆ କାର୍ଯ୍ୟ କରିଛନ୍ତି । ଏଭଳି ସ୍ଥିତିରେ ଅଧିକାଂଶ ସେହି ଦାଦନ ସର୍ଦାରଙ୍କ ଠାରୁ ହିଁ କରଜ କରିଥିବା ସ୍ପଷ୍ଟ । ମନରେଗାରେ ପ୍ରାପ୍ୟ ସମସ୍ୟା ଯୋଗୁଁ ଅନେକ ଏଥିପ୍ରତି ବିଶ୍ୱାସ ହରାଉଥିବା ଅଭିଯୋଗ ହୁଏ । ଅପରପକ୍ଷରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ଶ୍ରମିକଙ୍କୁ ୧୫ ଦିନରେ ହିଁ ପ୍ରାପ୍ୟ ମିଳେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ରକ୍ତଦାନ ଶିବିର



ବାରିପଦା, ୦୨/୦୯ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ନିଖିଳ ଭାରତସାୟତ୍ୱ ଶାସନ ପାଳନ ଅବସରରେ ବାରିପଦା ପୌରପରିଷଦ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ ସିଂହ ଉଦଘାଟନ କରିଥିବା ବେଳେ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ କାଉନସିଲର ମାନେ ଉପସ୍ଥିତ ଥିଲେ । ଏହି ଶିବିରରେ ନଗରପାଳ ସପତ୍ନୀଙ୍କ ସହ ପ୍ରଥମେ ରକ୍ତଦାନ କରିବା ସହ ପ୍ରାୟ ସମସ୍ତ କାଉନସିଲର ମଧ୍ୟ ରକ୍ତଦାନ କରିଥିଲେ । ୩୨ ଜଣ ମହିଳାଙ୍କ ସହ ମୋଟ ୨୪୦ ଜଣ ସେଚ୍ଛାକୃତ ଭାବେ ରକ୍ତଦାନ କରିଥିବାର ଜଣାଯାଇଛି । ପ୍ରକାଶ ଥାଉକି ୨୦୦୫-୦୬ ମସିହାରେ ତତ୍କାଳୀନ ନଗରପାଳ ଶ୍ରୀଯୁକ୍ତ ମହାନ୍ତିଙ୍କ ନେତୃତ୍ୱରେ ୨୩୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ଏବଂ ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଥିଲା । ଭବିଷ୍ୟତରେ ମଧ୍ୟ ଏହି ଧାରା ଜାରି ରହିବ ବୋଲି ନଗରପାଳ ପ୍ରକାଶ କରିଛନ୍ତି । ପୂର୍ବତନ ମନ୍ତ୍ରୀ ତଥା ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡି ଓ ପୂର୍ବତନ ସତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଦେବାଶିଷ ମାରାଣ୍ଡି, ମୟୂରଭଂଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଏହି ଶିବିର ପରିଦର୍ଶନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । କାଉନସିଲର ସୁକେସିନୀ ସେଠୀ, ଅନୁରାଧା ମହାନ୍ତି, ରାଜ ଗୁପ୍ତା, ପୂଜା ତରେଇ, ମହେଶ ଇଂଜଦେଓ, ରୀନା ଶର୍ମା, ଦୀପ୍ତିରାଣୀ ପଟ୍ଟନାୟକ, ପ୍ରଶାନ୍ତ ବେହେରା, ମୂର୍ଚ୍ଛନା ମହାନ୍ତି, ପ୍ରଭାତୀ ପୃଷ୍ଟି, ନିରୂପମା ମହାନ୍ତି, ବିବେକାନନ୍ଦ ନାଏକ, ଶ୍ରୀମାତ ମୁର୍ମୁ, ଦିଗବିଜୟ ହାଁସଦା, ସବିତା ପାଲ, ଭାଗ୍ୟଲକ୍ଷ୍ମୀ ନାୟକ, ଜଗବନ୍ଧୁ ମୁଖି, ତୈଲୋକ ପଣ୍ଡା, ଗୀତା ସିଂ, ଦେବାଶିଷ ପାତ୍ର, ଅନନ୍ତ କୁମାର ଦାସ, ସୁଧିର ବାରିକ, ଲକ୍ଷ୍ମୀଧର ହାବୋଡା ଓ ଶିଖା ସାଇଁ ରକ୍ତଦାତା ମାନଙ୍କୁ ଉତ୍ସାହିତ କରି ରକ୍ତଦାନ କରାଇଥିଲେ । ଶିବିର ପରିଚାଳନାରେ ସମାଜସେବୀ ଅମର ସେଠୀ, ଶିକ୍ଷକ ସୋମନାଥ ସିଂହ, ପୂର୍ବତନ କାଉନସିଲର ସନ୍ତୋଷ ପଟ୍ଟନାୟକ, ଜନ ମହାନ୍ତି, ଦର୍ପନାରାୟଣ ପାଲ, ଲିଟନ ମହାପାତ୍ର, ଅରୁଣ ବରାଡ, ସୁନୀଲ ନାୟକ, ଅବଦୁଲ ହବିବ, ଶ୍ରବଣ କୁମାର ଗୋପ, ବିଶ୍ୱରଂଜନ ଦାସ, ଶିବୁ ରଣା, ରବି ବେହେରା, ଜଗନ୍ନାଥ ମହାପାତ୍ର, ବଳିଆ ରଣା ଓ କାହ୍ନୁ ମହାନ୍ତି ପ୍ରମୁଖ ସହାୟତା କରିଥିଲେ । ଡିଭାଇନ ସ୍କୁଲ ଅଫ ଇଂଜିନିୟରିଂର ନିର୍ଦ୍ଦେଶକ ବିପ୍ଲବ ବୁଗୁଡେଇଙ୍କ ନେତୃତ୍ୱରେ ତାଙ୍କ ଅନୁଷ୍ଠାନରୁ ୩୫ ଜଣ ଛାତ୍ର ମଧ୍ୟ ରକ୍ତଦାନ କରିଥିଲେ ।

## ବାଲେଶ୍ୱର ଏଲଆଇସି ଶାଖାରେ ବୀମା ସପ୍ତାହ ଉଦଘାଟିତ

ବାଲେଶ୍ୱର, ୦୨/୦୯ (ନି.ପ୍ର): ଭାରତୀୟ ଜୀବନ ବୀମା ନିଗମ(ଏଲଆଇସି) ବାଲେଶ୍ୱର ଶାଖାରେ ୬୬ତମ ବୀମା ସପ୍ତାହ ଉଦଘାଟିତ ହୋଇଯାଇଛି । ୧୯୬୫ ମସିହା ସେପ୍ଟେମ୍ବର ୧ତାରିଖରେ ଏଲଆଇସିକୁ ଜାତୀୟକରଣ କରାଯାଇଥିବା ବେଳେ ଏହାର ସ୍ମୃତିରେ ପ୍ରତିବର୍ଷ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ବୀମା ସପ୍ତାହ ପାଳନ କରାଯାଉଥିବା ଶାଖାର ଅଧିକାରୀମାନେ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ନିଗମର ବାଲେଶ୍ୱର ଶାଖାର ବରିଷ୍ଠ ପ୍ରବନ୍ଧକ ସବ୍ୟସାଚୀ ସାହୁ ପତାକା ଉତ୍ତୋଳନ ସହ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବୀମାର ଉପକାରିତା ଓ ଦେଶର ହିତ ପାଇଁ ଏଲଆଇସି କିପରି ତା'ର କାର୍ଯ୍ୟ ଜାରି ରଖିଛି ସେ ସମ୍ପର୍କରେ ଶ୍ରୀ ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। ନିଗମର ଗରିମା ରକ୍ଷା ସାଙ୍ଗକୁ ଉତ୍ତମ ସେବା ପ୍ରଦାନରେ ବ୍ରତୀ ହେବା ପାଇଁ ଏହି ଅବସରରେ ସମସ୍ତେ ସପଥ ପାଠ କରିଥିଲେ। ବୀମା ସପ୍ତହ ଉଦଘାଟନୀ ଉତ୍ସବରେ ଉଲ୍ଲେଖନୀୟ କର୍ତ୍ତବ୍ୟ ପାଇଁ ନିଗମର ବରିଷ୍ଠ କର୍ମଚାରୀ ବିରଞ୍ଚି ନାରାୟଣ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟତମ ବରିଷ୍ଠ କର୍ମଚାରୀ ଅଶୋକ କୁମାର ବେରା ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ନିଗମର ବାଲେଶ୍ୱର ଶାଖାର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଏହି ଉଦଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ।

# ବାଲେଶ୍ୱର ଶାଖାରେ ବୀମା ସପ୍ତାହ ଉଦ୍‌ଘାଟିତ



ବାଲେଶ୍ୱର, ୩୧/୦୮ (ନି.ପ୍ର): ଭାରତୀୟ ଜୀବନ ବୀମା ନିଗମ ବାଲେଶ୍ୱର ଶାଖାରେ ୬୬ତମ 'ବୀମା ସପ୍ତାହ' ଉଦ୍‌ଘାଟିତ ହୋଇଯାଇଛି । ୧୯୫୬ ମସିହା ସେପ୍ଟେମ୍ବର ୧ ତାରିଖରେ ଭାରତୀୟ ଜୀବନ ବୀମା ନିଗମକୁ ଜାତୀୟ କରଣ କରାଯାଇଥିଲା । ତେଣୁ ଏହାକୁ ସ୍ମରଣ କରି ପ୍ରତିବର୍ଷ ସାରା ଭାରତରେ ସେପ୍ଟେମ୍ବର ମାସ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ନିଗମ କାର୍ଯ୍ୟାଳୟ ମାନଙ୍କରେ 'ବୀମା ସପ୍ତାହ' ପାଳନ କରାଯାଏ। ଆଜି ବାଲେଶ୍ୱର ଏଲ.ଆଇ.ସି ଅଫିସରେ ଶାଖାର ବରିଷ୍ଠ ପ୍ରବନ୍ଧକ ଶ୍ରୀଯୁକ୍ତ ସବ୍ୟସାଚୀ ସାହୁ ନିଗମ ପତାକା ଉ ।ଳନ କରିଥିଲେ ଓ ପ୍ରତ୍ୟେକ କର୍ମଚାରୀ ନିଗମର ମାନ ସମ୍ମାନ ରକ୍ଷାକରି ତାକୁ ଦେଶହିତ ପାଇଁ ବିନିଯୋଗ କରି ସମସ୍ତଙ୍କୁ ଉ ମ ସେବା ପ୍ରଦାନ ନିମି ପତାକା ତଳେ ଶପଥ ପାଠ କରିଥିଲେ । ନିଗମ ସଂଗଠିତ ଗାନ ପରେ ପରେ ଶ୍ୟୀଯୁକ୍ତ ସାହୁ ପ୍ରଦୀପ ପ୍ରଜ୍ୱଳନ କରି ବୀମା ସପ୍ତାହକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ କରିଥିଲେ । ଉପସ୍ଥିତ ନିଗମର ଗ୍ରାହକ, କର୍ମଚାରୀଗଣ ମଧ୍ୟ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଶାଖାର ବରିଷ୍ଠ ପ୍ରବନ୍ଧକ ବୀମାର ଉପକାରିକା ଓ ଦେଶହିତ ପାଇଁ ଏଲ.ଆଇ.ସି କିପରି କାର୍ଯ୍ୟ କରୁଛି ତାଙ୍କ ଭାଷଣରେ ସୂଚନା ଦେଇଥିଲେ । ଶାଖାର ଅନ୍ୟତମ ବରିଷ୍ଠ କର୍ମଚାରୀ ଅଶୋକ କୁମାର ବେରା ସପ୍ତାହ ବ୍ୟାପୀ ଶାଖାର କାର୍ଯ୍ୟକ୍ରମ ଉପରେ ବିବରଣୀ ପ୍ରଦାନ କରିଥିଲେ । ଉଦ୍‌ଘାଟନ ଉତ୍ସବରେ ଶାଖାର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟ ସଫଳ କରାଇଥିଲେ । ଶେଷରେ ସମସ୍ତଙ୍କୁ ମିଷ୍ଟାନ୍ନ ବ ନ କରାଯାଇଥିଲା ।

# ବଜାର କମିଟି ରାହାମାର ଚଳିତବର୍ଷ ଦଶହରା ଦୁର୍ଗାପୂଜା ନିମନ୍ତେ ପ୍ରସ୍ତୁତି ବୈଠକ

ପାରାଦ୍ୱୀପ, ୦୨/୦୯ (ନି.ପ୍ର): ବଜାର କମିଟି ରାହାମାର ସମ୍ପାଦକ ଡ଼ଃ ସୁନାକର ବେହେରାଙ୍କ ସଂଯୋଜନାରେ ଗୁରୁବାର ଦିନ ଜିଲ୍ଲାର ପ୍ରମୁଖ ବାଣିଜ୍ୟ କେନ୍ଦ୍ର ରାହାମାର ବ୍ୟବସାୟୀ ସଂଗଠନ କାର୍ଯ୍ୟାଳୟ ପରିସରରେ ଚଳିତ ବର୍ଷ ଶାରଦୀୟ ପାର୍ବଣ ଦୁର୍ଗାପୂଜାକୁ ନେଇ ବଜାର କମିଟି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ଚଳିତ ଦୁର୍ଗାପୂଜାକୁ ଅଧିକ ସରଶ ସୁନ୍ଦର ସହ ଶାନ୍ତି ଶୃଙ୍ଖଳା, ଟ୍ରାଫିକ ସମସ୍ୟା ସୃଷ୍ଟି ନହେବା ପ୍ରତି ବିଶେଷ ଗୁରୁତ୍ୱ ଏବଂ ଦୁଇବର୍ଷ କୋଭିଡ କଟକଣା କାରଣେ ଦଶହରା ପୂଜା ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାର୍ବଣ ଉତ୍ସବକୁ ବାରଣ ଥିଲା ତେଣୁ ଚଳିତବର୍ଷ ଦଶହରାକୁ ଆନନ୍ଦ ମୁଖର କରିବାକୁ ନେଇ ସମସ୍ତ ପଦକ୍ଷପ ବଜାର କମିଟି ଗ୍ରହଣ କରିବ ବୋଲି ପ୍ରସ୍ତାପ ପାରିତ ହେବା ସହିତ ବଜାରରେ ବ୍ୟବସାୟ କରୁଥିବା ପ୍ରତ୍ୟେକ ପୁରାତନ ଓ ନୂତନ ବ୍ୟବସାୟିଙ୍କ ଚିହ୍ନଟ ପ୍ରକ୍ରିୟାରେ ସ୍ଥାୟୀ ପଞ୍ଜିକରଣ କରାଯାଇ ଏକ ବଜାର ଡାଏରୀ ଓ ବଜାର କମିଟି ଦ୍ୱାରା ଆଇ କାର୍ଡ ଦଶହରା ପୂର୍ବରୁ ପ୍ରଦାନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ଏକଜୁକ୍ଟିଭ ପରିଷଦର ସମସ୍ତ ସଭ୍ୟ,ସଭ୍ୟା ମାନଙ୍କ ସହିତ ସଭାପତି ଶ୍ରୀ ଜଟାଧାରୀ ଦାସ, କାର୍ଯ୍ୟକାରୀ ସଭାପତି ମନୋଜ କୁମାର ସାହୁ, ଯୁଗ୍ମ ସମ୍ପାଦକ ଚିନ୍ମୟ ଦାସ, ଉପସଭାପତି ପ୍ରଶାନ୍ତ କୁମାର ସାହୁ,ସହ ସମ୍ପାଦକ ତାପସ କୁମାର ମଲ୍ଲ,କୋଷାଧକ୍ଷ ରବୀନ୍ଦ୍ରନାଥ ପ୍ରଧାନ,ଶିକ୍ଷାବିଦ ବିଭୁତି ଭୂଷଣ ସାହୁ,ଉପଦେଷ୍ଟା ମାନଙ୍କ ମଧ୍ୟରେ ସୁଶାନ୍ତ କୁମାର ସାହୁ, ବଇଁଶୀଧର କୁଣ୍ଡୁ,ଦିଲ୍ଲୀପ ମହାପାତ୍ର,ସଭ୍ୟ ସୁଲେଖ ବେହେରା, ଦୁର୍ଯ୍ୟୋଧନ ସ୍ୱାଇଁ, ପ୍ରଦୀପ କୁମାର ରାଉତ, ଶ୍ରୀକାନ୍ତ ଦାସ,ବିଜୟ କୁମାର ସ୍ୱାଇଁ, ସୂର୍ଯ୍ୟକାନ୍ତ ଦାସ,ରବୀନ୍ଦ୍ର ସାହୁ, ଅଜୟ ବିଶ୍ୱାଳ, ପ୍ରଶାନ୍ତ ସ୍ୱାଇଁ, ରଞ୍ଜନ କୁମାର ବେହେରା, ବିନୁ ସାହୁ, ଇତ୍ୟାଦି ବହୁ ସଭ୍ୟ, ସଭ୍ୟା ମାନେ ଉପସ୍ଥିତ ଥିଲେ ।

# ମଞ୍ଜୁରୀରୋଡ଼ ଓ କେନ୍ଦୁଆପଦା ଫାଣ୍ଡି ଥାନାକୁ ଉନ୍ନୀତ ହୋଇ ପାରିଲା ନାହିଁ : ବଦ୍ରି ଧଳ



ଭଦ୍ରକ,୦୨/୦୯ (ନି.ପ୍ର): ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ମଞ୍ଜୁରୀ ରୋଡ଼ ଓ କେନ୍ଦୁଆପଦା ଫାଣ୍ଡି ଦୁଇଟିକୁ ଥାନାକୁ ଉନ୍ନୀତ କରିବା ସହ ଭଦ୍ରକ ଗ୍ରାମାଞ୍ଚଳ ଥାନାକୁ ଭଦ୍ରକ ସହରାଞ୍ଚଳ ପୁଲିସ ସବ୍ ଡିଭିଜନ ଅଧିନରେ ରଖିବା ଦାବିରେ ଆଜି ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ବିଜେପି ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳଙ୍କ ନେତୃତ୍ୱରେ ଦଳର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଭେଟି ଆଲୋଚନା କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସ୍ଥାନୀୟ ଲୋକପ୍ରତିନିଧିଙ୍କ ଇଚ୍ଛାଶକ୍ତିର ଅଭାବ ଓ ଅପାରଗତା କାରଣରୁ ମଞ୍ଜୁରୀରୋଡ ଓ କେନ୍ଦୁଆପଦା ଫାଣ୍ଡି ଥାନାକୁ ଉନ୍ନୀତ ହୋଇ ପାରୁ ନାହିଁ ବୋଲି ବିଜେପି ନେତା ଶ୍ରୀଯୁକ୍ତ ଧଳ ଆରୋପ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଭଣ୍ଡାରିପୋଖରୀ ଥାନା ଅଧିନସ୍ଥ ମଞ୍ଜୁରୀରୋଡ଼ ଫାଣ୍ଡି ଗତ ୧୯୮୨ ମସିହାରେ ପ୍ରତିଷ୍ଠା ହୋଇଥିଲା। ଏହା ଅଧିନରେ ଏବେ ୬ଗୋଟି ପଞ୍ଚାୟତ ଯଥା : ନାଆମୀ, ରାଜେନ୍ଦ୍ରପୁର, ସାନଶାସନ, ବନ୍ଦାଡ଼ୋ ମଢ଼ିଆଳି, ତେସିଂଗା ଓ ଝୁଟଣା ରହିଅଛି। ପୂର୍ବରୁ ନେରଡ଼ା, ରାମଚନ୍ଦ୍ରପୁର ଓ ପାଟୁଳି ପଞ୍ଚାୟତକୁ ନେଇ ମଞ୍ଜୁରୀରୋଡ଼ ଥାନା ପ୍ରତିଷ୍ଠା ପ୍ରସ୍ତାବ ରହିବା ସହ ବିଭାଗ ପକ୍ଷରୁ ଅଗେଇବେହେରା ମୌଜାରେ ସ୍ଥାନ ନିରୂପଣ ହୋଇଥିଲା। ଇତିମଧ୍ୟରେ ଦୀର୍ଘ ୪୦ ବର୍ଷ ଅତିକ୍ରାନ୍ତ ପରେ ଏହି ଅଞ୍ଚଳରେ ଜନସଂଖ୍ୟା ବୃଦ୍ଧି ପାଇବା ସହ ଅପରାଧିକ ମାମଲା ବୃଦ୍ଧି ପାଉଥିଲେ ବି, ଏଠାରେ ଥାନା ପ୍ରତିଷ୍ଠା ଏ ପର୍ଯ୍ୟନ୍ତ ସମ୍ଭବ ହୋଇ ପାରିନାହିଁ। ଏହାଛଡ଼ା ମଞ୍ଜୁରୀରୋଡ଼ ଅଞ୍ଚଳ କେନ୍ଦୁଝର ଓ ଯାଜପୁର ଜିଲ୍ଲା ସୀମାକୁ ଲାଗି ରହିଥିବା ବେଳେ ଏକ ରେଳ ଷ୍ଟେସନ ମଧ୍ୟ ରହିଛି। ଏଣୁ ଆଇନ ଶୃଙ୍ଖଳାର ସୁରକ୍ଷା ଦୃଷ୍ଟିରୁ ମଞ୍ଜୁରୀରୋଡ଼ ଫାଣ୍ଡିକୁ ଥାନାରେ ପରିଣତ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୀର୍ଘ ଦିନରୁ ଦାବି ହୋଇଆସୁଅଛି। ସେହିପରି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନସ୍ଥ କେନ୍ଦୁଆପଦା ଫାଣ୍ଡି ଭୌଗଳିକ ଦୃଷ୍ଟିରୁ ଭଦ୍ରକ ବ୍ଲକର ୩ ଗୋଟି ପଞ୍ଚାୟତ ଯଥା : ବହୁଦରଡ଼ା, ଅଣ୍ଟେଇପଲ୍ଲୀ, ଆର୍‌ଏନ୍ ବେତରା ଓ ବନ୍ତ ବ୍ଲକର ୬ଗୋଟି ପଞ୍ଚାୟତ ଯଥା : ତୋଡଙ୍ଗା, କେନ୍ଦୁଆପଦା, ଗୋବିନ୍ଦପୁର, ରାମକୃଷ୍ଣପୁର, ରାମପୁର ଓ ଗଣିଜାଙ୍ଗ (ଆଂଶିକ)କୁ ନେଇ ଦୀର୍ଘ ୩୮ ବର୍ଷ ପୂର୍ବରୁ ପ୍ରତିଷ୍ଠା ହୋଇଥିଲା। କେନ୍ଦୁଆପଦା ଫାଣ୍ଡି ଅଞ୍ଚଳର ଜନସାଧାରଣଙ୍କୁ ଭଦ୍ରକ ଗ୍ରାମାଞ୍ଚଳ ଥାନାକୁ ଯିବା ପାଇଁ ପ୍ରାୟ ୨୦ କି.ମି. ବାଟ ଯିବାକୁ ପଡ଼ିଥାଏ। କେନ୍ଦୁଆପଦା ଠାରେ ଏକ ରେଳ ଷ୍ଟେସନ ଥିବା ବେଳେ ଫାଣ୍ଡି ପାର୍ଶ୍ୱ ଦେଇ କେନ୍ଦୁଝର ଜିଲ୍ଲାକୁ ସଂଯୋଗ କରୁଥିବା ବି.କେ.ବି.ଏମ୍. ରାସ୍ତାରେ ବହୁ ଯାତ୍ରୀବାହୀ ବସ ଓ ଭାରିଯାନ ଚଳାଚଳ କରୁଛି। ଏବେ ଏହି ଅଞ୍ଚଳରେ ଜନସଂଖ୍ୟା ବୃଦ୍ଧି ସହ ଅପରାଧର ହାର ମଧ୍ୟ ବୃଦ୍ଧି ପାଇଛି। ଏହି ବିସ୍ତୀର୍ଣ୍ଣ ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତି ରକ୍ଷା ପାଇଁ କେନ୍ଦୁଆପଦା ଫାଣ୍ଡିକୁ ମଧ୍ୟ ଥାନାରେ ପରିଣତ କରାଯିବାର ଆବଶ୍ୟକତା ରହିଛି। ଏଣୁ ଭଦ୍ରକ ଗ୍ରାମାଞ୍ଚଳ ଥାନାକୁ ଭଦ୍ରକ ସହରାଞ୍ଚଳ ପୁଲିସ ସବ୍ ଡିଭିଜନ ଅଧିନରେ ରଖାଯିବାକୁ ବିଜେପି ପକ୍ଷରୁ ଦାବି କରାଯାଇଛି।

## ବିଭିନ୍ନ ଦାବି ନେଇ ଆୟୁଷ ବିକାଶ ମଞ୍ଚର ସ୍ମାରକପତ୍ର

ବାଲେଶ୍ୱର,୦୨/୦୯ (ନି.ପ୍ର): ନବଗଠିତ ବାଲେଶ୍ୱର ଆୟୁଷ ବିକାଶ ମଞ୍ଚ ପକ୍ଷରୁ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ସ୍ମାରକପତ୍ର ପ୍ରଦାନ କରାଯାଇଛି । ବିଶେଷ କରି ବାଲେଶ୍ୱର ଜିଲାରେ ଏକ ଆୟୁର୍ବେଦ ମେଡିକାଲ୍ କଲେଜ୍ ପ୍ରତିଷ୍ଠା, ଜିଲା ମୁଖ୍ୟ ଚିକିତ୍ସାଳୟରେ ଆୟୁର୍ବେଦୀୟ ବହିଃ ଚିକିତ୍ସା ଆରମ୍ଭ, ସରକାରୀ ମଞ୍ଜୁରୀପ୍ରାପ୍ତ ୫୦ ଶଯ୍ୟା ବିଶିଷ୍ଟ ଆୟୁଷ ଚିକିତ୍ସାଳୟ ଟେଣ୍ଡର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ଫ କ ୀ ର ମୋ ହ ନ ବିଶ୍ୱବିଦ୍ୟାଳୟରେ ଯୋଗ ବିଭାଗ ଖୋଲିବାସହ ସମସ୍ତ ଶି କ୍ଷା ନୁ ଷ୍ଠା ନ ରେ ଛାତ୍ରଛାତ୍ରୀମାନଙ୍କୁ ଯୋଗଶିକ୍ଷା ଦେବା ଓ ଆୟୁର୍ବେଦର ସାମଗ୍ରିକ ବିକାଶର ଧାରାକୁ ଅଧିକ କ୍ରିୟାଶୀଳ କରବା ଉଦ୍ଦେଶ୍ୟରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି । ମଞ୍ଚର କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ସାକ୍ଷାତ ସହ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ର ପ୍ରଦାନ ବେଳେ ଆୟୁଷ ବିକାଶ ମଞ୍ଚର ସଭାପତି ଡା. ପୂର୍ଣ୍ଣଚନ୍ଦ୍ର ଜେନା, ଉପ-ସଭାପତି ଡା. ପ୍ରଭାକର ରଥ, ସମ୍ପାଦକ ହିମାଂଶୁ ଶେଖର ଦାସ, ସହ ସମ୍ପାଦକ ଡା. ପ୍ରଭାତ ରଞ୍ଜନ ପ୍ରଧାନ, କୋଷାଧକ୍ଷ ଡା. ସୁଧାଂଶୁ ଶେଖର ଦାଶ, କାର୍ଯ୍ୟକାରୀ ସଭ୍ୟ ଡା. ପ୍ରମୋଦ କୁମାର ରାଉତ, ଡା. ମଧୁସୂଦନ ଜେନା, ଡା. ଜୟନ୍ତ କୁମାର ପ୍ରଧାନ, ଡା. ସମାପିକା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟପାଳ ରମେଶ ବୈସଙ୍କ ଦିଲ୍ଲୀ ଗସ୍ତ

ରାଂଚି, ୦୨/୦୯ (ନି.ପ୍ର): ଝାରଖଣ୍ଡରେ ରାଜନୀତିକ ହଲ୍‌ଚଲ୍ ବୃଦ୍ଧି ହୋଇଛି । ଏହାମଧ୍ୟରେ ରାଜ୍ୟପାଳ ରମେଶ ବୈସ ଶୁକ୍ରବାର ସକାଳେ ହଠାତ୍ ଦିଲ୍ଲୀ ଗସ୍ତ କରିଛନ୍ତି। ଦିଲ୍ଲୀରେ ତାଙ୍କର କୌଣସି ରାଜନୈତିକ ବ୍ୟକ୍ତିଙ୍କ ସହିତ ସାକ୍ଷାତ କରିବାର ବର୍ତ୍ତମାନ ସୂଚନା ନାହିଁ। ଉଲ୍ଲେଖନୀୟ ଯେ ଗୁରୁବାର ଦିନ ୟୁପିଏ ପ୍ରତିନିଧିମଣ୍ଡଳ ରାଜ୍ୟପାଳଙ୍କ ସହିତ ସାକ୍ଷାତ କରିଥିଲେ। ଏପଟେ ରାଜ୍ୟ ସରକାର ପାଂଚ ସେପ୍ଟେମ୍ବରକୁ ବିଧାନସଭାର ବିଶେଷ ଅଧିବେଶନ ଆହୂତ କରାଯାଇଥିଲା।

## ରାଷ୍ଟ୍ରୀୟ ମଜଦୁର କଂଗ୍ରେସର କର୍ମକର୍ତ୍ତା ନିର୍ବାଚିତ

ଭୁବନେଶ୍ୱର,୦୨/୦୯ (ନି.ପ୍ର): ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖାର ୨୮ ତମ ରାଜ୍ୟସ୍ତରୀୟ ସମ୍ମିଳନୀ ଆଗାମୀ ୩ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ହୋଇଛି ।ଏହି ନିର୍ବାଚନରେ ଆଗାମୀ ୩ ବର୍ଷ ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟସଭାପତି ତଥା ପ୍ରାକ୍ତନ ସାଂସଦ ଡଃରାମଚନ୍ଦ୍ରଖୁଂଟିଆ, କାର୍ଯ୍ୟକାରୀ ସଭାପତି-ଘନଶ୍ୟାମ ଜେନା, ସାଧାରଣ ସଂପାଦକ- କିଶୋରଜେନା, ପ୍ରଶାନ୍ତ ବେହେରା, ସୌଭାଗ୍ୟ ପ୍ରଧାନ, ଉପସଭାପତି- ମଦନ ମୋହନ ଧଳ, ବନଲତା ମିଶ୍ର, ସଂନ୍ଧ୍ୟା ମହାପାତ୍ର, ଶ୍ୟାମସୁନ୍ଦର ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ବିଦ୍ୟାଧର ମହାନ୍ତି, ପରେଶଜେନା, କୋଷାଧକ୍ଷ- ଧରଣୀଧର ସ୍ୱାଇଁ, ଯୁଗ୍ମସାଧାରଣସଂପାଦକ - ନିର୍ମାଲସାମଲ, ଅକ୍ଷୟକୁମାର ତ୍ରିପାଠୀ ପ୍ରମୁଖ ସମେତ କାର୍ଯ୍ୟକାରୀ କମିଟି ୩୬ ଜଣ ଓ ସ୍ଥାୟୀ ସଦସ୍ୟ ଭାବରେ ୨୮ ଜଣ ନିର୍ବାଚିତ ହୋଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଦୁଷ୍କର୍ମ ଅଭିଯୁକ୍ତ ମହନ୍ତଙ୍କୁ ....

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଯୌନ ନିର୍ଯାତନାର ଅଭିଯୋଗ ଆଣିଥିବା ଦୁଇ ନାବାଳିକାଙ୍କ ମଧ୍ୟରୁ ଜଣେ ଅନୁସୂଚିତ ଜନଜାତି ସଂପ୍ରଦାୟର। ତେଣୁ ଗୁରୁବାର ଏହି ସଂପ୍ରଦାୟର ଲୋକମାନେ ମହନ୍ତଙ୍କ ଗିରଫଦାରୀ ଦାବିରେ ରାଜରାସ୍ତାକୁ ଓହ୍ଲାଇଥିଲେ। ପୁଲିସ କହିଛି ଯେ ଗିରଫ ପରେ ଶିବମୂର୍ତ୍ତି ସ୍ୱାମୀଙ୍କୁ ମେଡିକାଲ ଟେଷ୍ଟ ପାଇଁ ଜିଲ୍ଲା ହସ୍ପିଟାଲକୁ ନିଆଯାଇଥିଲା। ଏହାପରେ ଚିତ୍ରଦୁର୍ଗରେ ଥିବା ଜଣେ ବିଚାରପତିଙ୍କ ଆଗରେ ହାଜର କରାଯାଇଥିଲା। ଏହାପରେ ତାଙ୍କୁ ଜଜ୍ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ପୁଲିସ୍ ତାଙ୍କୁ ମଠରୁ ଗିରଫ କରିଥିବା କହୁଥିବା ବେଳେ ତାଙ୍କ ସମର୍ଥକମାନେ ମହନ୍ତ ଆତ୍ମସମର୍ପଣ କରିଥିବା କହିଛନ୍ତି। ଏହାପୂର୍ବରୁ ପୁଲିସ୍ ମୁରୁଘା ମଠ ହଷ୍ଟେଲର ୱାର୍ଡେନ ରଶ୍ମିଙ୍କୁ ଗିରଫ କରିଥିଲା। ତାଙ୍କୁ କୋର୍ଟରେ ହାଜର କରାଯିବା ସହ ଧାରା ୧୬୪ ଅନୁଯାୟୀ ତାଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଛି। ପୂରା ଘଟଣାରେ ରୁଜୁ ହୋଇଥିବା ଏଫଆଇଆରରେ ଶିବମୂର୍ତ୍ତି, ରଶ୍ମି ଓ ଆଉ ୩ ଜଣଙ୍କ ନାଁ ରହିଛି। ଦୁଇ ଜଣ ଗିରଫ ହୋଇଥିବା ବେଳେ ମଠର କନିଷ୍ଠ ମହନ୍ତ ବସବାଦିତ୍ୟ, ମଠର ସମ୍ପାଦକ ପରମସିବାୟା ଓ ଆଇନଜୀବୀ ଗଙ୍ଗାଧରାୟା ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ପୁଲିସ୍ ଉଦ୍ୟମ ଜାରି ରଖିଛି। ମଠର ଶିକ୍ଷାନୁଷ୍ଠାନରେ ପଢୁଥିବା ଦୁଇ ନାବାଳିକା ଛାତ୍ରୀ ଶିବମୂର୍ତ୍ତିଙ୍କ ନାଁ ଦୁଷ୍କର୍ମ ଅଭିଯୋଗ ଆଣିଥିଲେ। ଏନେଇ ସେମାନେ 'ଓଦାନାଦି ସେବା ସଂସ୍ଥା' ନାମକ ଏନ୍ ?ଜିଓ ପାଖରେ ପହଞ୍ଚିଥିଲେ। ଏହି ଏନ୍ ?ଜିଓ ପକ୍ଷରୁ ଜିଲ୍ଲା ଶିଶୁ ମଙ୍ଗଳ କମିଟିକୁ ଘଟଣା ସଂକ୍ରାନ୍ତରେ ଅବଗତ କରାଯିବା ସହ ପୁଲିସ୍‌ରେ ଅଭିଯୋଗ କରାଯାଇଥିଲା। ଏନେଇ ଶିବମୂର୍ତ୍ତିଙ୍କ ସମେତ ୫ ଜଣଙ୍କ ନାଁରେ ଏଫଆଇଆର କରାଯାଇଥିଲା। ମୁରୁଘା ମଠଦ୍ୱାରା ପରିଚାଳିତ ହଷ୍ଟେଲରେ ରହୁଥିବା ୧୫ ଓ ୧୬ ବର୍ଷୀୟ ଏହି ଦୁଇ ନାବାଳିକା ସାଢ଼େ ୩ ବର୍ଷରୁ ଅଧିକ ସମୟ ହେବ ଯୌ?ନ ନିର୍ଯାତନାର ଶିକାର ହୋଇଆସୁଥିଲେ। ଅନେକ ବର୍ଷ ହେଲାଣି ମଠରେ ଏଭଳି ଅପକର୍ମ ଚାଲିଛି। କିନ୍ତୁ ଭୟରେ ପିଲାମାନେ କିଛି କହି ପାରୁନାହାନ୍ତି। ଆମେ କୌଣସି ଚାପ ଅଥବା ଧମକ ଭୟରେ ଡରିବୁ ନାହିଁ। ପିଲାମାନଙ୍କର ଅଧିକାର ସୁରକ୍ଷିତ ରଖିବା ସମାଜର କର୍ତ୍ତବ୍ୟ। ଆମେ ଏଥିପ୍ରତି ପ୍ରତିବଦ୍ଧ ବୋଲି ଏନ୍‌ଜିଓ ସଂସ୍ଥା 'ଓଦାନାଦି ସେବା ସମିତି'ର ମୁଖ୍ୟ କହିଥିଲେ।

## ପୋକ୍ସୋ କୋର୍ଟ ବିଚାରପତିଙ୍କ....

ଫ୍ୟାନ୍ ରେ ଝୁଲନ୍ତା ଅବସ୍ଥାରେ ପାଇଥିଲେ। ତାଙ୍କୁ ତଳକୁ ଓହ୍ଲାଇ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏସିପି ତାପସ ପ୍ରଧାନ କହିଛନ୍ତି, ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ଲାଗୁଛି। ତାଙ୍କ ବେକରେ ଦାଗ ଓ ଆଂଚୁଡ଼ା ଚିହ୍ନ ରହିଛି। ସାଧାରଣତଃ ଝୁଲିପଡ଼ି ଆତ୍ମହତ୍ୟା କଲେ ଏଭଳି ଦାଗ ସୃଷ୍ଟି ହୋଇଥାଏ। ଘଟଣାସ୍ଥଳରୁ ଏକ ରଶି ମିଳିଛି। ତାକୁ ଜବତ କରାଯାଇଛି ଓ ପରୀକ୍ଷା ପାଇଁ ପଠାଯିବ। ସାଇଂଟିଫିକ୍ ଟିମ୍ ମଧ୍ୟ ଘଟଣାସ୍ଥଳରେ ଯାଂଚ କରିଛି। ତାଙ୍କ ମୃତଦେହକୁ ଯାଂଚ କରାଯାଇଛି। ଏବେ ତାଙ୍କ ପରିବାର ଲୋକଙ୍କ ସହିତ ଆଲୋଚନା କଲା ଭଳି ସ୍ଥିତି ନାହିଁ। ତେଣୁ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ତଦନ୍ତ କରାଯାଉଛି।

## ଆସୁଛି ୨ଟି ଲଘୁଚାପ....

ଗୁଡ଼ିକ କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ। ସେହିପପରି ୩ ତାରିଖ ସକାଳ ସାଢ଼େ ୮ଟାରୁ ୪ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ୧୭ଟି ଜିଲ୍ଲା- ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ବଲାଙ୍ଗିର, ସୋନପୁର, ବୌଦ୍ଧ, ନୟାଗଡ଼, ଅନୁଗୋଳ, ଢେଙ୍କାନାଳ, କଟକ, କେନ୍ଦୁଝର ଓ ମୟୂରଭଞ୍ଜ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସବୁ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ରାଜ୍ୟରେ ଦୁର୍ବଳ ମୌସୁମୀ ପ୍ରବାହ ଜାରି ରହିଛି। ଏହା ପ୍ରଭାବରେ ଉଚ୍ଚ ତାପମାତ୍ରା ଏବଂ ଆର୍ଦ୍ରତା ପ୍ରଭାବରେ ଉପକୂଳ ସମେତ ବିଭିନ୍ନ ଆଭ୍ୟନ୍ତରୀଣ ଜିଲ୍ଲାଗୁଡିକରେ ଗୁଳୁଗୁଳି ଜାରି ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି।

## ଭାରତୀୟ ନୌସେନାରେ ସାମିଲ....

ବିଜୟଲକ୍ଷ୍ମୀ । ପରବର୍ତ୍ତୀ ସମୟରେ ଏହା ଆଇଏନଏସ ବିକ୍ରାନ୍ତଭାବେ ଜଣାଯାଇଥିଲା । ଏହାକୁ ବ୍ରିଟେନର ୱିକର୍ସ-ଆମଷ୍ଟ୍ରଂଗ ସିପୟାଡରେ ନିର୍ମାଣ କରାଯାଇଥିଲା । ୧୯୪୫ରୁ ୧୯୫୭ ପର୍ଯ୍ୟନ୍ତ ବ୍ରିଟେନ ନୌସେନାରେ ଆଇଏନଏସ ଏଚଏମଏସ ବା ମାଜେଷ୍ଟି ସିପ୍ ଭାବେ ସାମିଲ ଥିଲା । ୧୯୫୭ ମସିହାରେ ଭାରତକୁ ବ୍ରିଟେନ ଏହା ବିକ୍ରି କରିଥିଲା । ଆଇଏନସ ବିକ୍ରାନ୍ତଙ୍କୁ ନୂଆ ରୂପରେ ୧୯୬୧ ମସିହାରେ ଭାରତରେ ସାମିଲ କରାଯାଇଥିଲା । ୧୯୭୧ ମସିହା ଭାରତ-ପାକିସ୍ତାନ ଯୁଦ୍ଧରେ ବଡ ଭୂମିକା ତୁଲାଇଥିଲା ଆଇଏନଏସ ବିକ୍ରାନ୍ତ । ୨୦୧୪ ମସିହାରେ ସେନାରୁ ଅବସର ନେଇଥିଲା । ପରେ ୬୦କୋଟି ଟଙ୍କାରେ ଏହାକୁ କିଣିଥିଲା ଘରୋଇ କମ୍ପାନୀ । ଯାହାକୁ ନେଇ ଅସନ୍ତୋଷର ସ୍ୱର ଉତୋଳନ ମଧ୍ୟ ହୋଇଥିଲା

## ଟିଏମସି ନେତା ଅଭିଷେକ ....

କିଛି ଅଞ୍ଚଳରେ ବେଆଇନ ଖଣି ଏବଂ ପରିବହନ ସହ ଜଡ଼ିତ ଏକ ମାମଲା ସିବିଆଇ ପଞ୍ଜିକୃତ କରିଥିଲା। ଲିଜ୍ ଅଞ୍ଚଳରେ ବେଆଇ କୋଇଲା ଖଣି ଏବଂ ଏହାର ପରିବହନ ହେଉଥିବା ଖବର ସିବିଆଇ ପାଇଥିଲା। ଏହା ପରେ ବହୁ ପରିମାଣର କୋଇଲା ଜବତ କରାଯାଇଥିଲା। ସିବିଆଇ ଘରୋଇ କମ୍ପାନୀ କର୍ମଚାରୀଙ୍କ ସମେତ ରେଳବାଇ ଏବଂ ସିଏସ୍‌ଏଫ୍ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଏହି ମାମଲାକୁ ଭିତ୍ତି କରି ଇଡି ଟଙ୍କା ଲଣ୍ଡରିଂ ମାମଲା ଦାଖଲ କରିଛି। ଏଥିରେ କୋଟି କୋଟି ଟଙ୍କାର କୋଇଲା ଚୋରି ହେବାର ଅଭିଯୋଗ ରହିଛି। କୋଇଲା ଚୋରିରେ ଅଭିଷେକ ବାନାର୍ଜୀଙ୍କ ନାଁ ଆସିଥିଲା।

# ତିର୍ତ୍ତୋଲ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ମାଝିଙ୍କୁ ବଜାର କମିଟି ରାହାମାର ସୌଜନ୍ୟ ସାକ୍ଷାତ



ପାରାଦ୍ୱୀପ, ୦୨/୦୯ (ନି.ପ୍ର): ଶୁକ୍ରବାର ଦିନ ତିର୍ତ୍ତୋଲ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରୂପେ ନୂତନ କାର୍ଯ୍ୟଭାର ଗ୍ରହଣ କରିଥିବା ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ମାଝୀଙ୍କୁ ଜଗତସିଂହପୁର ଜିଲ୍ଲାର ପ୍ରମୁଖ ବାଣିଜ୍ୟ କେନ୍ଦ୍ର ବଜାର କମିଟି ରାହାମା ବ୍ୟବସାୟୀ ସଂଗଠନ ତରଫରୁ ଏକ ପ୍ରତିନିଧି ମଣ୍ଡଳୀ ସୌଜନ୍ୟମୂଳକ ସାକ୍ଷାତ କରି ଶୁଭେଚ୍ଛା ପ୍ରଦାନ କରିଥିଲେ। ଏହି ଅବସରରେ ରାହାମା ଅଞ୍ଚଳ ପ୍ରତି ପୋଲିସ ପ୍ରଶାସନ ସଦୟ ଦୃଷ୍ଟି ନିମନ୍ତେ ଶ୍ରୀ ମଝିଙ୍କୁ ଅନୁରୋଧ କରିବା ସହ ରାହାଜାନି, ଚୋରା ନିଶା କାରବାର, ଟ୍ରାଫିକ ସମସ୍ୟା ଇତ୍ୟାଦି ପ୍ରତି ବିଶେଷ ଧ୍ୟାନ ସହ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ପେଟ୍ରୋଲିଂ କଡାକଡି କରିବା ଦିଗରେ ଗୁରୁତ୍ୱ ପ୍ରଦାନ ନିମନ୍ତେ ବଜାର କମିଟି ସମ୍ପାଦକ ଡ଼ଃ ସୁନାକର ବେହେରା, ଜିଲ୍ଲା ପରିଷଦ ସଭ୍ୟ ରବିନାରାୟଣ ସାହୁ, ମୁଖ୍ୟ ଉପଦେଷ୍ଟା ଅଜୟ କୁମାର ସାହୁ, ଭିକାରି ଚରଣ ସେନାପତି, ସଭାପତି ଜଟାଧାରୀ ଦାସ, କାର୍ଯ୍ୟକାରୀ ସଭାପତି ମନୋଜ କୁମାର ସାହୁ,ଯୁଗ୍ମ ସମ୍ପାଦକ ଚିନ୍ମୟ ଦାସ, କୋଷାଧକ୍ଷ ରବିନ୍ଦ୍ର ନାଥ ପ୍ରଧାନ, ଉପଦେଷ୍ଟା ବଇଁଶୀଧର କୁଣ୍ଡୁ, ସଭ୍ୟ ଦୁର୍ଯ୍ୟୋଧନ ସ୍ୱାଇଁ, ସୁଲେଖ ବେହେରା ପ୍ରମୁଖ ସଦସ୍ୟ ବୃନ୍ଦ ଆଲୋଚନ କରିଥିଲେ ।

# ଦୃଷ୍ଟିହୀନ ବାଳିକାମାନଙ୍କର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ବାରିପଦା, ୦୨/୦୯ (ନି.ପ୍ର): ବାରିପଦା ଲକ୍ଷ୍ମୀପୋଷି ସ୍ଥିତ ରେଡକ୍ରସ ଦୃଷ୍ଟିହୀନ ଓ ଦିବ୍ୟାଙ୍ଗ ସ୍ୱତନ୍ତ୍ର ବିଦ୍ୟାଳୟରେ ଦୃଷ୍ଟିହୀନ ବାଳିକା ମାନଙ୍କ ଲାଗି ଚାଲିଥିବା ଏକ ୫ ଦିନିଆ କ୍ରିକେଟ ପ୍ରଶିକ୍ଷଣ ଶିବିର ଏବଂ ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇଛି । ଦୃଷ୍ଟିହୀନ ବାଳିକା ମାନଙ୍କୁ ଖେଳକୁଦରେ ଆତ୍ମନିର୍ଭର କରିବାଲାଗି ଏହାକୁ ଏକ କାର୍ଯ୍ୟଶାଳା ଭାବରେ ଆୟୋଜିତ କରିଛି ଜିଲ୍ଲାପ୍ରଶାସନ । ଏଭଳି ସ୍ୱତନ୍ତ୍ର କର୍ମଶାଳାକୁ ଆୟୋଜନ କରି ବିଦ୍ୟାଳୟର କର୍ମକର୍ତ୍ତା ବେଶ ଖୁସି ଥିବାସହ ଆଗକୁ ମଧ୍ୟ ସମସ୍ତ ଦିବ୍ୟାଙ୍ଗଙ୍କ ଲାଗି ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କହିଛନ୍ତି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହେମାଙ୍ଗିନୀ ରାଉତ । ଓଡିଶା ଦୃଷ୍ଟିହୀନ କ୍ରିକେଟ ଆସୋସିଏସନ ର ରାଜ୍ୟ ସାଧାରଣ ସମ୍ପାଦକ ସନ୍ୟାସୀ କୁମାର ବେହେରା ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେବା ସହିତ ଫାଇନାଲ ମ୍ୟାଚକୁ ମଧ୍ୟ ପରିଚାଳିତ କରିଛନ୍ତି । ରାଜ୍ୟରେ ଏଭଳି ୧୬ ଟି ସ୍ଥାନରେ କ୍ରିକେଟ ଶିବିର ଅନୁଷ୍ଠିତ ହୋଇ ଦୃଷ୍ଟିହୀନ କ୍ରିକେଟ ବିଶ୍ୱକପ ଲାଗି ଖେଳାଳି ଚୟନ କରାଯିବ ବୋଲି କହିଛନ୍ତି ସମ୍ପାଦକ ସନ୍ୟାସୀ କୁମାର ବେହେରା ।

# ଗଣେଶ ପୂଜା ଭୋଜି ଖାଇ ୨୫ ରୁ ଅଧିକ ଛାତ୍ରଛାତ୍ରୀ ଗୁରୁତର

ନୀଳଗିରି,୦୨/୦୯ (ନି.ପ୍ର): ଗଣେଶ ପୂଜା ଦିନ ଭୋଜି ଖାଇ ଛାତ୍ରଛାତ୍ରୀମାନେ ଘରକୁ ଗଲା ପରେ ରାତିରେ ୨୫ରୁଅଧିକ ଛାତ୍ରଛାତ୍ରୀଙ୍କୁ ଜ୍ୱର ହେବା ସହ କିଛି ପିଲାଙ୍କୁ ଝାଡ଼ାବାନ୍ତି ଆରମ୍ଭ ହୋଇଥିଲା । ପରେ କିଛି ଅଭିଭାବକ ପିଲାଙ୍କୁ ରାତିରେ ଆଣି ନୀଳଗିରି ମେଡିକାଲରେ ଚିକିତ୍ସିତ କରାଇଥିଲେ । ଆଜି ସକାଳେ ୨୦ରୁ ଅଧିକ ଛାତ୍ରଛାତ୍ରୀ ଆମ୍ବୁଲାନ୍ସ ଯୋଗେ ନୀଳଗିରି ମେଡିକାଲକୁ ଆସି ରକ୍ତନମୁନା ପରୀକ୍ଷା କରାଯିବା ସହ ଚିକିତ୍ସିତ ହୋଇଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ ଔପଦା ବ୍ଲକର ବାଉଁଶବଣିଆ ପଂଚାୟତର ବାଉଁଶବଣିଆ ପ୍ରାଥମିକ ବିଦ୍ୟାଳୟର ଗଣେଶପୂଜା ଉପଲକ୍ଷେ ଛୋଟ ଛୋଟ ଛାତ୍ରଛାତ୍ରୀମାନେ ଭୋଜି ଖାଇଥିଲେ । ଭୋଜି ଖାଇଲା ପରେ ପିଲାମାନେ ଘରକୁ ଗଲା ପରେ କିଛି ପିଲାଙ୍କୁ ଝାଡ଼ାବାନ୍ତି ହେବା ସହ କିଛି ପିଲାଙ୍କୁ ଜ୍ୱର ଆରମ୍ଭ ହୋଇଥିଲା । ଏହାଦେଖି ପରିବାର ଲୋକେ ବିଚଳିତ ହୋଇ ପଡ଼ିବା ସହ ପିଲାମାନଙ୍କୁ ନୀଳଗିରି ମେଡିକାଲକୁ ଆଣି ଚିକିତ୍ସିତ କରାଇଛନ୍ତି । ଘଟଣା ବାବଦରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ମଳିକଙ୍କୁ ପଚାରିବାରୁ ଗଣେଶ ପୂଜା ଭୋଜିରେ ପିଲାମାନେ ଭୋଜି ଖାଇଥିଲେ । ତତ୍‌ସହିତ ସ୍କୁଲ କମିଟିର ସଦସ୍ୟମାନେ ମଧ ଭୋଜି ଖାଇଥିଲେ । ଖାଦ୍ୟରେ କୌଣସି ବିଷାକ୍ତ ହୋଇ ନ ଥିବା ବେଳେ ଅନେକ ପିଲାଙ୍କୁ ଜ୍ୱର ହୋଇଥିବା ବେଳେ ସେମାନଙ୍କର ରକ୍ତ ପରୀକ୍ଷା କରାଯାଇଛି । ମାତ୍ରଘଟଣା ବାବଦରେ ନୀଳଗିରି ମେଡିକାଲର ଏସ.ଡି.ଏମ.ଓ. ଡା. ସରୋଜିନୀ ପ୍ରଧାନଙ୍କୁ ପଚାରିବାରୁ ଖାଦ୍ୟ ବିଷାକ୍ତ ଯୋଗୁଁ ପିଲାମାନଙ୍କୁ ଜ୍ୱର, ଝାଡ଼ାବାନ୍ତି ହୋଇଛି ବୋଲି ସୂଚନା ଦେଇଛନ୍ତି । ଜାଗୃତି ବେହେରା, ବର୍ଷା ମଲିକ, ଦିପିକା ଦନାକ, ରାଧଶ ଦଳାଇ, ମାନସୀ ମଲିକ, ବୁଧୁା ମାରାଣ୍ଡି, ରାମ ମାରାଣ୍ଡି, ଦିଷ୍ଟି ହେମରମ, ସରସ୍ୱତୀ ଦେହୁରୀ, ଖୁସି ମଲିକ, ବର୍ଷା ସିଂ, ଅଭି ସିଂ, ଶ୍ରୀରାମ ପାତ୍ର, ବିଷ୍ଣୁୟା ପାତ୍ର, ତୃଷାରନାୟକ, ସମେତ ଅନ୍ୟ ଛାତ୍ରଛାତ୍ରୀମାନେ ଆକ୍ରାନ୍ତରେ ଶିକାର ହୋଇଥିଲେ ।

# ସ୍ୱାୟତ୍ତ ଶାସନ ଦିବସରେ ସମ୍ବର୍ଦ୍ଧନା ପ୍ରଦାନ ସମାରୋହ



ଉଦଳା, ୦୨/୦୯ (ନି.ପ୍ର): ଉଦଳା, ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠିତ ହେବାର ଚଳିତ ବର୍ଷକୁ ୪୯ ବର୍ଷ ପୂରିଲା । ଆସନ୍ତା ବର୍ଷ ଏହାର ସୁବର୍ଣ୍ଣ ଜୟନ୍ତୀ ପାଳିତ ହେବ । ତେବେ ଚଳିତ ବର୍ଷ ସ୍ୱାୟତ୍ତ ଶାସନ ଦିବସ ପାଳନ ମଞ୍ଚରେ ସହରର କିଛି ମାନ୍ୟ ଗଣ୍ୟ ବ୍ୟକ୍ତିଙ୍କୁ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନଙ୍କ ମଧ୍ୟରେ ପ୍ରଥମେ ଥିଲେ ଜୟଚନ୍ଦ୍ର ପତ୍ରୀ, ଯିଏକି ଚଳିତ ବର୍ଷ ୯୨ ବର୍ଷ ବୟସରେ ପଦାର୍ପଣ କଲେ । ଉଦଳା ଗ୍ରାମପଞ୍ଚାୟତକୁ ବିଜ୍ଞାପିତ ଅଞ୍ଚଳ ପରିଷଦରେ ପରିଣତ କରାଇବାରେ ମୁଖ୍ୟ ଭୂମିକା ନେଇଥିଲେ । ତା ଛଡ଼ା ସହର ମଧ୍ୟରେ ଅନେକ ଗୁଡ଼ିଏ ଅନୁଷ୍ଠାନ ଗଠନ କରି ସହରର ଉନ୍ନତିରେ ମୁଖ୍ୟ କର୍ଣ୍ଣଧାର ସାଜିଥିଲେ । ଏହାପରେ ଥିଲେ ବଳଭଦ୍ର ଦାସ, ଯିଏକି ଚଳିତ ବର୍ଷ ୮୭ ବର୍ଷ ବୟସରେ ପଦାର୍ପଣ କଲେ । ଅତିତରେ ପରିଷଦର କାଉନସିଲର ଭାବରେ ନିର୍ବାଚିତ ହୋଇଥିଲେ । ତାହାଛଡ଼ା ବିଭିନ୍ନ ଅନୁଷ୍ଠାନ ସହିତ ନିଜକୁ ନିୟୋଜିତ କରି ସହର ଗଠନରେ ମୁଖ୍ୟ ଭୂମିକା ନିଭାଇଥିଲେ । ଏହାପରେ ଥିଲେ ରଘୁମଣୀ ତ୍ରିପାଠୀ, ଯିଏକି ଚଳିତ ବର୍ଷ ୮୮ ବର୍ଷ ବୟସରେ ପଦାର୍ପଣ କଲେ । ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡ଼ ନଂ-୧ର ପ୍ରଥମ କାଉନସିଲର ଥିଲେ । ତାହାଛଡ଼ା ସହର ମଧରେ ଏକ ଆଧାତ୍ମିକ ବାତାବରଣ ଖେଳାଇଦେବାରେ ମୁଖ୍ୟ ଭୂମିକା ନେଇଥିଲେ । ଯାହାର ଛାପ ଆଜିବି ଜନମାନସରୁ ଲିଭି ନାହିଁ । ଶେଷରେ ଉଦଳାର ଛାତ୍ର ସମୀର କୁମାର ଜେନା, ଯିଏକି ଚଳିତ ବର୍ଷ ଆଇ.ଏ.ଏସ୍. ପାଇବା ସହିତ ଉଦଳାର ନାମଟିକୁ ସର୍ବ ଭାରତୀୟ ସ୍ତରରେ ପରିଚିତ କରାଇପାରିଥିଲେ । ସେହିପରି ଉଦଳାର ଛାତ୍ରୀ ରିତିକସ୍ତୁରୀ ସାମଲ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କପ୍ତିପଦା ଉପଖଣ୍ଡର ପ୍ରଥମ ସ୍ଥାନ ଅଧିକାର କରି ଉଦଳା ପାଇଁ ଗର୍ବ ଓ ଗୌରବ ଆଣିଥିଲେ । ଏହିସବୁ ବ୍ୟକ୍ତି ବିଶେଷଙ୍କୁ ମୁଖ୍ୟ ଅତିଥି ବିଧାୟକ ଭାସ୍କରଚନ୍ଦ୍ର ମଡ୍ଡେଇ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ମଞ୍ଚରେ ଅନ୍ୟ ମାନଙ୍କ ମଧ୍ୟରେ ନଗରପାଳ ପ୍ରମିଳା ପଣ୍ଡା, ଉପନଗରପାଳ ଲିଲି ଭୋଳ, ଉଦଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଯାନୀ ଭୂୟାଁ, ତହସିଲଦାର ମଧୁଲିକା ଓ ନିର୍ବାହୀ ଅଧିକାରୀ ବିଦ୍ୟାଧର ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଜିଠୁ ସ୍ପେଶାଲ ଓଜେଇଇ

ଭୁବନେଶ୍ୱର,୦୨/୦୯ (ନି.ପ୍ର): ସେପ୍ଟେମ୍ବର ୩ (ଶନିବାର) ଠାରୁ ସ୍ୱତନ୍ତ୍ର ଓଜେଇଇ ଅନୁଷ୍ଠିତ ହେବ। ସେପ୍ଟେମ୍ବର ୩,୪ ଓ ୭ ତାରିଖରେ ଏମବିଏ, ବି ଟେକ୍, ବି ଫାର୍ମା ବିଭାଗର ପରୀକ୍ଷା ହେବ। ସକାଳ ୯ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୫ ଟାରେଶେଷ ହେବ ପରୀକ୍ଷା। ୪ଟି ସିଫ୍ଟରେ ପରୀକ୍ଷାର୍ଥୀ ଦେବେ ପରୀକ୍ଷା। ସିବିଟି ବା କମ୍ପୁଟର ବେସଡ ଟେଷ୍ଟ ମାଧମରେ ପରୀକ୍ଷା ହେବ। ମୋଟ ୨୮,୬୨୦ ଜଣ ପରୀକ୍ଷାର୍ଥୀ ସ୍ପେଶାଲ ଓଜେଇଇ ଦେବେ। ଏହି ପରୀକ୍ଷା ଓଡ଼ିଶାର ୨୮ଟି ସହରରେ ୩୮ କେନ୍ଦ୍ରରେ ଅନୁଷ୍ଠିତ ହେବ। ଓଡିଶା ବାହାରେ ୩ ଟି ସହର ଯଥା କୋଲକାତା, ରାଂଚି ଏବଂ ପାଟନାରେ ମଧ କେନ୍ଦ୍ର କରାଯାଇଛି। ପ୍ରାର୍ଥୀମାନେ ସେମାନଙ୍କର ଆବେଦନ ନମ୍ବର ଏବଂ ଜନ୍ମ ତାରିଖ ବ୍ୟବହାର କରି ଓଜେଇଇ ୱେବସାଇଟରୁ ସେମାନଙ୍କର ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ଏନେଇ ଓଜେଇଇ ଅଧକ୍ଷ ସୁଦିପ କୁମାର ଚାନ୍ଦ ସୂଚନା ଦେଇଛନ୍ତି।

## ରାଜଧାନୀରେ ୬୪ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୦୨/୦୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଶୁକ୍ରବାର ମୋଟ ୬୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୭୧ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୫ ହଜାର ୧୪୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୨ ହଜାର ୯୯୫ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୯୨୭ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଗତକାଲି ଭୁବନେଶ୍ୱରରେ ୨୮ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

# ରାଜ୍ୟ ସ୍ତରୀୟ ଯୋଗାସନ ପ୍ରତିଯୋଗିତା ପାଇଁ ଉଦଳାରେ ଅନୁଷ୍ଠିତ ହେଲା ମନୋନୀତ ପର୍ବ




ଉଦଳା, ୦୨/୦୯ (ନି.ପ୍ର): ସ୍ଥାନୀୟ ଗୁରୁକୁଳ ବିଦ୍ୟାମନ୍ଦିର ପରିସରରେ ରାଷ୍ଟ୍ର୍ୟ ଯୋଗାସନ ଖେଳ ସଂଗଠନ ମୟୂରଭଞ୍ଜ ଶାଖା ତରଫରୁ ଜିଲ୍ଲା ସ୍ତରୀୟ ଯୋଗାସନ ପ୍ରତିଯୋଗିତା ଚଳିତ ସେପ୍ଟେମ୍ବର ୧ ତାରିଖ ଗୁରୁବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ପ୍ରତିଯୋଗିତାର ମୟୂରଭଞ୍ଜର ବିଭିନ୍ନ ଅଞ୍ଚଳରୁ ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କୁ ୩ଟି ବିଭାଗରେ ବିଭକ୍ତ କରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଥମ ବିଭାଗରେ ୯ ରୁ ୧୪ ବର୍ଷ ବଙ୍କଳ ବାଳିକା, ଦିତୀୟ ବିଭାଗରେ ୧୪ ରୁ ୧୮ ବର୍ଷ ଏବଂ ତୃତୀୟ ବିଭାଗଟି ୧୮ ବର୍ଷ ବୟସରୁ ଉର୍ଦ୍ଧ ବଙ୍କଳ ବାଳିକା ମାନଙ୍କୁ ନେଇ ଗଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମନୋନିତ ହେଲେ । ବିଚାରକ ଭାବରେ ବାଲେଶ୍ୱରରୁ ଆସିଥିବା ମନୋଜ କୁମାର ଦେ, ମୁକ୍ତିକାନ୍ତ ପାଣିଗ୍ରାହୀ, ବାରିପଦାରୁ ଜ୍ୟୋତି ରଂଜନ ଦାସ ଓ ଉଦଳାର ବ୍ରହ୍ମାନନ୍ଦ ନାୟକ ନିଜ ନିଜର ଦାୟିତ୍ୱ ତୁଲାଇଥିଲେ । ପତଞ୍ଜଳୀ ଯୋଗ ସମିତିର ଶୁଶାନ୍ତ କୁମାର ବାରିକ, କ୍ଷୀରୋଦ ବିନ୍ଧାଣୀ, ନାରାୟଣ ବେହେରା ସହଯୋଗ କରିଥିଲେ । ଜିଲ୍ଲା ସଂଯୋଜକ ଜୟଗୋପାଲ ରାୟ ଏବଂ ଜୀବନ କୁମାର ବେହେରା ପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ ବିଦ୍ୟା ମନ୍ଦିରର ଅଧକ୍ଷା ତନୁରେଖା ମହାପାତ୍ର କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# କାଇପଦର ଶ୍ରୀଜଗନ୍ନାଥ କଲେଜରେ ଆନ୍ତଃ ସବୁଜ ମହୋତ୍ସବ



ଖୋର୍ଦ୍ଧା,୦୨/୦୯ (ନି.ପ୍ର): ୨/୯ ଖୋରଧା ବ୍ଲକ ଅନ୍ତର୍ଗତ କାଇପଦର ଶ୍ରୀଜଗନ୍ନାଥ କଲେଜରେ ଆନ୍ତଃ କଲେଜ ସବୁଜ ମହୋତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା, ଏନ୍.ସି.ସି., ରେଡ଼କ୍ରସ୍ ୟୁନିଟ୍, ଆଦିର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଉତ୍ସବରେ ନିକଟସ୍ଥ ୧୦ ଗୋଟି ମହାବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଯୋଗଦାନ କରିଥିଲେ । ଏହି ଉତ୍ସବକୁ ଉଦ୍‌ଘାଟନ କରି ଭୁବନେଶ୍ୱର ସଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ କହିଲେ, ବର୍ତ୍ତମାନ ସମୟରେ ପରିବେଶକୁ ସୁସ୍ଥ ରଖିବା ପାଇଁ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ଅଛି । ଏଥିରେ ଛାତ୍ରଛାତ୍ରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବା ଉଚିତ୍ । ସେହିପରି ପ୍ରତ୍ୟେକ ଛାତ୍ରଛାତ୍ରୀ ଉଚ୍ଚାଭିଳାଷୀ ହେବା ସହ ଉଚ୍ଚ ସ୍ୱପ୍ନ ଦେଖି , ସ୍ୱପ୍ନକୁ ସାକାର କରିବା ପାଇଁ କଠିନ ପରିଶ୍ରମ କରିବା ନିତ୍ୟାନ୍ତ ଆବଶ୍ୟକ । ଏଥିରେ ମୁଖ୍ୟବକ୍ତା ଭାବେ କାଇପଦର ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ତଥା ଖୋର୍ଦ୍ଧାର ପୂର୍ବତନ ବିଧାୟକ ଡ଼ଃ ଦିଲ୍ଲୀପ ଶ୍ରୀଚନ୍ଦନ ଯୋଗଦେଇ କହିଲେ କାଇପଦର ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ପାଇ ପ୍ରତିବେଳେ କାର୍ଯ୍ୟ କରିଆସିଛି । ଏହି ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଧୟନ ସହିତ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ପ୍ରତି ଅଧିକ ଧାନ ଦେଇଥାନ୍ତି । ଏହି କଲେଜ ପରିସରରେ ଥିବା ୧୦ହଜାରରୁ ଉର୍ଦ୍ଧ୍ୱ ଗଛ କୌଣସି ମୂଲିଆମାନଙ୍କ ଦ୍ୱାରା ନୁହେଁ, ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରୋପଣ କରାଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ତରୁଣକାନ୍ତି ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବର ପ୍ରାରମ୍ଭରେ ରେଡ଼କ୍ରସ୍ କାଉନ୍‌ସିଲର୍ ଅଧାପକ ଡ଼ଃ ଜନ୍ମେଜୟ ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବରେ ଯୁବ ସମାଜସେବୀ ଶ୍ରୀ ପ୍ରକାଶ ରଣବିଜୁଳି, କଲେଜର ଉପାଧକ୍ଷ ଶ୍ରୀ ପ୍ରତାପ ଚନ୍ଦ୍ର ଛୋଟରାୟ, ଅଧାପିକା ସଞ୍ଜଳା ସାମନ୍ତରାୟ, ପ୍ରମୁଖ ଏହି ଉତ୍ସବରେ ବକ୍ତବ୍ୟ ପ୍ରଦାନ କରି ଛାତ୍ରଛାତ୍ରୀମାନେ ବର୍ତ୍ତମାନ ପରିବେଶ ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ବୃକ୍ଷରୋପଣ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀଙ୍କୁ କଲେଜ ପକ୍ଷରୁ ମଦର ଟେରେସା ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ମହାବିଦ୍ୟାଳୟର ଅଡ଼ିଟୋରିୟମ୍ ନିର୍ମାଣ ପାଇଁ ସାଂସଦ ପାଣ୍ଠିରୁ ୫,୦୦,୦୦୦ଟଙ୍କା (ପାଞ୍ଚ ଲକ୍ଷ) ପ୍ରଦାନ କରିବାକୁ ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଘୋଷଣା କରିଥିଲେ ।

# କମିଶନରେଟ୍ ପୋଲିସ ତରଫରୁ ରିଲିଫ ବଣ୍ଟନ



ବାଲିପାଟଣା, ୦୨/୦୯ (ନି.ପ୍ର): ଭୁବନେଶ୍ୱର ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଙ୍କ ନିର୍ଦ୍ଦେଶ ଅନୁସାରେ ଆଜି ଅପରାହ୍ନ ରେ ବନ୍ୟା ପ୍ରପୀଡ଼ିତ ବାଲିପାଟଣା ଥାନା ଅନ୍ତର୍ଗତ ଦରଡା ଗ୍ରାମରେ ବିପନ୍ନ ଲୋକ ମାନଙ୍କୁ ଶୁଖିଲା ଖାଦ୍ୟ ସହିତ ଶାଢ଼ୀ, ଲୁଙ୍ଗି,ବାଲ୍ଟି, ମଗ୍,ସାବୁନ ଇତ୍ୟାଦି ବଣ୍ଟନ କରାଯାଇଛି ।ରେଡକ୍ରସ୍ ସହଯୋଗ ରେ ସଭ୍ୟ ଦିଲ୍ଲୀପ ନାଥଶର୍ମା ଓ କମିଶନରେଟ୍ ପୋଲିସ ର ଏ ସି ପି ଲଲାଟେନ୍ଦୁ ମହାନ୍ତି କାର୍ଯ୍ୟକ୍ରମ ର ନେତୃତ୍ୱ ନେଇଥିଲେ। ବାଲିପାଟଣା ଆଇ ଆଇ ସି କୃପାସିନ୍ଧୁ ବରାଡ ଓ ଅନ୍ୟାନ୍ୟ ପୋଲିସ ଅଧିକାରୀ ବୃନ୍ଦ ତାଙ୍କୁ ସହଯୋଗ କରିଥିଲେ। ବାଲିପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିକନ୍ଦ ବେହେରା, ଶିଶୁ ଅନନ୍ତ ମହାବିଦ୍ୟାଳୟ ଅଧକ୍ଷ ନିମାଇଁ ଚରଣ ଜେନା, ପୁର୍ବତନ ଅଧକ୍ଷ ବୈକୁଣ୍ଠ ନାରାୟଣ ଦାଶ, ଉମଦେଇବ୍ରହ୍ମପୁର ସମିତି ସଭ୍ୟ ରଞ୍ଜନ ମହାପାତ୍ର ଓ ସ୍ଥାନୀୟ ପଂପଲୋ ଗ୍ରାମ ପଞ୍ଚାୟତ ର ସରପଞ୍ଚ ବାହାନ ଭୋଇ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ବନ୍ୟା ସମୟର ପରିସ୍ଥିତି ସମ୍ପର୍କରେ ଲୋକମାନେ ସେମାନଙ୍କର ଅନୁଭୂତି ବର୍ଣ୍ଣନା କରିଥିଲେ।

# ଆଜାଦି କା ଅମୃତ ମହୋତ୍ସବ ବକ୍ତୃତା ପ୍ରତିଯୋଗିତା

ଭୁବନେଶ୍ୱର,୦୨/୦୯ (ନି.ପ୍ର): ଭୁବନେଶ୍ୱର ମଂଚେଶ୍ୱର ଶିଳ୍ପାଂଚଳ ସ୍ଥିତ ବନବାସୀ କଲ୍ୟାଣ ଆଶ୍ରମର ଛାତ୍ରାବାସଠାରେ ଛାତ୍ରମାନଙ୍କ ମଧ୍ୟରେ ଗୋଟିଏ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏହାର ବିଷୟବସ୍ତୁ ଥିଲା "ଆଜାଦି କା ଅମୃତ ମହୋତ୍ସବ"। ଏହି କାର୍ଯ୍ୟକ୍ରମରେ ମୋଟ ୩୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗୀତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଲାଭ କରିଥିବା ଛାତ୍ରମାନଙ୍କୁ ପୁରସ୍କାର ଓ ମାନପତ୍ର ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱରର ସାମାଜିକ ସଂଗଠନ "ପ୍ରଭୁ କଲ୍ୟାଣ ଟ୍ରଷ୍ଟ" ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରାବାସର ଛାତ୍ରନିବାସ ପ୍ରମୁଖ ଯଶପାଲ ଗହୀର ଏବଂ ପରିଚାଳନା ମଣ୍ଡଳୀ ଆନ୍ତରିକ ସହଯୋଗ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆନ୍ତରିକ ସହଯୋଗ କରିଥିବାରୁ ଭୁବନେଶ୍ୱରର ସାମାଜିକ ସଂଗଠନ "ପ୍ରଭୁ କଲ୍ୟାଣ ଟ୍ରଷ୍ଟ" ର ଟ୍ରଷ୍ଟି ତଥା ଜ୍ୟୋତିର୍ବିଦ୍ ରଜତ କୁମାର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଜଳେଶ୍ୱର ସହର ମଧ୍ୟରେ ଥିବା ପୂର୍ତ୍ତ ବିଭାଗର ରାସ୍ତା ମରଣ ଯନ୍ତା : ବିଜେପି ପକ୍ଷରୁ ଦାବିପତ୍ର



ଜଳେଶ୍ୱର, ୦୨/୦୯ (ନି.ପ୍ର): ଜଳେଶ୍ୱର ବ୍ଲକ ସମ୍ମୁଖରୁ ବଡବଜାର ଛକ ପର୍ଯ୍ୟନ୍ତ ଏବଂ ଜଳେଶ୍ୱର ବାଟଗ୍ରାମ ରାସ୍ତାର ବଡବଜାର ଛକଠାରୁ ନୂଆବଜାର ଏନ୍.ଏଚ୍-୬୦ ବାଇପାସ୍ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇଛି । ବିଭିନ୍ନ ସ୍ଥାନରେ ବଡବଡ ଗର୍ତ୍ତ ସୃଷ୍ଟି ହୋଇ ଯାନବାହାନ ଯାତାୟାତରେ ବ୍ୟାଘାତ ସୃଷ୍ଟି ହୋଇଛି । ଏହି ରାସ୍ତା କଡରେ ହସ୍ପିଟାଲ, ଜଳେଶ୍ୱର ମହିଳା ମହାବିଦ୍ୟାଳୟ, ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟ, ଟ୍ଯୁନ୍ ନୋଡାଲ ବିଦ୍ୟାଳୟ, ସେଣ୍ଟ ଜେଣ୍ଟ କନ୍‌ଭେଣ୍ଟ ସ୍କୁଲ ଇତ୍ୟାଦି ରହିଥିବାରୁ ପ୍ରତିଦିନ ହଜାର ହଜାର ଛାତ୍ରଛାତ୍ରୀ ଯିବା ଆସିବାରେ ବ୍ୟାଘାତ ସୃଷ୍ଟି ହେଉଛି ଓ ପ୍ରତିଦିନ ଛୋଟ, ବଡ ଦୁର୍ଘଟଣାମାନ ଘଟୁଛି । ଏ ସମ୍ପର୍କରେ ଭାଜପା ର ନଗର ସଭାପତି ଫାଲଗୁନି ପାଣିଗ୍ରାହୀଙ୍କ ନେତୃତ୍ୱରେ ବରିଷ୍ଠ ନେତା ଅରୁଣ ବେଜ, ନଗର ଉପସଭାପତି ନନ୍ଦନ ଦତ୍ତ, ଅନନ୍ତ ଦାସ, ସୁମତି ରଣା, ରଂଜନ ପାତ୍ର, ଜଗନ୍ନାଥ ଗୋଛାୟତ, ରାଜୀବ ଘୋଷ, ରାଜା ସାହୁ, ରବିନ୍ଦ୍ର ପାତ୍ର ଓ ଦୂର୍ଗଶଂକର ଭୂୟାଁ ପ୍ରମୁଖ ପୁର୍ତ୍ତ ବିଭାଗର ଯନ୍ତ୍ରୀ ନିହାର ରଂଜନ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।

# ୬ ଜଣିଆ କୁଖ୍ୟାତ ଲୁଟେରା ଗ୍ୟାଙ୍ଗ ଗିରଫ

## ହୋଣ୍ଡାସିଟି କାର ସହ ପିସ୍ତଲ ଓ ଲକ୍ଷାଧିକ ଟଙ୍କା ଜବତ



ବାରିପଦା, ୦୨/୦୯ (ନି.ପ୍ର): ହୋଣ୍ଡା ସିଟି କାରରେ ଆସି ପିସ୍ତଲ ଦେଖାଇ ଦିନ ଦ୍ୱିପହରରେ ପୋଲିସ ଆଖିରେ ଧୂଳି ଦେଇ ଲୁଟ ତରାଜ ଚଳାଇଥିବା ୬ ଜଣ ଲୁଟେରାଙ୍କୁ ରାସଗୋବିନ୍ଦପୁର ପୋଲିସ ଗିରଫ କରିଥିବାର ଜଣାଯାଇଛି । ସୂଚନା ମୁତାବକ ଏହି ଲୁଟେରା ଦଳ ଏକ ହୋଣ୍ଡାସିଟି କାର ରେ ଆସି ୩ ଜଣ ବ୍ୟବସାୟୀଙ୍କୁ ଅଟକାଇ ସେମାନଙ୍କଠାରୁ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିବାର ଅଭିଯୋଗ ହୋଇଥିଲା । ଅଭିଯୋଗ ମୁତାବକ ପୋଲିସ ଟିମ ପିଛା କରି ଲୁଟେରା ଗ୍ୟାଙ୍ଗକୁ ଅମର୍ଦ୍ଦାରୋଡ ନିକଟରୁ ଗିରଫ କରିଥିଲା । ଗିରଫ ୬ ଜଣ ଡକାୟତଙ୍କ ନିକଟରୁ ନଗଦ ୧ ଲକ୍ଷ ୧ ହଜାର ୮ସହ ତିରିଶ ଟଙ୍କା ସହିତ ଗୋଟିଏ ହୋଣ୍ଡାସିଟି କାର, ତିନୋଟି ମୋବାଇଲ ତିନୋଟି ଗୋଟିଏ ଦେଶୀ ପିସ୍ତଲ, ୨ଟି ଖେଳନା ବନ୍ଧୁକ ଓ ଗୁଳି ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରାଯାଇଛି । ରାସଗୋବିନ୍ଦପୁର ଏୟାର ଫିଲଡରେ ନିକଟରେ ଏହି ଡକାୟତି ଘଟଣା ଘଟିଥିବା ବେଳେ ଗିରଫ ୬ ଡକାୟତ ଖୋର୍ଦ୍ଧା ଅଂଚଳର ବୋଲି ଜଣାପଡ଼ିଛି । ତେବେ ଏମାନଙ୍କୁ ଧରିବା ପାଇଁ ପୋଲିସ ଜାଲ ବିଛାଇଥିବା ବେଳେ, ଭୁବନେଶ୍ୱର ଅଂଚଳର ତିନି ଜଣ ବ୍ୟବସାୟୀ କଲିକତାରୁ ରାସଗୋବିନ୍ଦପୁର ବାଟଦେଇ ଭୁବନେଶ୍ୱର ଫେରୁଥିବା ବେଳେ ଏହି ୬ଜଣିଆ ଲୁଟେରା ଗ୍ୟାଙ୍ଗ ବ୍ୟବସାୟଙ୍କୁ ପିସ୍ତଲ ମୁନରେ ଧମକଦେଇ ଟଙ୍କା ଲୁଟି ନେଇଥିଲେ । ତେବେ ତତକ୍ଷଣାତ ପୋଲିସର ପାଟ୍ରୋଲିଂ ଗାଡି ଆସିଯିବାରୁ ସେମାନେ ଖସିପଳାଇ ଯାଇଥିଲେ ତେବେ ଲୁଟର ଶିକାର ହୋଇଥିବା ବ୍ୟବସାୟୀ ମାନେ ଘଟଣା ସମ୍ପର୍କରେ ପୋଲିସକୁ ଅବଗତ କରିବା ପରେ ପୁଲିସ ଟିମ ଡକାୟତଙ୍କୁ ଗୋଡ଼ାଇ ଗୋଡାଇ ବାଲେଶ୍ୱର ଜିଲ୍ଲା ଅମର୍ଦ୍ଦା ରୋଡ ନିକଟରୁ ଗିରଫ କରିଥିଲେ । ଗିରଫ ଅଭିଯୁକ୍ତ ମାନେ ହେଲେ ସାଗର କୁମାର ଭୋଇ, ମିର୍ଜା ମୁକ୍ତାର ବେଗ, ମିର୍ଜା ହାମଶୋର ବେଗ, ସନ୍ତୋଷ ସେଠି, ଲିଙ୍ଗରାଜ ମହାନ୍ତି, ତୁଷାର କୁମାର ଦାସ ଏମାନେ ସବୁ ଖୋର୍ଦ୍ଧା ଜିଲ୍ଲାର ବୋଲି ଜଣା ପଡିଛି । ପୂର୍ବରୁ ଏମାନଙ୍କ ନାମରେ ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ଥାନାରେ ମଧ କେଶ ମଧ ରହିଛି । ରାସଗୋବିନ୍ଦପୁର ପୋଲିସ ଅଭିଯୁକ୍ତ ଙ୍କ ନାମରେ କେଶ ନମ୍ବର ୧୯୨/୨୨ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବେତନଟୀ ଏସଡିପିଓ ସୁଦର୍ଶନ ଦାସ ଓ ରାସଗୋବିନ୍ଦପୁର ଥାନା ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି ।

# ନୃତ୍ୟଶିଖା ଫାଉଣ୍ଡେସନ ପାଳିଲେ ନିଆରା ଢଙ୍ଗରେ ନୂଆଖାଇ ଭେଟଭାଟ




ଜଳେଶ୍ୱର, ୦୨/୦୯ (ନି.ପ୍ର): ପଶ୍ଚିମ ଓଡିଶାରେ ପାଳିତ ହେଉଥିବା ବଡ ପର୍ବ ନୂଆଖାଇ ଭେଟଭାଟ ଏବେ ସମଗ୍ର ରାଜ୍ୟ ତଥା ପୃଥିବୀର ବିଭିନ୍ନ ସ୍ଥାନରେ ପାଳିତ ହେଉଛି । ଗୁରୁବାର ସଂଧ୍ୟାରେ ଜଳେଶ୍ୱରର ନୃତ୍ୟଶିଖା ପକ୍ଷରୁ ନିଆରା ଢଙ୍ଗରେ ଏହି ପର୍ବ ପାଳନ କରାଯାଇଛି । ଅନୁଷ୍ଠାନର କୁନି କୁନି ଶିଳ୍ପୀ ମାନଙ୍କ ଦ୍ୱାରା ପଶ୍ଚିମ ଓଡିଶାର ନୃତ୍ୟ, ସଂଗୀତ ପରିବେଶଣ କରାଯାଇଥିବା ବେଳେ ବିଭିନ୍ନ ପ୍ରତିଯୋଗୀତାରେ କୃତି ନୃତ୍ୟଶିଳ୍ପୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଜଳେଶ୍ୱର ଏନ୍.ଏଚ୍-୬୦ ନୂଆବଜାର ବାଇପାସ୍ ନିକଟ ସୁଶ୍ରୀ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ଏହାର ପ୍ରତିଷ୍ଠାତା ତଥା ନୃତ୍ୟଗୁରୁ ସୁଶାନ୍ତ ବେହେରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଡ. ଦୀପ୍ତିମୟୀ ମହାପାତ୍ର ଯୋଗ ଦେଇ ସ୍ଥାନୀୟ ଅଂଚଳର କୁନି କୁନି ପ୍ରତିଭା ସୃଷ୍ଟି କରିବାରେ ଅନୁଷ୍ଠାନର ଭୂମିକା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ସରୋଜ ପାଣିଗ୍ରାହୀ ଯୋଗ ଦେଇ କରୋନାର ମହାମାରୀ ପରେ ଗଣେଶ ପୂଜା ଓ ନୂଆଖାଇ ଭେଟଭାଟ ସମସ୍ତଙ୍କୁ ଅଧିକ ଆନନ୍ଦିତ କରିଥିବା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠ ଯନ୍ତ୍ରୀ ତୁଷାରରଂଜନ ସାହୁ, ଶିକ୍ଷୟତ୍ରୀ ପୁଷ୍ପିତା ଦାସ ପ୍ରମୁଖ ଯୋଗ ଦେଇ କୁନି କୁନି କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ଅନୁଷ୍ଠାନର ୬୦ଜଣ ନୃତ୍ୟଶିଳ୍ପୀ ଭାଗ ନେଇଥିବା ବେଳେ ଭବେଶ ଘୋଷ, ବହୁ ଅଭିଭାବକ, ଦେବେନ୍ଦ୍ର ହୁଇ ଓ କର୍ମଚାରୀମାନେ ପରିଚାଳନା କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Managing & Executive Editor : Srustidhar Parida
❐ Editor: Sairindhree Sahoo